# ବୁଝାମଣାରେ ସମସ୍ୟା ସମାଧାନକୁ ଗୁରୁତ୍ୱ

## ମାତାପିତା, ବରିଷ୍ଠ ନାଗରିକଙ୍କ ଭରଣପୋଷଣ, କଲ୍ୟାଣ ଆଇନ ସଚେତନତା ଶିବିର

**ସୋନପୁର,୨୪।୨(ମୃତ୍ୟୁଞ୍ଜୟ ଶତପଥୀ)**



ଶିବିରରେ ଜିଲାପାଳ ଓ ଅନ୍ୟ ଅଧିକାରୀ ବୃନ୍ଦ।

ସୁବର୍ଣ୍ଣପୁର ଜିଲାପାଳ ଡ଼ ନୃପରାଜ ସାହୁଙ୍କ ଅଧ୍ୟକ୍ଷତାରେ ମାତାପିତା ଏବଂ ବରିଷ୍ଠ ନାଗରିକଙ୍କ ଭାରଣପୋଷଣ ଓ କଲ୍ୟାଣ ଆଇନ-୨୦୦୭ର ଜିଲାସ୍ତରୀୟ ସଚେତନତା ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଏହି ବୈଠକ ହୋଇଥିଲା। ତରଭା ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ କର୍ଣ୍ଣ ଏହାକୁ ପରିଚାଳନା କରିଥିଲେ। ଏଥିରେ ଜିଲାପାଳ ସାହୁ କହିଥିଲେ, ଆଜିକାଲି ଅଧିକାଂଶ ସମସ୍ୟାର ମୂଳ କାରଣ ହେଉଛି ଯୁବପିଢି ଓ ବରିଷ୍ଠଙ୍କ ମଧ୍ୟରେ ଥିବା ଚିନ୍ତାଧାରାର ବ୍ୟବଧାନ। ସେମାନେ ପରସ୍ପରକୁ ଗ୍ରହଣ କଲେ ଅନେକ ସମସ୍ୟାର ସମାଧାନ ସମ୍ଭବ ହେବ। ଆମେ ଆଇନର ସହାୟତା ନ ନେଇ ମଧ୍ୟ ବରିଷ୍ଠ ନାଗରିକଙ୍କ ସହିତ ବୁଝାମଣାରେ ରହିପାରିବା ବୋଲି ସେ କହିଥିଲେ। ବୈଠକରେ ଅତିରିକ୍ତ ଜିଲାପାଳ ଅଞ୍ଜଳିନା ପ୍ରଧାନ, ଜିଲା ସମାଜ ମଙ୍ଗଳ ଅଧିକାରୀ ବୀଣାପାଣି ମିଶ୍ର, ଜିଲା ସମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡ଼ଙ୍ଗୀ ଓ ହେଲ୍ପପେଜ ଇଣ୍ଡିଆର ପ୍ରକଳ୍ପ ସଂଯୋଜିକା ଦେବଶ୍ରୀ ବ୍ରହ୍ମା ଉପସ୍ଥିତ ଥିଲେ। ଶିବିରରେ ଭରଣପୋଷଣ ବରିଷ୍ଠ ନାଗରିକ ଆଇନ ୨୦୦୭ ବିଷୟରେ ଉପସ୍ଥିତ ଅଧିକାରୀ, ଛାତ୍ରୀଛାତ୍ର ଓ ବରିଷ୍ଠ ନାଗରିକମାନଙ୍କୁ ବୁଝାଯାଇଥିଲା।

ବ୍ରହ୍ମା କହିଥିଲେ, ଏହି ଅଧିନିୟମ କେବଳ ୬୦ବର୍ଷରୁ ଅଧିକ ବୟସ୍କଙ୍କ ପାଇଁ ନୁହେଁ, ବରଂ ଯେଉଁ ପିତାମାତାଙ୍କ ଉପରେ ଅତ୍ୟାଚାର ହେଉଛି ସେମାନେ ଏହି ଆଇନ ଅନୁଯାୟୀ ସମ୍ପୃକ୍ତ ଉପଜିଲାପାଳ ବା ଟ୍ରିବ୍ୟୁନାଲ ମାଧ୍ୟମରେ ନ୍ୟାୟ ପାଇପାରିବେ। ଯଦି ଉପଜିଲାପାଳ ବା ଟ୍ରିବ୍ୟୁନାଲ ରାୟ ଉପରେ ଅସନ୍ତୁଷ୍ଟ ହୁଅନ୍ତି, ଅପିଲ ଅଧିକାରୀ ତଥା ଜିଲାପାଳଙ୍କ ନିକଟରେ ଅପିଲ ଫାଇଲ କରିବାର ବ୍ୟବସ୍ଥା ଏହି ଆଇନରେ ଥିବା ବିଷୟ ଅବଗତ କରାଯାଇଥିଲା। ପ୍ରତ୍ୟେକ ଜିଲାରେ ୧୫୦ କ୍ଷମତାସମ୍ପନ୍ନ ବରିଷ୍ଠ ନାଗରିକ ଆଶ୍ରୟସ୍ଥଳୀ ରହିବା ଓ ଏହାର ତଦାରଖ ଜିଲାପାଳ କରିବେ ବୋଲି ସୂଚନା ଦିଆଯାଇଥିଲା। ଫର୍ମ-ଏ ପୂରଣ କରି ମାମଲା ରୁଜୁ କରିବା ଏବଂ ସଠିକ ପରିଚାଳନା ମାଧ୍ୟମରେ ପୀଡ଼ିତଙ୍କୁ ନ୍ୟାୟ ଦେବାର ବ୍ୟବସ୍ଥା ଥିବା ସଚେତନ କରାଯାଇଥିଲା। ଜିଲା ନାଗରିକ କଲ୍ୟାଣ କମିଟି ପ୍ରତିମାସରେ ଥରେ ବୈଠକ କରିବା ଆବଶ୍ୟକ ଓ ଏହି ସଚେତନତା କାର୍ଯ୍ୟକ୍ରମକୁ ପ୍ରତ୍ୟେକ ବ୍ଲକ ପହଞ୍ଚାଯିବ ବୋଲି କୁହାଯାଇଥିଲା।

# ବିନିକାରେ ଝଡ଼ବର୍ଷା, ଆଜ୍‌ବେଷ୍ଟସ୍ ଛାତ ଉଡ଼ିଲା



ଝଡ଼ତୋଫାନରେ ଘରର ଆଜ୍‌ବେଷ୍ଟସ୍ ଉଡ଼ି ଯାଇଛି।

**ବିନିକା,୨୪।୨(ରାମ ଗୋପାଳ ବାଘ)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଅଞ୍ଚଳରେ ସୋମବାର ସନ୍ଧ୍ୟାରେ ଝଡ଼ ବର୍ଷା ହୋଇଛି। ଅନେକ ଲୋକଙ୍କ ଘର ଛପର ଉଡିଯିବା ସହ ବ୍ୟାପକ କ୍ଷୟକ୍ଷତି ଘଟିଛି। ଘରର ଆଜବେଷ୍ଟସ ଛାତ ଉଡାଇ ନେଇଛି। ବାବୁପାଲି ପଞ୍ଚାୟତ ପାଲଶାପାଲି ଗାଁର ମୁରଲୀ ମେଲ୍ଲୀ, ସୁଦର୍ଶନ ମେଲ୍ଲୀ, କପା ମେଲ୍ଲୀ, ବଲି ମେଲ୍ଲୀ, କଲି ମେଲ୍ଲୀ, ଅଷାଢୁ ମେଲ୍ଲୀ, ଶାନ୍ତି ପଧାନ, ପ୍ରଦୀପ ବିଶି, କହ୍ନେଇ ପଧାନ, ଗଜପତି ପଧାନ, ସବ୍ୟସାଚୀ ବଡପଣ୍ଡା ଓ ବାଗଡିଆ ଗାଁର ସରୋଜ ପୋଢଙ୍କ ଘର ଭାଙ୍ଗି ଯାଇଥିବାରୁ ସେମାନେ ବାସହୀନ ହୋଇଛନ୍ତି। ବାର୍କିଘଡି ରାଜସ୍ୱ ନିରୀକ୍ଷକ ଫିରୋଜ ମେହେର ଘଟଣାସ୍ଥଳକୁ ଯାଇ କ୍ଷୟକ୍ଷତି ଆକଳନ କରିଥିଲେ। କ୍ଷତିଗ୍ରସ୍ତଙ୍କ ପାଇଁ ପଲିଥିନ ଯୋଗାଇ ଦିଆଯାଇଥିବବେଳେ ବେଶୀ କ୍ଷତିଗ୍ରସ୍ତ ପରିବାରକୁ ପଞ୍ଚାୟତ କାର୍ଯ୍ୟାଳୟରେ ରହିବା ବ୍ୟବସ୍ଥା କରାଯାଇଛି ବୋଲି ସେ କହିଛନ୍ତି। ଘଟଣାସ୍ଥଳକୁ ଅଗ୍ନିଶମ ବାହିନୀ କର୍ମଚାରୀ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି। ପ୍ରଶାସନ ପକ୍ଷରୁ କ୍ଷତିଗ୍ରସ୍ତଙ୍କୁ ଆବଶ୍ୟକ କ୍ଷତିପୂରଣ ପ୍ରଦାନ କରିବାକୁ ଦାବି ହେଉଛି।



ଶତାଧିକ ବ୍ରାହ୍ମଣ ପୁରାଣ ପାଠ କରୁଛନ୍ତି।

# ଅଷ୍ଟାଦଶ ପୁରାଣ ପଠନ

**ସୋନପୁର,୨୪।୨(ମୃତ୍ୟୁଞ୍ଜୟ ଶତପଥୀ)**

ସୋନପୁର ବ୍ଲକ ଖରଝୁରାରେ ଅଷ୍ଟାଦଶ ପୁରାଣ ପଠନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୫୫ ଜଣ ବ୍ରାହ୍ମଣ ଯୋଗଦେଇ ଅଷ୍ଟାଦଶ ପୁରାଣ ପଠନ କରିଥିଲେ। କର୍ତ୍ତା ଭାବେ ମାଳତୀ ମିଶ୍ର ଓ ସ୍ୱାମୀ ଘନଶ୍ୟାମ ମିଶ୍ର ଦାୟିତ୍ୱ ନିର୍ବାହ କରିଥିଲେ। ପୂଜକ ଉମାକାନ୍ତ ପାଣିଗ୍ରାହୀ ସମସ୍ତ ରୀତିନୀତି ଅନୁଯାୟୀ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ଏଥିରେ ବ୍ରହ୍ମ ପୁରାଣ, ପଦ୍ମ ପୁରାଣ, ମହାବିଷ୍ଣୁ ପୁରାଣ, ଶିବ ପୁରାଣ, ନାରଦ ପୁରାଣ, ମାର୍କଣ୍ଡ ପୁରାଣ, ଅଗ୍ନି ପୁରାଣ, ଭବିଷ୍ୟ ପୁରାଣ, ବ୍ରହ୍ମ ବୈବର୍ତ୍ତ ପୁରାଣ, ଲିଙ୍ଗ ପୁରାଣ, ବରାହ ପୁରାଣ, ସ୍କନ୍ଦ ପୁରାଣ, ବାମନ ପୁରାଣ, କୂର୍ମ ପୁରାଣ, ମତ୍ସ୍ୟ ପୁରାଣ, ଗରୁଡ ପୁରାଣ, ବ୍ରହ୍ମାଣ୍ଡ ପୁରାଣ, ଶ୍ରୀମଦ୍ଭାଗବତ ଗୀତା, ବିଷ୍ଣୁ ସହସ୍ର ନାମ, ଶ୍ରୀ ଗୋପାଳ ସହସ୍ର ନାମ ଓ ଶ୍ରୀ ହନୁମାନ ଚାଳିଶା ପଠନ କରାଯାଇଥିଲା। ଖରଝୁରା ଓ ଆଖପାଖ ଅଞ୍ଚଳର ଶତାଧିକ ଶ୍ରଦ୍ଧାଳୁ ଏହି ଧାର୍ମୀକ କାର୍ଯ୍ୟରେ ଯୋଗଦାନ କରି ପ୍ରଭୁଙ୍କ ଆଶିଷ ଲାଭ କରିଥିଲେ। ଭକ୍ତ ଓ ଜନସାଧାରଣଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା ହୋଇଥିଲା।

# ହୋମଗାର୍ଡଙ୍କ ଘରୁ ୮ ରନ୍ଧନ ଗ୍ୟାସ୍ ଟାଙ୍କି ଜବତ



ଅଧିକାରୀମାନେ ଜବତ କରିଥିବା ଗ୍ୟାସ ଟାଙ୍କି।

**ବିନିକା,୨୪।୨(ରାମ ଗୋପାଳ ବାଘ)**

ସୁବର୍ଣ୍ଣପୁର ଜିଲା ବିନିକା ୧୨ ନମ୍ବର ୱାର୍ଡ ଜଗଦଲପୁରର ଜଣେ ବ୍ୟକ୍ତିଙ୍କ ଘରେ ମଙ୍ଗଳବାର ଚଢାଉ କରାଯାଇ ୮ଟି ରନ୍ଧନ ଗ୍ୟାସ ଟାଙ୍କି ଜବତ କରାଯାଇଛି। ସମ୍ପୃକ୍ତ ବ୍ୟକ୍ତି ଜଣକ ବେଆଇନଭାବେ ଗ୍ୟାସ ଟାଙ୍କି ରଖି ବେପାର କରୁଥିବା ଅଭିଯୋଗ ହେବା ପରେ ଜିଲା ଯୋଗାଣ ବିଭାଗ, ବିନିକା ପୋଲିସ ପକ୍ଷରୁ ଏହି ଚଢାଉ କରାଯାଇଥିଲା। ବିନିକା ତହସିଲଦାର ତଥା ମାଜିଷ୍ଟ୍ରେଟଭାବେ ରୋଶନା ଭୋଇ, ସୁବର୍ଣ୍ଣପୁର ସିଏସ୍‌ଓ କେଦାର ନାଏକ, ଏସିଏସ୍‌ଓ ରେବତୀସ ସିଂ ନାଏକ, ସୁବର୍ଣ୍ଣପୁର ସପ୍ଲାଏ ଇନ୍ସପେକ୍ଟର ପ୍ରତ୍ୟାଶା ମିଶ୍ର, ଉଲୁଣ୍ଡା ସପ୍ଲାଏ ଇନପେକ୍ଟର ଦେବାଶିଷ ତ୍ରିପାଠୀ, ବିନିକା ସପ୍ଲାଏ ଇନ୍ସପେକ୍ଟର ପ୍ରମୋଦ ପଣ୍ଡା ଏବଂ ଥାନା ଏଏସଆଇ ଶଶୀରେଖା ଲୋହାର ପ୍ରମୁଖ ଚଢ଼ାଉରେ ସାମିଲ ହୋଇଥିଲେ। ଘର ଭିତରୁ ୮ ଟି ଗ୍ୟାସ ଟାଙ୍କି ଜବତ କରାଯିବା ସହ ଘର ମାଲିକଙ୍କୁ ଅଧିକାରୀମାନେ ପଚରାଉଚରା କରିଥିଲେ। ସମ୍ପୃକ୍ତ ବ୍ୟକ୍ତି ଜଣକ ପୋଲିସ ହୋମଗାର୍ଡଭାବେ କାମ କରୁଥିବା ଜଣାପଡିଛି।

# ଉଦ୍ଧବ ପଧାନଙ୍କୁ ଶ୍ରୀକ୍ଷେତ୍ର କଳାରତ୍ନ ସମ୍ମାନ




ଯାଦୁଗର ଉଦ୍ଧବ ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ଅମରପାଲି, ୨୪।୨(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଅନ୍ତର୍ଗତ ମା' ଉମାଦେବୀ ଅଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧାପକ ତଥା ଯାଦୁଗର ଉଦ୍ଧବ ପଧାନଙ୍କୁ ଉତ୍କଳ କଳାରତ୍ନ ସମ୍ମାନରେ ସମ୍ମାନୀତ କରାଯାଇଛି। ହେପି ମୋମେଣ୍ଟ ଇଣ୍ଡିଆର ୧୪ତମ ପ୍ରତିଷ୍ଠା ଦିବସ ଶ୍ରୀକ୍ଷେତ୍ର ପ୍ରତିଭା ସମ୍ମାନ ସମାରୋହ ଜିଲା ସଂସ୍କୃତି ଭବନ ଜଗନ୍ନାଥ ଧାମ ପୁରୀଠାରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଯାଦୁଗର ପଧାନଙ୍କୁ ଶିକ୍ଷା, ସମାଜସେବା ଏବଂ ଅନ୍ଧବିଶ୍ୱାସ ଉପରେ ସଚେତନତା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ମାନୀତ କରାଯାଇଥିଲା। ମୁଖ୍ୟ ଅତିଥିଭାବେ ଶିଶୁ କଲ୍ୟାଣ ସଂଘ ଅଧ୍ୟକ୍ଷ ଡ଼.ଅଜିତ ମହାରଣା, ସମ୍ମାନିତ ଅତିଥିଭାବେ ଆଧାତ୍ମିକ ସଂସ୍କାରକ ଆଦିମାତା କଳ୍ପନା, ଓଲିଉଡ କଳାକାର ଜୟନ୍ତ ମନ୍ତ୍ରୀ, ବିଶିଷ୍ଟ ସାହିତ୍ୟିକା ଡ଼. ରୋଜାଲିନ ସେନାପତି ଉପସ୍ଥିତ ରହି ମାନପତ୍ର, ଉପଢୌକନ ଓ ଟ୍ରଫିଦେଇ ସମ୍ମାନିତ କରିଥିଲେ। ପ୍ରଧାନଙ୍କ ଏହି ସଫଳତାରେ ସୁବର୍ଣ୍ଣପୁର ଜିଲା ଯାଦୁଗର ସଂଘ, କାଦୋଦର କଲେଜ ଅଧାପିକା, ଅଧାପକ ଏବଂ ଛାତ୍ରୀଛାତ୍ରମାନେ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ନବବଧୂଙ୍କ ବୟାନ ରେକର୍ଡ କରାଯିବ: ଏସ୍‌ପି

## ବନ୍ଧୁକ ଦେଖାଇ ନବବଧୂ ଅପହରଣ ମାମଲା

**ବଲାଙ୍ଗୀର,୨୪।୨(ବୀରେନ୍ଦ୍ର କୁମାର ଝାଙ୍କର)**

ବରକୁ ବନ୍ଧୁକ ଦେଖାଇ ନବବଧୂ ଅପହରଣ ଘଟଣା ସାରା ରାଜ୍ୟରେ ଆଲୋଡନ ସୃଷ୍ଟି କରିଥିଲା। ଏହି ଘଟଣାରେ ମୁଖ୍ୟ ଅଭିଯୁକ୍ତ ସଞ୍ଜୀବ ସାହୁଙ୍କୁ ତରଭା ଥାନା ପୋଲିସ ସମ୍ବଲପୁରରୁ ଗିରଫ କରିଛି। ସୁବର୍ଣ୍ଣପୁର ଏସ୍‌ପି ନାରାୟଣ ନାୟକ ଖବରଦାତା ସମ୍ମିଳନୀ କରି ଘଟଣାର ସବିଶେଷ ସୂଚନା ଦେବା ପରେ ଗୋଟିଏ ଅଭାବନୀୟ ଘଟଣା କିଭଳି ତିନୋଟି ପରିବାରକୁ ପ୍ରଭାବିତ କରିଛି ତାହା ଉଦ୍‌ବେଗର କାରଣ ହୋଇଛି। ଏସ୍‌ପିଙ୍କୁ ପଚରାଯିବାରେ କହିଥିଲେ, ଉଦ୍ଧାର ହୋଇଥିବା ନବବଧୂ ଜଣକ ସାବାଳିକା। ସେ ନିଜେ ତାଙ୍କର ନିଷ୍ପତ୍ତି ନେଇ ପାରିବେ। ଗୁରୁବାର ତାଙ୍କର ମେଡିକାଲ ଯାଞ୍ଚ କରାଯିବ। ଏହାପରେ କୋର୍ଟରେ ହାଜର କରାଯାଇ ତାଙ୍କ ବୟାନ ରେକର୍ଡ କରାଯିବ। ଏହି ଘଟଣାରେ ପୋଲିସ ଜବତ କରିଥିବା ସୁନା ଅଳଙ୍କାର ନେଇ ଆଇନ ଅନୁଯାୟୀ ପଦକ୍ଷେପ ନିଆଯିବ ବୋଲି ଏସ୍‌ପି ସୂଚନା ଦେଇଥିଲେ। ପ୍ରକାଶ ଯେ, ବଲାଙ୍ଗୀର ସହର କାମାକ୍ଷୀନଗର ନିବାସୀ ହରିବନ୍ଧୁ ପୁଟେଲଙ୍କ ବାପାଙ୍କ ପରଲୋକ ହୋଇଯାଇଛି । ତାଙ୍କ ମା' ତାଙ୍କୁ ଧାରକରଜ କରି ବାହା କରିଥିଲେ। ୨୧ ତାରିଖ ରାତିରେ ସୁରୁଖୁରୁରେ ତାଙ୍କର ବିବାହ ସରିଥିଲା। ନବବଧୂଙ୍କୁ ଧରି ଘରକୁ ଫେରିବା ବାଟରେ ଘଟିଲା ଅଘଟଣା । ଜଣେ ଯୁବକ ସହଯୋଗୀଙ୍କ ସହାୟତାରେ ବନ୍ଧୁକ ଦେଖାଇ ନବବଧୂଙ୍କୁ ଅପହରଣ କରିନେଲେ। ଏହି ଘଟଣା ପରେ ବର ହରିବନ୍ଧୁ ତରଭା ଥାନାରେ ଏତଲା ଦେଇ ଘରକୁ ଫେରିଥିଲେ। ତେବେ ବୋହୂ ଅପହରଣ ପରେ ବରପକ୍ଷ ଭାଙ୍ଗି ପଡିଛନ୍ତି। କୌଣସି ପରିସ୍ଥିତିରେ ଉଦ୍ଧାର ନବବଧୂଙ୍କୁ ଆଉ ଘରକୁ ନେବେନାହିଁ ବୋଲି ହରିବନ୍ଧୁ କହିଥିଲେ। ନବବଧୂଙ୍କୁ ପିନ୍ଧାଇଥିବା ସୁନା ଅଳଙ୍କାର କିପରି ମିଳିବ ସେନେଇ ଏସ୍‌ପିଙ୍କୁ ଅନୁରୋଧ କରିଥିବା କହିଥିଲେ। ସେହିପରି ମୁଖ୍ୟ ଅଭିଯୁକ୍ତ ସଞ୍ଜୀବ ପୂର୍ବରୁ ବିବାହିତ । ଅପହରଣ ଘଟଣା ଜାଣିବା ପରେ ତାଙ୍କ ସ୍ତ୍ରୀ କୁନି ଝିଅ ସହ କିଭଳି ଦିନ କାଟିବେ ଚିନ୍ତାରେ ପଡିଛନ୍ତି। ସେ ମଧ୍ୟ ମଙ୍ଗଳବାର ତରଭା ଥାନାକୁ ଆସିଥିଲେ। କୁନି ଝିଅକୁ ଧରି ଥାନା ପରିସରରେ ଠିଆ ହୋଇଥିଲେ। ଗଣମାଧ୍ୟମକୁ ବିଶେଷ କିଛି କହିଲେ ନାହିଁ। ଘଟଣା ଦିନ ସେ ତାଙ୍କ ବାପଘରେ ଥିଲେ ବୋଲି କହିଥିଲେ। ଏସ୍‌ପି ନାୟକ କହିଥିଲେ, ଏହା ଏକ ଯୋଜନାବଦ୍ଧ ଅପହରଣ ଘଟଣା। ଅଭିଯୁକ୍ତଙ୍କ ନାଁରେ ଏକାଧିକ ସଙ୍ଗୀନ ଅଭିଯୋଗ ରହିଛି। ଅପରପକ୍ଷରେ ସମ୍ପୃକ୍ତ ନବବଧୂଙ୍କ ଭବିଷ୍ୟତ କ'ଣ ହେବ ତାହା ଚିନ୍ତାର କାରଣ ହୋଇଛି। ହେଲେ ଏହି ଅପହରଣ ଘଟଣାକୁ ନେଇ ସବୁ କଳ୍ପନା ଜଳ୍ପନାର ଅବସାନ ଘଟାଇ ଅଭିଯୁକ୍ତ ସଞ୍ଜୀବ ଏବେ ଜେଲ ହାଜତକୁ ଯାଇଛନ୍ତି।

# ଶୋକସଭାରେ ଚାଷୀନେତା ରାଜେନ୍ଦ୍ର ମିଶ୍ରଙ୍କ ସ୍ମୃତିଚାରଣ



ଚାଷୀନେତାମାନେ ସ୍ୱର୍ଗତ ରାଜେନ୍ଦ୍ର ମିଶ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି।

**ତରଭା,୨୪।୨(ମାନଭଞ୍ଜନ ମିଶ୍ର)**

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ଖାରୀର ବିଶିଷ୍ଟ ଚାଷୀନେତା ରାଜେନ୍ଦ୍ର ମିଶ୍ର(୭୮)ଙ୍କ ଗତ ୧୨ ତାରିଖରେ ବାର୍ଦ୍ଧକ୍ୟଜନିତ କାରଣରୁ ମୃତ୍ୟୁ ଘଟିଥିଲା। ଦ୍ୱାଦଶାହରେ ମଙ୍ଗଳବାର ପୂର୍ବାହ୍ନରେ ଖାରୀସ୍ଥିତ ବାସଭବନରେ ଓଡ଼ିଶା ନବନିର୍ମାଣ କୃଷକ ସଂଘ ଜିଲା ସଂଯୋଜକ ପ୍ରଦ୍ୟୁମ୍ନ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର, ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ, ଉପଦେଷ୍ଟା ଡ, କୁଳମଣୀ ଚଗଲା, ଜିଲା ସଙ୍ଗଠକ ବୈକୁଣ୍ଠ ଶତପଥୀ, ପ୍ରଦୀପ ପୁରୋହିତ, ହିମାଂଶୁ ସାହୁ, ହୃଷୀକେଶ ପଧାନ, ସୁଧୀର ବଘାର ଓ ସମବାୟ ନେତା ଲକ୍ଷ୍ମଣ ମେହେର ଯୋଗଦେଇଥିଲେ। ଚାଷୀ ସଙ୍ଗଠନ ମଜଭୁତ କରିବାରେ ସ୍ୱର୍ଗତ ମିଶ୍ରଙ୍କ ଅବଦାନର ସ୍ମୃତି ଚାରଣ କରିଥିଲେ।

# ୨୭ରେ ବିକଶିତ ଭାରତ ଯୁବ ସଂସଦ କାର୍ଯ୍ୟକ୍ରମ

## ୧୮ ରୁ ୨୫ ବର୍ଷ ବୟସର ପ୍ରତିଯୋଗୀ ଭାଗ ନେବେ

**ସୋନପୁର,୨୪।୨(ମୃତ୍ୟୁଞ୍ଜୟ ଶତପଥୀ)**




ଖବରଦାତା ସମ୍ମିଳନୀରେ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦିଆଯାଉଛି।

ସୁବର୍ଣ୍ଣପୁର ମଡେଲ ଡିଗ୍ରୀ କଲେଜରେ ଆସନ୍ତା ୨୭ ତାରିଖରେ 'ବିକଶିତ ଭାରତ ଯୁବ ସଂସଦ' ଜିଲାସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଜିଲାପାଳଙ୍କ ମିନି କନଫେରେନ୍ସ ହଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ କଲେଜ ଅଧ୍ୟକ୍ଷ ଦେବାଶିଷ ମହାନ୍ତି ଏଥିନେଇ ସୂଚନା ଦେଇଛନ୍ତି । ସୁବର୍ଣ୍ଣପୁର ଜିଲାର ୧୮ ରୁ ୨୫ ବର୍ଷ ମଧ୍ୟରେ ପ୍ରାୟ ୨୦୦ ପ୍ରତିଯୋଗୀ ଏଥିରେ ଭାଗ ନେବାର ବ୍ୟବସ୍ଥା ରହିଛି। 'ଜରୁରୀକାଳୀନ ପରିସ୍ଥିତିର ୫୦ ବର୍ଷ: ଭାରତୀୟ ଗଣତନ୍ତ୍ର ପାଇଁ ଶିକ୍ଷା' ଆଲୋଚନାର ବିଷୟବସ୍ତୁ ରହିଥିବା ବେଳେ ପ୍ରତିଯୋଗୀମାନେ ଏହି ବିଷୟରେ ନିଜସ୍ୱ ମତ ରଖିବେ ବୋଲି ସ୍ଥିର ହୋଇଛି। ଏହି ପ୍ରତିଯୋଗିତାରେ ଶ୍ରେଷ୍ଠ ୫ଜଣଙ୍କୁ ରାଜ୍ୟସ୍ତରୀୟ ପ୍ରତିଯୋଗିତାକୁ ମନୋନୀତ କରାଯିବ। ଅଧ୍ୟକ୍ଷ ମହାନ୍ତି ସମ୍ମିଳନୀରେ ଅଧ୍ୟକ୍ଷତା କରି ଯୁବତୀଯୁବକମାନଙ୍କୁ ଭାରତ ବିକାଶରେ ସାମିଲ ହେବାକୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମର ନୋଡାଲ ଅଧିକାରୀ ଡକ୍ଟର ସନ୍ତୋଷ ଭୋଇ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅର୍ଜୁନ ମାଝୀ ଏବଂ ମୋ ଭାରତ ଅଧିକାରୀ କୃପାସିନ୍ଧୁ ସା ଏହି ସମ୍ମିଳନୀରେ ଉପସ୍ଥିତ ଥିଲେ।

# ତରଭା ବିଡିଓଙ୍କ ଆର୍ଥିକ କ୍ଷମତା ପ୍ରତ୍ୟାହାର କଲେ ଜିଲାପାଳ

## ଡେପୁଟି କଲେକ୍ଟରଙ୍କୁ ଆର୍ଥିକ କ୍ଷମତା ସହ ଏବିଡିଓ ଦାୟିତ୍ୱ

**ସୋନପୁର,୨୪।୨(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ଜିଲାପାଳ ତଥା ଜିଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ଡ. ନୃପରାଜ ସାହୁ ତରଭା ବିଡିଓ ଗଙ୍ଗାରାମ ବୁଡେକ୍‌ଙ୍କ ଆର୍ଥିକ କ୍ଷମତା ପ୍ରତ୍ୟାହାର କରିଛନ୍ତି। ସୋମବାର ବିଡିଓ ବୁଡେକଙ୍କ ସ୍ଥାନରେ ଜିଲାପାଳଙ୍କ କାର୍ଯ୍ୟାଳୟର ଡେପୁଟି କଲେକ୍ଟର ମନୋରଞ୍ଜନ ବଘାରଙ୍କୁ ଆର୍ଥିକ କ୍ଷମତା ସହ ତରଭା ବ୍ଲକର ଏବିଡିଓ ଦାୟିତ୍ୱ ପ୍ରଦାନ କରିଥିଲେ। ତେବେ ମଙ୍ଗଳବାର ଜିଲାପାଳ ଡ. ସାହୁ ଏଥିରେ ସାମାନ୍ୟ ପରିବର୍ତ୍ତନ କରି ତରଭା ବ୍ଲକର ଦୈନନ୍ଦିନ ଅଫିସ କାର୍ଯ୍ୟର ସୁପରିଚାଳନା ପାଇଁ ସୋନପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟର ଡେପୁଟି କଲେକ୍ଟର ସତ୍ୟସୁନ୍ଦର ରାଉତଙ୍କୁ ଆର୍ଥିକ କ୍ଷମତା ସହ ତରଭା ଏବିଡିଓ ଦାୟିତ୍ୱ ପ୍ରଦାନ କରିଛନ୍ତି। ଜିଲାପାଳଙ୍କ ଏହି ପଦକ୍ଷେପ ଜିଲାରେ ଚର୍ଚ୍ଚାର ବିଷୟ ପାଲଟିଛି। ସୂଚନା ଅନୁଯାୟୀ ତରଭା ବ୍ଲକରେ ଉନ୍ନୟନମୂଳକ କାର୍ଯ୍ୟ ଠିକ୍ ଭାବେ ହୋଇ ପାରୁ ନ ଥିଲା। ଉନ୍ନୟନମୂଳକ କାର୍ଯ୍ୟର ବିଲ୍ ବର୍ଷ ବର୍ଷ ଧରି ପ୍ରଦାନ କରା ଯାଉ ନ ଥିଲା। ଏଜେନ୍ସିମାନେ କାମ କରି ସାରିବା ପରେ ପ୍ରାପ୍ୟ ନପାଇ ହଇରାଣ ହେଉଥିଲେ। ବିଡିଓ ବୁଡେକ୍‌ଙ୍କ ନାମରେ ତରଭା ପଞ୍ଚାୟତ ସମିତି କାର୍ଯ୍ୟାଳୟର କର୍ମଚାରୀ, ଜନସାଧାରଣ ଓ ପଞ୍ଚାୟତସ୍ତରୀୟ ଲୋକ ପ୍ରତିନିଧି ଜିଲାପାଳଙ୍କ ନିକଟରେ ପୂର୍ବରୁ ଏକାଧିକ ଥର ଅଭିଯୋଗ କରିଥିଲେ। ଏପରିକି ବିଡିଓ ଯନ୍ତ୍ରୀମାନଙ୍କୁ ଅଫିସରେ ସ୍ଥାନ ନଦେଇ ବାହାରେ ବସାଉଥିଲେ। ତାଙ୍କ ବ୍ୟବହାରରେ ଅଫିସର କର୍ମଚାରୀ ଅତିଷ୍ଠ ହୋଇ ପଡିଥିଲେ। ପ୍ରତିବାଦରେ ସେମାନେ ବୁଡେକ୍‌ଙ୍କ ଅଧିନରେ ଆଉ କାମ କରିବେ ନାହିଁ ବୋଲି ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଥିଲେ। ଏଭଳି ସ୍ଥିତିରେ ନିଜର କ୍ଷମତା ପ୍ରୟୋଗ କରି ଜିଲାପାଳ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା ଚର୍ଚ୍ଚା ହେଉଛି। ବୁଡେକ୍ କିଛି ବର୍ଷ ପୂର୍ବରୁ ବୀରମହାରାଜପୁରରେ ଅତିରିକ୍ତ ତହସିଲଦାର ଭାବେ କାର୍ଯ୍ୟ କରିଥିଲେ। ପରେ ତାଙ୍କର ଜିଲାରୁ ବଦଳି ହୋଇଥିଲା। ୨୦୨୪ ଡିସେମ୍ବରରେ ଗଙ୍ଗାରାମ ବୁଡେକ୍‌ଙ୍କୁ ତରଭା ବିଡିଓ ଭାବେ ନିଯୁକ୍ତି ମିଳିଥିଲା। କାର୍ଯ୍ୟରେ ଯୋଗଦେବା ପରେ ସେ ବ୍ଲକର ସହକାରୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ ଓ ଜଣେ କର୍ମଚାରୀଙ୍କ ବିରୋଧରେ ଉପରିସ୍ଥ ଅଧିକାରୀଙ୍କୁ ଲେଖି ଚର୍ଚ୍ଚାରେ ରହିଥିଲେ। ବ୍ଲକର ପଞ୍ଚାୟତସ୍ତରୀୟ ଲୋକ ପ୍ରତିନିଧିଙ୍କ ସହିତ ତାଙ୍କର ସମ୍ପର୍କ ଭଲ ନ ଥିଲା। ୨୦୨୫ ଜୁନ୍ ମାସରେ ତାଙ୍କର ପଞ୍ଚାୟତିରାଜ ବିଭାଗରୁ ରାଜସ୍ୱ ବିଭାଗକୁ ବଦଳି ହୋଇଥିଲା। ସେ ଅଗଷ୍ଟ ୧୩ରେ ତରଭା ବ୍ଲକରୁ ରିଲିଭ୍ ହୋଇଥିଲେ। ତେବେ ତରଭା ବ୍ଲକରୁ ରିଲିଭ୍ ହେବାରୁ ମାତ୍ର ୧୨ ଦିନ ପରେ ପୁନଃ ତରଭା ବିଡିଓ ଭାବେ ଅବସ୍ଥାପିତ କରାଗଲା। କେତେକ ଲୋକ ସେତେବେଳେ ବିଡିଓ ବୁଡେକ୍‌ଙ୍କୁ ସ୍ୱାଗତ କରିଥିଲେ। ତେବେ ବିଳମ୍ବରେ ହେଉ ପଛେ ଜିଲାପାଳ ବିବାଦୀୟ ହୋଇ ପଡିଥିବା ବିଡିଓଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବାରୁ ତରଭା ଅଞ୍ଚଳବାସୀ ମଙ୍ଗଳବାର ଖୁସି ମନାଇଛନ୍ତି। ଏ ସମ୍ପର୍କରେ ବିଡିଓ ବୁଡେକ୍ କୁହନ୍ତି, ଏଭଳି କାର୍ଯ୍ୟାନୁଷ୍ଠାନ କାହିଁକି ନିଆଗଲା ମୁଁ ଜାଣିନି। ଷ୍ଟେନୋଙ୍କଠାରୁ ମୁଁ କେବଳ ଚିଠି ପାଇଛି। ବାପାଙ୍କ ସ୍ୱାସ୍ଥ୍ୟ ଜନିତ ସମସ୍ୟା କାରଣରୁ ସେ ଶନିବାରଠାରୁ ଭୁବନେଶ୍ୱରରେ ଅଛନ୍ତି ବୋଲି କହିଥିଲେ।

## ଭାରସାମ୍ୟ ହରାଇ ବିଦ୍ୟୁତ୍ ଖୁଣ୍ଟରେ ପିଟିହେଲା ହାଇୱା ୧୫ ଘଣ୍ଟା ଅନ୍ଧାର ରହିଲା ଅଞ୍ଚଳ

ବନ୍ଧମୁଣ୍ଡା,୨୪।୨(ସୁବ୍ରତ ଦେ)

ବନ୍ଧମୁଣ୍ଡାର ଡିଜେଲ କଲୋନି ଅଞ୍ଚଳରେ ସୋମବାର ବିଳମ୍ବିତ ରାତି ପ୍ରାୟ ୩ଟାରେ ବାଲି ବୋଝେଇ ଏକ ହାଇୱା ନିୟନ୍ତ୍ରଣ ହରାଇ ରାସ୍ତା କଡରେ ଥିବା ଏକ ବିଦ୍ୟୁତ୍ ଖୁଣ୍ଟକୁ ଧକ୍କା ଦେଇଥିଲା। ଫଳରେ ବିଦ୍ୟୁତ୍ ଖୁଣ୍ଟ ସମ୍ପୂର୍ଣ୍ଣଭାବେ ଭାଙ୍ଗିଯାଇଥିଲା। ଏଥିଯୋଗୁ ସମଗ୍ର ଅଞ୍ଚଳରେ ବିଦ୍ୟୁତ୍ ସରବରାହ ବନ୍ଦ ହୋଇଯାଇଥିଲା। ଘଟଣା ସମ୍ପର୍କରେ ସୂଚନା ମିଳିବା ପରେ ବିଦ୍ୟୁତ୍ ବିଭାଗର କର୍ମଚାରୀମାନେ ମଙ୍ଗଳବାର ସକାଳେ ଘଟଣାସ୍ଥଳରେ ପହଞ୍ଚି ମରାମତି କାମ ଆରମ୍ଭ କରିଥିଲେ। ଭାଙ୍ଗିଯାଇଥିବା ଖୁଣ୍ଟଟିକୁ ସମ୍ପୂର୍ଣ୍ଣ ଭାବେ ହଟାଇ ନୂତନ ଖୁଣ୍ଟ ଲଗା ଯାଇଥିଲା। ପ୍ରାୟ ୧୫ ଘଣ୍ଟା ପର୍ଯ୍ୟନ୍ତ ବିଦ୍ୟୁତ୍ ସେବା ବନ୍ଦ ରହିଥିଲା। ସନ୍ଧ୍ୟା ପ୍ରାୟ ୫ଟାରେ ବିଦ୍ୟୁତ୍ ସରବରାହ ସ୍ୱାଭାବିକ ହୋଇଥିଲା। ଅନ୍ୟପଟେ ଦୁର୍ଘଟଣା ଘଟାଇଥିବା ହାଇୱାକୁ ବନ୍ଧମୁଣ୍ଡା ପୋଲିସ ଥାନାକୁ ନେଇ ଘଟଣାର ତଦନ୍ତ ଆରମ୍ଭ କରିଛି।

# ଦ୍ରୁତ ରକ୍ତସ୍ରାବ ନିୟନ୍ତ୍ରଣ କରିବ ଷ୍ଟପ୍ ବ୍ଲିଡ୍

### ରାଉରକେଲା ଏନ୍ଆଇଟିର ଗବେଷଣା

ରାଉରକେଲା,୨୪।୨(ସଙ୍ଗୀତା ଜେନା)

ରାଉରକେଲାସ୍ଥିତ ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଏନ୍ଆଇଟି) ଜରୁରୀ ସମୟରେ ଦ୍ରୁତ ରକ୍ତସ୍ରାବ ନିୟନ୍ତ୍ରଣ ପଦ୍ଧତି ଷ୍ଟପ୍ ବ୍ଲିଡ୍ ବିକଶିତ କରି ଏହାକୁ ପେଟେଣ୍ଟ କରିବା ପରେ କେନ୍ଦ୍ରୀୟ ଔଷଧ ମାନକ ନିୟନ୍ତ୍ରଣ ସଂଗଠନ (ସିଡିଏସ୍‌ସିଓ)ଠାରୁ 'ସି' ବର୍ଗରେ ଉପକରଣ ଅନୁମୋଦନ ହାସଲ କରିଛି। ଏହା ଟ୍ରମା କେୟାରରେ ଉଲ୍ଲେଖନୀୟ ପ୍ରଭାବ ଦେଖାଇପାରିବ ବୋଲି ଜଣାପଡ଼ିଛି। ଏନ୍ଆଇଟିଆର୍‌ର ଷ୍ଟାର୍ଟଅପ୍ ମିରାକୁଲ୍ସ ମେଡ୍ ସଲ୍ୟୁଶନ ପ୍ରାଇଭେଟ ଲିମିଟେଡ୍ ଜରୁରୀକାଳୀନ ରକ୍ତସ୍ରାବ ନିୟନ୍ତ୍ରଣକୁ ରୂପାନ୍ତର କରିବା ପାଇଁ ଉକ୍ତ ପେଟେଣ୍ଟ ହାସଲ କରିଛି। ଭାରତୀୟ ଚିକିତ୍ସାରେ ଟ୍ରମା କେୟାର ଏକ ପ୍ରମୁଖ ଚ୍ୟାଲେଞ୍ଜ ଭାବେ ଉଭା ହୋଇଛି। ଦୁର୍ଗମ ଓ ଗ୍ରାମାଞ୍ଚଳରେ ଏହି ସୁବିଧାର ଅଭାବ ରହିଛି। ଏନ୍ଆଇଟିଆର୍‌ର ଏହି ପ୍ରଯୁକ୍ତି ମୃତାହତକୁ ହ୍ରାସ କରିବ।




ଏହି ପଦ୍ଧତି ଦ୍ୱାରା ସଡ଼କ ଦୁର୍ଘଟଣା, ଗଭୀର ଆଘାତ, ଶିଳ୍ପ ଦୁର୍ଘଟଣା, ଗମ୍ଭୀର ରକ୍ତସ୍ରାବର ଦ୍ରୁତ ନିୟନ୍ତ୍ରଣ ପାଇଁ ସୁବିଧା ପ୍ରଦାନ କରିବ। ନାନୋ ଫାଇବ୍ରାସ ସମଷ୍ଟିଗତ ପ୍ରଯୁକ୍ତିବିଦ୍ୟା ବ୍ୟବହାର ବିକଶିତ କରି ପ୍ଲାଜମାକୁ ଦ୍ରୁତଗତିରେ ଶୋଷଣ କରିଥାଏ। ପ୍ରାକୃତିକ ରକ୍ତ ଜମାଟ ବାନ୍ଧିବା ପ୍ରକ୍ରିୟା ତ୍ୱରାନ୍ୱିତ କରିବା ସହ କ୍ଷତ ସ୍ଥାନରେ ଏକ ଦୃଢ଼ ହାଇଡ୍ରୋଜେଲ୍ ସିଲ୍ ଗଠନ କରେ। ଏହି ପ୍ରଯୁକ୍ତିବିଦ୍ୟା ମୂଳତଃ ପ୍ରତିଷ୍ଠାନ ଦ୍ୱାରା ପେଟେଣ୍ଟ କରାଯାଇଥିଲା। ପ୍ରଫେସର ଦେବେନ୍ଦ୍ର ବର୍ମା ଏବଂ ତାଙ୍କ ଗବେଷଣା ସ୍ନାତକ ସବିର ହୁସେନ୍‌ଙ୍କ ଦ୍ୱାରା ବାୟୋଟେକ୍ନୋଲୋଜି ଏବଂ ମେଡିକାଲ ଇଞ୍ଜିନିୟରିଂ ବିଭାଗରେ ଏହାକୁ ବିକଶିତ କରାଯାଇଥିଲା। ପରବର୍ତ୍ତୀ ସମୟରେ ଷ୍ଟାର୍ଟଅପ୍‌କୁ ସ୍ଥାନାନ୍ତର କରାଯାଇଥିଲା। ଏ ନେଇ ପ୍ରଫେସର ବର୍ମା କହିଛନ୍ତି, ଏହି ଚିକିତ୍ସା ବ୍ୟବସ୍ଥା ବିକଶିତ ହେବା ଦ୍ୱାରା ଆମଦାନୀ ନିର୍ଭରତା ହ୍ରାସ କରିବା, ଖର୍ଚ୍ଚ କମ୍ କରିବା ଏବଂ ନିର୍ଦ୍ଦିଷ୍ଟ ପ୍ରଯୁକ୍ତି ବିଦ୍ୟା ବିକାଶ କରିବା ପାଇଁ ଭାରତକୁ ଅଧିକ ସ୍ୱାସ୍ଥ୍ୟସେବା ଷ୍ଟାର୍ଟଅପ୍ ଆବଶ୍ୟକ ଅଟେ। ଜରୁରୀକାଳୀନ ଯତ୍ନ ଇକୋସିଷ୍ଟମରେ ସୁଲଭ କରାଯାଇପାରିବ। ଏହାକୁ ବଣ୍ଟନ କରିବା ପାଇଁ ଆମେ ରଣନୈତିକ ସହଭାଗିତାକୁ ସକ୍ରିୟ ଅନୁସନ୍ଧାନ କରୁଛୁ ବୋଲି ବର୍ମା କହିଥିଲେ।

## ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆର ଏନ୍ଆର୍ଆଇ କାଉଣ୍ଟର ଉଦ୍‌ଘାଟିତ



ମୁଖ୍ୟ ଅତିଥି କାଉଣ୍ଟରକୁ ଉଦ୍‌ଘାଟନ କରୁଛନ୍ତି।

ରାଉରକେଲା,୨୪।୨(ବିପ୍ଳବ ରଞ୍ଜନ ଦାଶ)

ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ, ରାଉରକେଲା ଶାଖାରେ ନୂତନ ଏନ୍ଆର୍ଆଇ କାଉଣ୍ଟର ସୋମବାର ଉଦ୍‌ଘାଟିତ ହୋଇଛି। ଏହି ଅବସରରେ ସମ୍ବଲପୁର ରିଜିଓନାଲ୍ ହେଡ୍ ଦିବେନ୍ଦୁ କୁମାର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଚିଫ୍ ମ୍ୟାନେଜର ନିଧି ଶର୍ମା, ଶାଖା ପ୍ରବନ୍ଧକ ଶ୍ରଦ୍ଧାଞ୍ଜଳି ଓଝା, ସହକାରୀ ପ୍ରବନ୍ଧକ ମନୋରଞ୍ଜନ ମହାପାତ୍ର ଓ ଯୋଗେଶ ପ୍ରଧାନ, ଶିଶିର ବେହେରା ଏବଂ ବହୁ ଗ୍ରାହକମାନେ ଉପସ୍ଥିତ ଥିଲେ। ଏନ୍ଆର୍ଆଇ ଗ୍ରାହକମାନଙ୍କ ପାଇଁ ଏହି ନୂତନ କାଉଣ୍ଟର ମାଧ୍ୟମରେ ଉନ୍ନତ ଓ ତ୍ୱରିତ ବ୍ୟାଙ୍କିଙ୍ଗ ସେବା ପ୍ରଦାନ କରାଯାଇପାରିବ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। ଏହାଦ୍ୱାରା ବିଦେଶରେ ବସବାସ କରୁଥିବା ଭାରତୀୟମାନେ ସୁବିଧାଜନକ ଓ ସୁରକ୍ଷିତ ବ୍ୟାଙ୍କିଙ୍ଗ ସେବା ପାଇବେ ବୋଲି କୁହାଯାଇଛି।

## ଜଗଦା ସାଂସ୍କୃତିକ ପରିଷଦର ୨୨ତମ ବାର୍ଷିକୋତ୍ସବ

ରାଉରକେଲା,୨୪।୨(ସଙ୍ଗୀତା ଜେନା)

ଜଗଦା ସାଂସ୍କୃତିକ ପରିଷଦର ୨୨ତମ ବାର୍ଷିକୋତ୍ସବ ରବିବାର ସନ୍ଧ୍ୟା ୭ଟାରେ ଜଗଦାସ୍ଥିତ ମା' ବାଟ ମଙ୍ଗଳା ଶକ୍ତିପୀଠରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଉପଦେଷ୍ଟା ସଞ୍ଜୀବ ମହାନ୍ତିଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଅସ୍ଥିଶଲ୍ୟ ବିଶେଷଜ୍ଞ ଡା. ଉତ୍ତମ ଚରଣ ଜେନା, ସିଡବ୍ଲ୍ୟୁଏସ୍ ହସ୍ପିଟାଲର ଅଧ୍ୟକ୍ଷ ପିଟର କେ. ବେନିଚାନ୍, ଶିକ୍ଷାବିତ୍ ଇଂ. ଯତୀନ୍ଦ୍ର ନାୟକ, ଶିଳ୍ପପତି ମଞ୍ଜିତ ସିଂହ ଅରୋରା, ପ୍ରାକ୍ତନ ଅଧ୍ୟାପକ ଡା. କେ. ସି. ବାରିକ ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରାରମ୍ଭରେ ସଙ୍ଗୀତ ଗୁରୁ ପ୍ରଦୀପ ପଣ୍ଡା ଶାସ୍ତ୍ରୀୟ ସଙ୍ଗୀତ ପରିବେଷଣ କରିଥିଲେ। ସଭାପତି ପୀତାମ୍ବର ଲେଙ୍କା ଅତିଥି ପରିଚୟ ପ୍ରଦାନ ଓ ସମ୍ପାଦକ ପ୍ରଭାତ ମହାନ୍ତି ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ ଉମାକାନ୍ତ ରାଉତରାୟ, ଅରବିନ୍ଦ ରଥ, ପ୍ରଭାସ ମହାରଣା, ଅଜିତ ମହାନ୍ତି, ଜଗବନ୍ଧୁ ଦାସ, ସୁବ୍ରତ ଲାକ୍ରା, ଗୌରୀ ବଡାଇକ, ବିଜୟ ଜେନା, କାଳନ୍ଦୀ ମାଝୀ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ୧୦ଜଣ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଝିଲିମା ମହାନ୍ତି ମଞ୍ଚ ପରିଚାଳନା ଓ ତ୍ରିଲୋଚନ ପରିଡା ଧନ୍ୟବାଦ ଅର୍ପଣ କରିଥିଲେ।




ବାର୍ଷିକୋତ୍ସବ ସଭାରେ ମଞ୍ଚାସୀନ ଅତିଥି।

## ୧୮ ବର୍ଷ ପରେ ଫେରିଲେ ପୁରୁଷୋତ୍ତମ

ରାଉରକେଲା,୨୪।୨(ସଙ୍ଗୀତା ଜେନା)

୨୦୦୮ରେ ସୁନ୍ଦରଗଡ଼ ଜିଲା ଲାଠିକଟା ବ୍ଲକ ସୁଇଡିହି ଗ୍ରାମପଞ୍ଚାୟତର ଜଣେ ନାବାଳକ (୧୪) ନିଖୋଜ ଥିଲେ। କେହି ଜଣେ ତାଙ୍କୁ ଗାଡ଼ି ଶିଖାଇଦେବ ବୋଲି କହି ଓଡ଼ିଶାରୁ ବାହାରକୁ ନେଇଯାଇଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ ମଧ ନାବାଳକଙ୍କ ପତ୍ତା ପାଇ ନ ଥିଲେ। ତେବେ ସେମାନେ ଖୋଜିବା ପ୍ରୟାସ ଜାରି ରଖିଥିଲେ। ଗତ ଜାନୁଆରୀ ମାସରେ ନାବାଳକଙ୍କ ପରିବାର ପକ୍ଷରୁ ନିଖୋଜ ନେଇ ପୋଲିସକୁ ସୂଚନା ପ୍ରଦାନ କରାଯାଇଥିଲା। ଫଳରେ ପୋଲିସ ସହାୟତାରେ ଉକ୍ତ ନାବାଳକ ଦୀର୍ଘ ୧୮ ବର୍ଷ ପରେ ମଙ୍ଗଳବାର ରାଉରକେଲାରେ ପହଞ୍ଚିଛନ୍ତି। ଏବେ ସେ ପ୍ରାପ୍ତ ବୟସ୍କ ହୋଇଛନ୍ତି। ଅପରାହ୍ନ ୩ଟାରେ ରାଉରକେଲା ଷ୍ଟେଶନରେ ଜମ୍ମୁ ତାୱି ଟ୍ରେନରୁ ଓହ୍ଲାଇବା ପରେ ତାଙ୍କୁ ସ୍ୱାଗତ କରାଯାଇଥିଲା। ଉକ୍ତ ଯୁବକ ହେଲେ ଲାଠିକଟା ବ୍ଲକ ସୁଇଡିହି ଗ୍ରାମପଞ୍ଚାୟତ ସୋନାପର୍ବତ ଗ୍ରାମର ପୁରୁଷୋତ୍ତମ ଗୌଡ଼। ଏହି ଅବସରରେ ପୁରୁଷୋତ୍ତମ କହିଛନ୍ତି, ୨୦୦୮ରେ ତାଙ୍କୁ କେହି ଗାଡି ଶିଖାଇଦେବ ବୋଲି କହି ଏଠାରୁ ନେଇଯାଇଥିଲେ। ଜମ୍ମୁରେ ପହଞ୍ଚିବା ପରେ ଶାମ୍ବା ଜିଲାକୁ ଯାଇଥିଲେ। ସେଠାରେ ତାଙ୍କୁ କାମ କରିବାକୁ କୁହାଯାଇଥିଲା। କାମ ବାବଦ ଟଙ୍କା ତାଙ୍କୁ ପ୍ରଦାନ କରାଯାଉ ନ ଥିଲା। ଏଥିରେ ଅତିଷ୍ଠ ହୋଇ ସେ ପରିବାର ସହ ଯୋଗାଯୋଗ କରିବାକୁ ଇଚ୍ଛା ପ୍ରକାଶ କରିଥିଲେ। ଅପରପକ୍ଷେ ପରିବାର ଲୋକଙ୍କ ନିରନ୍ତର ପ୍ରୟାସ ଯୋଗୁ ଜନ୍ମ ମାଟିକୁ ଫେରିପାରିଛନ୍ତି ବୋଲି ପୁରୁଷୋତ୍ତମ କହିଛନ୍ତି।



ରାଉରକେଲା ଷ୍ଟେଶନରେ ସ୍ୱାଗତ କରାଯାଉଛି।

## ହାତୀ ଘଉଡ଼ାଇବାକୁ ବିଦ୍ୟୁତ୍ କାଟ୍, ମାଟ୍ରିକ୍ ପରୀକ୍ଷାର୍ଥୀ ହଇରାଣ

ରାଉରକେଲା,୨୪।୨(ସଙ୍ଗୀତା ଜେନା)

ଏବେ ମାଟ୍ରିକ ପରୀକ୍ଷା ଚାଲିଛି। ପରୀକ୍ଷାର୍ଥୀଙ୍କ ପାଇଁ ବିଦ୍ୟୁତ୍ କାଟ୍ ବନ୍ଦ ଥିବାବେଳେ ଗତ ୪ ଦିନ ହେଲା ବିଶ୍ରା ବ୍ଲକ ଅନ୍ତର୍ଗତ ୩ଟି ପଞ୍ଚାୟତରେ ହାତୀ ଗତିବିଧି ପାଇଁ ବିଦ୍ୟୁତ୍ କାଟ କରାଯାଉଛି। ଫଳରେ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ହାତୀ ଘଉଡାଇବା ପାଇଁ ବିଦ୍ୟୁତ୍ କାଟ୍ କରାଯିବା ଯୋଗୁ ଜମସେରା, ବିଜାଡିହି, ଦଳପୋଷ, ଏନ୍ଆଇଟି ବ୍ୟାକପୋଷ୍ଟ, କଣ୍ଟାଝର ଆଦି ଅଞ୍ଚଳ ଅନ୍ଧକାରମୟ ହୋଇପଡ଼ିଛି। ମଙ୍ଗଳବାର ସନ୍ଧ୍ୟାର ମଧ ସମାନ ସ୍ଥିତି ଲାଗିରହିଛି। ଏ ନେଇ ଭାଜପା କର୍ମୀ ରୋହିତ ତନ୍ତୀ ଅଭିଯୋଗ କରିଛନ୍ତି, ବିଦ୍ୟୁତ୍ କାଟ୍ ଯୋଗୁ ମାଟ୍ରିକ ପରୀକ୍ଷାର୍ଥୀଙ୍କ ପାଠ ପଢ଼ିବାରେ ସମସ୍ୟା ହେଉଛି। ଅପରାହ୍ନରେ ହାତୀମାନଙ୍କୁ ଘଉଡାଇବା ଅଭିଯାନ କରାଯାଇପାରନ୍ତା। ସେହିପରି ହାତୀପଲ ଅଞ୍ଚଳକୁ ପଶିବା ପୂର୍ବରୁ ପଦକ୍ଷେପ ନେଇଥିଲେ ଏପରି ସ୍ଥିତି ଉପୁଜି ନ ଥାନ୍ତା। ବିଦ୍ୟୁତ୍ କାଟ୍ ଯୋଗୁ ହଜାର ହଜାର ଛାତ୍ରୀଛାତ୍ର ପ୍ରଭାବିତ ହେଉଥିବା ତନ୍ତୀ କହିଛନ୍ତି। ଏ ନେଇ ବିଶ୍ରା ଏସ୍‌ଡିଓ ଆର୍. ପାଣ୍ଡେ କହିଛନ୍ତି, ହାତୀଙ୍କ ସୁରକ୍ଷା ଦୃଷ୍ଟିରୁ ବିଦ୍ୟୁତ୍ କାଟ୍ କରାଯାଇଛି। ସ୍ଥିତି ସ୍ୱାଭାବିକ ହେଲେ ପୁନଃ ବିଦ୍ୟୁତ୍ ସରବରାହ କରାଯିବ ବୋଲି ସେ କହିଥିଲେ। ସୂଚନାଯୋଗ୍ୟ, ଜଗଦା, ହମିରପୁର ଆଦି ଅଞ୍ଚଳରେ ହାତୀଙ୍କ ପାଇଁ ମଙ୍ଗଳବାର ଭୋର୍ ସମୟରୁ ବିଦ୍ୟୁତ୍ କାଟ୍ କରାଯାଇଥିଲା।

## ଅବସରପ୍ରାପ୍ତ ଶିକ୍ଷକ ସଂଘର ଶୋକସଭା

ରାଉରକେଲା,୨୪।୨(ଦିନେଶ ମିଶ୍ର)

ରାଉରକେଲା ଇସ୍ପାତ କାରଖାନା ଅବସରପ୍ରାପ୍ତ ଶିକ୍ଷକ ସଂଘର ସଦସ୍ୟ ରବୀନ୍ଦ୍ର କୁମାର ସରାଫଙ୍କ ପରଲୋକରେ ମଙ୍ଗଳବାର ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଅନ୍ତର୍ଯାମୀ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶୋକସଭାରେ ଦିବଂଗତ ଆତ୍ମାର ସଦ୍‌ଗତି ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। ସ୍ୱର୍ଗତ ସରାଫ ଇସ୍ପାତ କାରଖାନା ପରିଚାଳିତ ନିମ୍ନ ମାଧ୍ୟମିକ ବିଦ୍ୟାଳୟ ଓ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ଜଣେ ଆଦର୍ଶ ଶିକ୍ଷକ ଭାବେ କାର୍ଯ୍ୟ କରି ଅବସର ନେଇଥିଲେ। ମଧୁସୂଦନ ବଳ, ରମେଶ ଚନ୍ଦ୍ର ଭଞ୍ଜ, ଉଦୟ କୁମାର ସାହୁ, ବିଶ୍ୱନାଥ ସାହୁ, ସୁଧାକର ରଥ, ଭାଗୀରଥି ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ଆର୍ଏସ୍‌ପିରେ ରୋଶନି- ସକ୍ଷମ ସାଥୀ କର୍ମଶାଳା

ରାଉରକେଲା,୨୪।୨(ବିପ୍ଳବ ରଞ୍ଜନ ଦାଶ)

ଆର୍ଏସ୍‌ପିରୁ ୨୦୨୬ ଏପ୍ରିଲରୁ ଜୁନ ମାସ ମଧ୍ୟରେ ଅବସର ନେଉଥିବା କର୍ମଚାରୀଙ୍କ ଜୀବନ ସାଥୀଙ୍କ ପାଇଁ ଏକ ପରାମର୍ଶ କର୍ମଶାଳା 'ରୋଶନି-ସକ୍ଷମ ସାଥୀ' ସିଭିକ୍ ସେଣ୍ଟରରେ ଆୟୋଜିତ ହୋଇଥିଲା। ଏଥିରେ ଏଚ୍ଆର୍ ବିଭାଗର ସିଜିଏମ ମାନସ ରଞ୍ଜନ ରଥ ମୁଖ୍ୟ ଅତିଥି, ଏସପି-୨ ବିଭାଗର ଜିଏମ୍ ଇନ୍‌ଚାର୍ଜ ସନ୍ତୋଷ ପାଢୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅବସର ପରେ ଜୀବନର ଏକ ନୂତନ ପର୍ଯ୍ୟାୟରେ ସୁଗମ ପ୍ରବେଶ ପାଇଁ ମାନସିକ ପ୍ରସ୍ତୁତି ବିଷୟବସ୍ତୁ ଉପରେ ଏସ୍‌ପି-୨ ବିଭାଗର ଏଜିଏମ୍ ବାବୁଲା ନାହାକ ଏବଂ ବିତ୍ତ ଓ ଲେଖା ବିଭାଗର ଜିଏମ୍ ରାଜ ରଞ୍ଜନ ଷଡଙ୍ଗୀ ଆର୍ଥିକ ସୁରକ୍ଷା ଯୋଜନା ଉପରେ ତଥ୍ୟ ପ୍ରଦାନ କରିଥିଲେ। ଅଧିବେଶନରେ ଟି ଏ ଏଣ୍ଡ ସିଏସ୍‌ଆର ବିଭାଗର ଡିଜିଏମ୍ ପୁରୁଷୋତ୍ତମ ସାହୁ ରୁଚି ଆଧାରରେ କାର୍ଯ୍ୟରେ ବ୍ୟସ୍ତ ରହିବା ଉପରେ ତଥ୍ୟ ରଖିଥିଲେ। ଉତ୍ତମ ସ୍ୱାସ୍ଥ୍ୟ, ସୁସ୍ଥତା ସୁନିଶ୍ଚିତ କରିବା ଉପରେ ଆଉ ଏକ ଅଧିବେଶନ ଓଏଚ୍ଏସ୍‌ସିର ଅତିରିକ୍ତ ସିଏମ୍‌ଓ ଡାକ୍ତର ଏସ୍. କୁମାର ସମ୍ପାଦିତ କରିଥିଲେ। ଜାତୀୟ ପେନସନ ଯୋଜନା (ଏନ୍‌ପିଏସ୍ ) ଉପରେ ଏଚ୍ଆର ଇ ଆର୍ ଏଣ୍ଡ ସି ବିଭାଗର ଡେପୁଟି ମ୍ୟାନେଜର ଏସ୍. ସି. ନାୟକ ସବିଶେଷ ଆଲୋଚନା କରିଥିଲେ। ଆସିଷ୍ଟାଣ୍ଟ ମ୍ୟାନେଜର (ମାନବ ସମ୍ବଳ) ଏସ୍. ପି. ମାଝି ସ୍ୱାଗତ କରିଥିବା ବେଳେ ଶ୍ରମ ନିରୀକ୍ଷକ କେ. କେ. ପରିଡା ଧନ୍ୟବାଦ ଅର୍ପଣ କରିଥିଲେ। କେ. କେ. ପରିଡା ଓ ବିଭାଗୀୟ ଦଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉଲ୍ଲେଖଯୋଗ୍ୟ, ଏହି କର୍ମଶାଳା ନିୟମିତ ବ୍ୟବଧାନରେ ଅବସରପ୍ରାପ୍ତ କର୍ମଚାରୀଙ୍କ ସ୍ତ୍ରୀମାନଙ୍କୁ ନେଇ ଅନୁଷ୍ଠିତ ହେଉଛି।



କର୍ମଶାଳାରେ ଉପସ୍ଥିତ ଆର୍ଏସ୍‌ପି କର୍ମଚାରୀ।

## ହିନ୍ଦୁ ସମାଜ ସଙ୍ଗଠିତ ରହିବାକୁ ଆହ୍ୱାନ



ସମ୍ମିଳନୀରେ ମଞ୍ଚାସୀନ ଅତିଥି।

ରାଉରକେଲା,୨୪।୨(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ସେକ୍ଟର-୩ ଶ୍ରୀ ଜଗନ୍ନାଥ ମନ୍ଦିର ରଥଖଳାରେ ସୋମବାର ବିଶାଳ ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମଙ୍ଗଳ ସିଂ ମଙ୍ଗରାଜ ଅଧ୍ୟକ୍ଷତା କରିଥିଲେ। ସ୍ୱାମୀ ବାସୁଦେବାନନ୍ଦ ସରସ୍ୱତୀ ମୁଖ୍ୟଅତିଥି, ମାତା କୃଷ୍ଣପ୍ରିୟା ନନ୍ଦ ଓ ରାଜଶ୍ରୀ ମିଶ୍ର ସମ୍ମାନିତ ଅତିଥି, ସଂଘର କ୍ଷେତ୍ରୀୟ କାର୍ଯ୍ୟବାହ ଦୁର୍ଗାପ୍ରସାଦ ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇ ହିନ୍ଦୁ ସମ୍ମିଳନୀର ଆଭିମୁଖ୍ୟ ଓ ଆବଶ୍ୟକତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଅତିଥିମାନେ ହିନ୍ଦୁ ସମାଜକୁ ସଙ୍ଗଠିତ ହୋଇ ରହିବା ପାଇଁ ଆହ୍ୱାନ ଦେଇଥିଲେ। ସମ୍ମିଳନୀରେ ସ୍ଥାନୀୟ ହିନ୍ଦୁ ସମାଜ ସଦସ୍ୟ ଉପସ୍ଥିତ ଥିଲେ। ଗଗନ ବିହାରୀ ବେହେରା, ସତ୍ୟାନନ୍ଦ ଦାସ, ସମାଜପତି ରାୟ, ହରେକୃଷ୍ଣ ମାଝୀ, ପ୍ରଭାତ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

## କମିଶନରେଟ୍ 'ଏ' ଚାମ୍ପିୟନ

### ରାଜ୍ୟ ପୋଲିସ ହକି ଚାମ୍ପିୟନଶିପ୍ ଉଦ୍‌ଯାପିତ

ରାଉରକେଲା,୨୪।୨(ଦିନେଶ ମିଶ୍ର)

ଛେଣ୍ଡସ୍ଥିତ ବିର୍ସା ମୁଣ୍ଡା ଅର୍ନ୍ତଜାତୀୟ ହକି ଷ୍ଟାଡିୟମ୍‌ରେ ଚାଲିଥିବା ୭୫ତମ ରାଜ୍ୟ ପୋଲିସ ହକି ଚାମ୍ପିୟନଶିପ୍ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏହି ୩ ଦିନିଆ ହକି ଚାମ୍ପିୟନଶିପ୍‌ର ଉଦ୍‌ଯାପନୀ ଉତ୍ସବରେ ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ କୁମାର ରାୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ରାଉରକେଲା ଏସ୍‌ପି ନିତେଶ ୱାଧୱାନିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବର ଫାଇନାଲ ମ୍ୟାଚ୍ ୬ଷ୍ଠ ଏସ୍ଏସ୍ଏପି ବାଟାଲିୟନ୍ କଟକ ଓ କମିଶନରେଟ୍ 'ଏ' ଭୁବନେଶ୍ୱର ଦଳ ମଧ୍ୟରେ ଖେଳାଯାଇଥିଲା। ଏଥିରେ ଭୁବନେଶ୍ୱର କମିଶନରେଟ୍ 'ଏ' ଦଳ ୪-୩ ଗୋଲରେ କଟକ ଦଳକୁ ପରାସ୍ତ କରି ଚାମ୍ପିୟନ ହୋଇଥିଲା। ଅତିଥିମାନେ ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। କମିଶନରେଟ୍ 'ଏ' ଦଳର ଫରୱାର୍ଡ ଖେଳାଳି ଦୀପକ ଟପ୍ପୋଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ଅନୁଭବ ରାଉତ ଓ ଅଭିଷେକ ତିର୍କୀ ମ୍ୟାଚ୍ ପରିଚାଳନା କରିଥିଲେ। ତୃତୀୟ ଦଳ ଭାବେ ରାଉରକେଲା ପୋଲିସ ବିଜୟୀ ହୋଇଥିଲା।



ଅତିଥିମାନେ ଖେଳାଳିଙ୍କ ସହ କରମର୍ଦ୍ଦନ କରୁଛନ୍ତି।

# ଖାଦ୍ୟ ପାଇଁ ସହରମୁହାଁ ହାତୀପଲ

ରାଉରକେଲା,୨୪।୨(ସଙ୍ଗୀତା ଜେନା)

ରାଉରକେଲା ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଏନ୍ଆଇଟି) ସମେତ ଦଳପୋଷକୁ ମଙ୍ଗଳବାର ଭୋରରୁ ୫ଟି ହାତୀ ପଶିଆସିଛନ୍ତି। ଫଳରେ ସ୍ଥାନୀୟ ଲୋକେ ଭୟଭୀତ ହୋଇପଡିଛନ୍ତି। ବନ ବିଭାଗ ପକ୍ଷରୁ ଅସ୍ଥାୟୀ ସୋଲାର ଫେନ୍‌ସିଂ, ଡାକବାଜି ଯନ୍ତ୍ରରେ ଲୋକଙ୍କୁ ସତର୍କ କରିବା ସହ ଡ୍ରୋନ ସାହାଯ୍ୟରେ ହାତୀପଲର ଗତିବିଧି ନିରୀକ୍ଷଣ କରାଯାଇଛି। ତେବେ ବନ ବିଭାଗ ସନ୍ଧ୍ୟା ୭ଟା ସୁଦ୍ଧା ଏନ୍ଆଇଟି ପରିସରରୁ ହାତୀଙ୍କୁ ଘଉଡାଇଥିବା ଜଣାପଡିଛି।

ସୂଚନା ଅନୁଯାୟୀ, ପ୍ରାୟ ୨ ଦିନ ତଳେ ରାଉରକେଲା ବିଶ୍ରା, ବନ୍ଧମୁଣ୍ଡା, ଜମସେରା ଅଞ୍ଚଳରେ ୨୬ ଟିକିଆ ହାତୀପଲ ଡେରା ପକାଇଥିଲେ। ଦିନବେଳା ବିଶ୍ରା ବ୍ଲକରେ ସ୍ଥାନୀୟ ଲୋକଙ୍କ ପନିପରିବା ଚାଷ ଖାଇବା ସହ ରାତିରେ ନିକଟସ୍ଥ ଜଙ୍ଗଲରେ ଆଶ୍ରୟ ନେଉଥିଲେ। ସେମାନଙ୍କୁ ବନ ବିଭାଗ ପକ୍ଷରୁ ଘଉଡାଇବା ଅଭିଯାନ ଆରମ୍ଭ ହୋଇଥିଲା। ଫଳରେ ୨୧ଟି ହାତୀକୁ ସଫଳ ଭାବେ ଝାଡ଼ଖଣ୍ଡ ଜରେଇକେଲା ସରଣ୍ଡା ଜଙ୍ଗଲକୁ ଘଉଡାଯାଇଥିବା ବେଳେ ୫ଟି ହାତୀ ଦଳରୁ ବିଚ୍ଛିନ୍ନ ହୋଇଥିଲେ। ସେମାନେ ସୋମବାର ସନ୍ଧ୍ୟାରେ ଦଳପୋଷ ଅଞ୍ଚଳରେ ଥିଲେ। ସେଥିମଧ୍ୟରୁ ଗୋଟିଏ ମାଈ ହାତୀ ଓ ଶାବକ ମଙ୍ଗଳବାର ଭୋର ୪ଟାରେ ଏନ୍ଆଇଟି ପାଚେରି ଭାଙ୍ଗି ପଶିଆସିଥିଲେ। ସକାଳ ୭ଟାରେ ପୁଣି ଅନ୍ୟ ଏକ ପାଚେରି ଭାଙ୍ଗି ବନ୍ଧମୁଣ୍ଡା ଅଞ୍ଚଳକୁ ଯିବାକୁ ଉଦ୍ୟତ ହେଉଥିବା ବେଳେ ଲୋକଙ୍କ ପାଟିତୁଣ୍ଡରେ ପୁଣି ଏନ୍ଆଇଟି ଭିତରକୁ ପଶିଯାଇଥିଲେ। ସେହିପରି ଦଳପୋଷ ଖାଦାନଡ଼ିପା ଅଞ୍ଚଳରେ ଦନ୍ତା ସମେତ ୩ଟି ହାତୀ ରହିଥିଲେ। ବିଜାଡିହି ନାଳ ଅପରପାର୍ଶ୍ୱରେ ସେମାନେ ଛିଡା ହୋଇଥିଲେ। ସେଠାରେ ବନ ବିଭାଗ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ହାତୀକୁ କ୍ଷତି ନ ପହଞ୍ଚାଇବାକୁ ନିବେଦନ କରାଯାଇଥିଲା। ମଙ୍ଗଳବାର ଭୋର ସମୟରୁ ରାଉରକେଲା ବନ ବିଭାଗ ଡିଏଫ୍ଓ ଯଶୋବନ୍ତ ସେଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପାନପୋଷ ରେଞ୍ଜ୍, ଷ୍ଟିଲଟାଉନଶିପ୍ ରେଞ୍ଜ୍‌ରେ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଏନ୍ଆଇଟି ଇନ୍‌ଡୋର ଷ୍ଟାଡିୟମ୍ ନିକଟରେ ରାଉରକେଲା ବନ ବିଭାଗ ପକ୍ଷରୁ ଅସ୍ଥାୟୀ ସୋଲାର ଫେନ୍‌ସିଂ କରାଯାଇଥିଲା। ସେହିପରି ସ୍ଥାନୀୟ ଲୋକଙ୍କୁ ଘରୁ ନ ବାହାରିବା ପାଇଁ ଡାକବାଜି ଯନ୍ତ୍ରରେ ସତର୍କ କରାଯାଇଥିଲା। ହାତୀ ଓ ଶାବକ ସୁରକ୍ଷିତ ବାହାରି ଯିବା ପାଇଁ ଜଙ୍ଗଲ ପଟକୁ ଏକ ପାଚେରି ଭଙ୍ଗାଯାଇ ରାସ୍ତା ତିଆରି କରାଯାଇଛି। ଏ ନେଇ ଡିଏଫ୍ଓ ସେଠୀ କହିଛନ୍ତି, ହାତୀ ପଶିଆସିଥିଲେ ମଧ୍ୟ ଲୋକମାନେ ସୁରକ୍ଷିତ ରହିଛନ୍ତି। ବନ ବିଭାଗ ପକ୍ଷରୁ କଡ଼ା ସୁରକ୍ଷା ବଳୟ ତିଆରି ହୋଇଛି। ସେକ୍ଟର-୩ ଥାନା ସହଯୋଗରେ ପାଟ୍ରୋଲିଂ କରାଯାଇ ଜନସାଧାରଣଙ୍କୁ ସଚେତନ କରାଯାଇଛି। ହାତୀମାନଙ୍କୁ ରାତିରେ ଘଉଡାଯିବା ବ୍ୟବସ୍ଥା ହୋଇଛି। ଭୟ କରିବାର ଆବଶ୍ୟକତା ନାହିଁ ବୋଲି ସେଠୀ କହିଥିଲେ।



ଏନ୍ଆଇଟି କ୍ୟାମ୍ପସରେ ହାତୀ ।



ବନ ବିଭାଗ କର୍ମଚାରୀ ହାତୀକୁ ଜଗି ରହିଛନ୍ତି।

■ ଦଳପୋଷରେ ରହିଛନ୍ତି ୩ ହାତୀ
■ ଘଉଡାଇବାକୁ ବନ ବିଭାଗର ଉଦ୍ୟମ

## ସଂକ୍ଷେପରେ

### ଖଜୁରୀ ଗଛରୁ ଖସି ବ୍ୟକ୍ତିଙ୍କ ମୃତ୍ୟୁ

**ରେଢ଼ାଖୋଲ,୨୪।୨(ସନ୍ତୋଷ ବଘାର)**

ସମ୍ବଲପୁର ଜିଲା ରେଢ଼ାଖୋଲ ଥାନା ଅନ୍ତର୍ଗତ ଖଜୁରୀଝରଣ ଗ୍ରାମରେ ଏକ ଦୁଃଖଦ ଘଟଣା ଘଟିଛି। ଖଜୁରୀ ରସ ସଂଗ୍ରହ କରିବାକୁ ଗଛରେ ଚଢ଼ିଥିବା ସମୟରେ ଖସିପଡ଼ିବାରେ ତାଙ୍କର ମୃତ୍ୟୁ ଘଟିଛି। ମୃତକ ସ୍ଥାନୀୟ ଗ୍ରାମର ଶମ୍ଭୁ ଭୋଇ(୫୫)। ସୂଚନା ଅନୁଯାୟୀ ସୋମବାର ଶମ୍ଭୁ ଖଜୁରୀ ରସ ବାହାର କରିବା ପାଇଁ ଗଛକୁ ଚଢ଼ିଥିଲେ। ଅସାବଧନତାବଶତଃ ଗଛ ଉପରୁ ଖସିଯିବାରୁ ସେ ତଳକୁ ଖସି ପଡ଼ିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ରେଢ଼ାଖୋଲ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ରେଢ଼ାଖୋଲ ଥାନା ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରିଛି। ଏ ସଂକ୍ରାନ୍ତରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ କରାଯିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

### ଗଣମାଧ୍ୟମ ପ୍ରତିନିଧିଙ୍କୁ ଆକ୍ରମଣ ପ୍ରତିବାଦରେ ଦାବିପତ୍ର

**ସମ୍ବଲପୁର,୨୪।୨(ପ୍ରମୋଦ ବହିଦାର)**

କିଛିଦିନ ତଳେ ଢେଙ୍କାନାଳ ଜିଲା ପରଜଙ୍ଗର ଗଣମାଧ୍ୟମ ପ୍ରତିନିଧି ଶାନ୍ତନୁ କୁମାର ଭୁକ୍ତାଙ୍କୁ ତାଳଚେରରେ ହୋଇଥିବା ମରଣାନ୍ତକ ଆକ୍ରମଣର ପ୍ରତିବାଦ କରିଛି ରାଜ୍ୟ ସାମ୍ବାଦିକ ସଂଘ ସମ୍ବଲପୁର ଶାଖା। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ସଂଘର ଏକ ପ୍ରତିନିଧି ଦଳ ସମ୍ବଲପୁର ଆରକ୍ଷୀ ଅଧୀକ୍ଷକ(ଏସ୍‌ପି) ମୁକେଶ କୁମାର ଭାମୁଙ୍କୁ ତାଙ୍କ କାର୍ଯ୍ୟାଳୟରେ ସାକ୍ଷାତ ସହ ଉକ୍ତ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଖବରଦାତାଙ୍କ ସୁରକ୍ଷା ନିଶ୍ଚିତ କରିବା ପାଇଁ ଦାବି କରିଥିଲେ। ଏହାସହ ତାଙ୍କ ଜରିଆରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ(ଡିଜିପି)ଙ୍କ ଉଦ୍ଦେଶ୍ୟରେ ଏନେଇ ଏକ ଦାବିପତ୍ର ପ୍ରଦାନ କରିଥିଲେ।

### ବନାଗ୍ନି ନିୟନ୍ତ୍ରଣ ପାଇଁ ଶପଥପାଠ

**ସମ୍ବଲପୁର,୨୪।୨(ଭବାନୀ ଶଙ୍କର ଭୋଇ)**

ସମ୍ବଲପୁର ବନଖଣ୍ଡ ଆନୁକୂଲ୍ୟରେ ଧମା ବନପାଳ ପ୍ରଶାନ୍ତ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ମଙ୍ଗଳବାର ବନାଗ୍ନି ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ସଭାରେ ସମ୍ବଲପୁର ବନଖଣ୍ଡ ସହାୟକ ବନ ସଂରକ୍ଷକ ରୁନେନ୍ଦ୍ର ସ୍ୱାଇଁ ମୁଖ୍ୟ ଅତିଥିଭାବେ ଉପସ୍ଥିତ ଥିଲେ। ଜୀବନ ଜୀବିକା ବିଶେଷଜ୍ଞ ତୁଷାରକାନ୍ତ ପାଣିଗ୍ରାହୀ, ବ୍ଲକ କୃଷି ଅଧିକାରୀ ତୁଷାର ମିଶ୍ର, ଧମା କେନ୍ଦୁପତ୍ର ରେଞ୍ଜ ଅଫିସର ତ୍ରୈଲୋକ୍ୟ ମୁଣ୍ଡା, ଧମା ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ସୁଚିତ୍ରା ପଣ୍ଡା, ଅର୍ଥଶାସ୍ତ୍ର ଅଧ୍ୟାପକ ସତ୍ୟ ନାରାୟଣ ଦାସ, ଅଧ୍ୟାପକ ବଳଦେବ ମହାକୁଡ଼, ସାମାଜିକ କର୍ମୀ ଦୀପକ ବିଶ୍ୱାଳ ଓ ବନ ସୁରକ୍ଷା ସମିତି ସଭ୍ୟାସଭ୍ୟଙ୍କ ସମେତ ଫାୟାର ସ୍କ୍ୱାଡ ଉପସ୍ଥିତ ଥିଲେ। ବନ ସୁରକ୍ଷା ପାଇଁ ବନାଗ୍ନି ନିୟନ୍ତ୍ରଣ ଏକ ଜରୁରୀ ପଦକ୍ଷେପ ବୋଲି ଅତିଥିମାନେ କହିଥିଲେ। ନିଆଁ ଲାଗିବା ଯୋଗୁ ଶହଶହ ଏକର ଜଙ୍ଗଲ ନଷ୍ଟ ହେବା ସହ ଲୋକଙ୍କ ଆବଶ୍ୟକତା ପୂରଣ କରୁଥିବା ଜଙ୍ଗଲଜାତ ସାମଗ୍ରୀ ନଷ୍ଟ ହୋଇଥାଏ ବୋଲି ଅତିଥିମାନେ ସଚେତନ କରିଥିଲେ।

# ଆର୍ଥିକ ସ୍ୱାବଲମ୍ବୀ ହେବାକୁ ଆହ୍ୱାନ

## ୫୦ରୁ ଉର୍ଦ୍ଧ୍ୱ ଅଙ୍ଗନୱାଡ଼ି କର୍ମୀ ଓ ସହାୟିକା ପୁରସ୍କୃତ

**ସମ୍ବଲପୁର,୨୪।୨(ପ୍ରମୋଦ ବହିଦାର)**

ସମ୍ବଲପୁର ଜିଲା ସମାଜ ମଙ୍ଗଳ ବିଭାଗ ପକ୍ଷରୁ ଆନ୍ତର୍ଜାତିକ ମହିଳା ଦିବସ ଉପଲକ୍ଷେ ଏକ କର୍ମଶାଳା ଆୟୋଜିତ ହୋଇଯାଇଛି। ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥ ସମଗ୍ର ଶିକ୍ଷା ଅଭିଯାନ ସମ୍ମିଳନୀ କକ୍ଷରେ ମଙ୍ଗଳବାର ପୂର୍ବାହ୍ନରେ ଅନୁଷ୍ଠିତ କର୍ମଶାଳାରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ(ଏଡିଏମ୍) ସୁଧାଂଶୁ ଶେଖର ଭୋଇ ଯୋଗଦେଇ ମହିଳାଙ୍କ ସଶକ୍ତୀକରଣ ପାଇଁ ଉପଲବ୍ଧ ସମସ୍ତ ସରକାରୀ ଯୋଜନାର ଉପଯୋଗ କରି ସ୍ୱାବଲମ୍ବୀ କରିବାକୁ ଉପସ୍ଥିତ ମହିଳାମାନଙ୍କୁ ଆହ୍ୱାନ ଦେଇଥିଲେ। ସେହିପରି ମହିଳାମାନଙ୍କୁ ସବୁ କ୍ଷେତ୍ରରେ ଅଗ୍ରସର ହେବାରେ ସମସ୍ତ ପ୍ରକାର ସହାୟତା ଯୋଗାଇ ଦେବାକୁ ବିଭାଗୀୟ ଅଧିକାରୀମାନଙ୍କୁ ସେ ପରାମର୍ଶ ଦେଇଥିଲେ। ପ୍ରାରମ୍ଭରେ ଏଡ୍‌ଏଟ୍ ଆକ୍ସନର ଜିଲା ସଂଯୋଜିକା ସୁନୀତା



ଆୟୋଜିତ କର୍ମଶାଳାରେ ଉପସ୍ଥିତ ମହିଳା ଓ ଅତିଥିବୃନ୍ଦ।

ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ ସହିତି ସ୍ୱାଗତ ଭାଷଣ ପ୍ରଦାନ କରିଥଲେ। ଜିଲା ସମାଜ ମଙ୍ଗଳ ଅଧିକାରିଣୀ ସଂଯୁକ୍ତା ସାହୁ ଆନ୍ତର୍ଜାତିକ ମହିଳା ଦିବସ ଉପଲକ୍ଷେ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଲିଡ ମ୍ୟାନେଜର ଦେବକିଶୋର ନାୟକ ଉପସ୍ଥିତ ମହିଳାମାନଙ୍କୁ ଆର୍ଥିକ ସଶକ୍ତ ଓ ସ୍ୱାବଲମ୍ବୀ ହେବା ଦିଗରେ ସହାୟତା ତଥା ବିଭିନ୍ନ ଠକେଇରୁ ବର୍ତ୍ତିବାର ଉପାୟ ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ। ସେହିପରି ଜିଲା ପରିଷଦର ଅଜିବିକା ମିଶନ ଆର୍ଥିକ ଉପଦେଷ୍ଟା ଶିବ ପ୍ରସାଦ ବେହେରା ମହିଳାମାନଙ୍କୁ ଆତ୍ମନିର୍ଭରଶୀଳ ହେବା ପାଇଁ ବିଭିନ୍ନ ତାଲିମ ପ୍ରଦାନ କରିଥିଲେ। ଏହି ଅବସରରେ ଆନ୍ତର୍ଜାତିକ ମହିଳା ଦିବସ ଉପଲକ୍ଷେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର ସମ୍ବଲପୁର ଜିଲାର ସମସ୍ତ ୯ଟି ବ୍ଲକର ୫୦ରୁ ଉର୍ଦ୍ଧ୍ୱ ଅଙ୍ଗନୱାଡ଼ି କର୍ମୀ ଓ ସହାୟିକାଙ୍କୁ ପୁରସ୍କୃତ କରାଯାଇଥିଲା। କର୍ମଶାଳାରେ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ଅଙ୍ଗନୱାଡ଼ି କର୍ମୀଙ୍କ ସହ ବହୁସଂଖ୍ୟାରେ ସ୍ୱେଚ୍ଛାସେବୀ ସଙ୍ଗଠନ କର୍ମକର୍ତ୍ତାମାନେ ଯୋଗଦେଇଥିଲେ। ଡିଏସ୍‌ଡବ୍ଲ୍ୟୁ ପ୍ରୋଗ୍ରାମ ଅଧିକାରୀ ସରିତା ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜିଲା ସଂଯୋଜକ ଛୋଟେଲାଲ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଜଙ୍ଗଲ ନିଆଁରୁ ପ୍ରକୃତି ଭାରସାମ୍ୟ ହରାଉଛି



ବନାଗ୍ନି ନିରାକରଣ ଉପରେ ସଚେତନତା ପାଲା ପରିବେଷଣ କରାଯାଉଛି।

**କୁଚିଣ୍ଡା,୨୪।୨(ବିରଞ୍ଚି ଦର୍ଚ୍ଚା)**

## ବନାଗ୍ନି ସଚେତନତା ସଭା

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ ବକ୍ସମା ପଞ୍ଚାୟତ କାର୍ଯ୍ୟାଳୟରେ ମଙ୍ଗଳବାର କୁଚିଣ୍ଡା ବନ୍ୟପ୍ରାଣୀ ରେଞ୍ଜର ପକ୍ଷରୁ ପଞ୍ଚାୟତସ୍ତରୀୟ ବନାଗ୍ନି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ସରସ୍ୱତୀ ଠାକୁରଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ କୁଚିଣ୍ଡା ବନ୍ୟପ୍ରାଣୀ ରେଞ୍ଜର ଲେଖାରାଣୀ ମହାନନ୍ଦ, ଫରେଷ୍ଟର ଅନୁରାଧା ଖର୍ସେଲ, ପଞ୍ଚାୟତ ନିର୍ବାହୀ ଅଧିକାରୀ ବର୍ଷାରାଣୀ ବିଶ୍ୱାଳ, ଏଡିଇଓ ସରୋଜ ବିଶାଳ ଯୋଗଦେଇଥିଲେ। ରେଞ୍ଜର ମହାନନ୍ଦ ତାଙ୍କ ବକ୍ତବ୍ୟରେ କହିଥିଲେ ଅଜ୍ଞାନତାବଶତଃ କିମ୍ବା ଜାଣିଶୁଣି କେତେକ ବ୍ୟକ୍ତି ଜଙ୍ଗଲରେ ନିଆଁ ଲଗାଇ ଦେଇଥାନ୍ତି। ଯା'ଫଳରେ ଜଙ୍ଗଲ ନଷ୍ଟ ହେବା ସହ ବହୁ ମୂଲ୍ୟବାନ ଔଷଧୀୟ ବୃକ୍ଷଲତା ନଷ୍ଟ ଏବଂ ବନ୍ୟପ୍ରାଣୀ ମାନେ ମୃତ୍ୟୁମୁଖରେ ପଡିଥାନ୍ତି। ଯଦ୍ୱାରା ପ୍ରକୃତି ତା'ର ଭାରସାମ୍ୟ ହରାଇ ବିଭିନ୍ନ ସମସ୍ୟା ସୃଷ୍ଟି ହୋଇଥାଏ। ଏହାର ପ୍ରଭାବ ସିଧାସଳଖ ଜନସାଧାରଣଙ୍କ ଉପରେ ପଡ଼ିଥାଏ। ତେଣୁ ନିଆଁ ଲଗାଇବା ନାହିଁ ଓ ଜଙ୍ଗଲରେ ନିଆଁ ଲାଗିଲେ ବନ ବିଭାଗକୁ ସୂଚନା ଦେଇ ନିଆଁକୁ ଲିଭାଇବାକୁ ଉଦ୍ୟମ କରିବା ବୋଲି ସେ ସମସ୍ତଙ୍କୁ ଅନୁରୋଧ କରିଥିଲେ। ଏହି ଅବସରରେ ଉପସ୍ଥିତ ପଞ୍ଚାୟତବାସୀ ଜଙ୍ଗଲ ସୁରକ୍ଷା ପାଇଁ ଶପଥ ଗ୍ରହଣ କରିଥିଲେ। ବନବିଭାଗ ପକ୍ଷରୁ ସଚେତନତା ପାଇଁ ପଥପ୍ରାନ୍ତ ପାଲା ପରିବେଷଣ କରାଯାଇଥିଲା। ଶେଷରେ ବନରକ୍ଷୀ ଶାନ୍ତିପ୍ରିୟା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଆଦିତ୍ୟ ଆଲୁମିନିୟମ ପକ୍ଷରୁ ଶିଶୁ ଉପକରଣ ବଣ୍ଟନ



ଲପଙ୍ଗାସ୍ଥିତ ଆଦିତ୍ୟ ଆଲୁମିନିୟମ ପକ୍ଷରୁ ଶିଶୁମାନଙ୍କ ପାଇଁ ସହାୟକ ଉପକରଣ ବଣ୍ଟନ କରାଯାଉଛି।

**ସମ୍ବଲପୁର/ରେ,୨୪।୨(ବି.ଶଙ୍କର)**

ସମ୍ବଲପୁର ଜିଲା ଲପଙ୍ଗାସ୍ଥିତ ଆଦିତ୍ୟ ଆଲୁମିନିୟମ ପକ୍ଷରୁ ଶିଶୁମାନଙ୍କ ପାଇଁ ସହାୟକ ଉପକରଣ ବଣ୍ଟନ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ରେଙ୍ଗାଲି ବ୍ଲକ ଶିକ୍ଷା କାର୍ଯ୍ୟାଳୟ ସହଯୋଗରେ ରେଙ୍ଗାଲି ବ୍ଲକ ରିସୋର୍ସ ସେଣ୍ଟରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ହୋଇଥିଲା। ବିଆରପି (ସିଡବ୍ଲ୍ୟୁଏସଏନ) ସୁବ୍ରତ କୁମାର ଭୋଇଙ୍କ ନିର୍ଦ୍ଦେଶନା ଏବଂ ଆଦିତ୍ୟ ଆଲୁମିନିୟମ ସିଏସ୍‌ଆର୍ ଦଳର ସହଯୋଗରେ ପ୍ରାରମ୍ଭିକ ସର୍ବେକ୍ଷଣ ହୋଇଥିଲା। ଏହି ସଂଯୁକ୍ତ ପ୍ରୟାସରେ ନିକଟସ୍ଥ ଅଞ୍ଚଳରୁ ୧୩ ଶିଶୁଙ୍କୁ ସହାୟକ ଉପକରଣପ୍ରାପ୍ତି ପାଇଁ ଚିହ୍ନଟ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ୟୁନିଟ୍ ହେଡ୍ ଜଗନ୍ନାଥ ପ୍ରସାଦ ନାୟକ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସିପିପି ପ୍ଲାଣ୍ଟ ମୁଖ୍ୟ ଗୁଲଶନ ତିୱାରୀ, ମାନବ ସମ୍ବଳ ମୁଖ୍ୟ ବିନୋଦା ନନ୍ଦ ଠାକୁର, ପର୍ଚେଜ ମୁଖ୍ୟ ଅମିତ ପାଣ୍ଡା, କ୍ଲଷ୍ଟର ସିଏସ୍‌ଆର ମୁଖ୍ୟ ଶିବ ପ୍ରସାଦ ମହାପାତ୍ର, ସିଏସ୍‌ଆର ମୁଖ୍ୟ ରବି ନିୱସ, ସୁକାନ୍ତ ମହାପାତ୍ର ଓ ସିଏସ୍‌ଆର ଦଳର ସଦସ୍ୟମାନେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ବଲପୁର ଜିଲାର ବରିଷ୍ଠ ନାଗରିକ ସଂଘର ସଭାପତି ଅନ୍ତର୍ଯ୍ୟାମୀ ପାଣି, ସାଲେଗ୍ରାମ ସାହୁ ଓ ଶଶୀଭୂଷଣ ସାହୁଙ୍କ ସହ ଅଞ୍ଚଳର ବୃଦ୍ଧଜନ ଓ ସମାଜ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଏହାସହିତ ଏଞ୍ଜେଲ ଏନ୍‌ଜିଓର ଆଶିଷ ଜନ ଓ କଳ୍ପନା ବାଗ ଏବଂ ସ୍ୱାଧୀନ ଏକତା ସଙ୍ଗଠନର ରାଜୀବ ମିଶ୍ର ମଧ୍ୟ ଉପସ୍ଥିତ ରହି ଏହି ପଦକ୍ଷେପକୁ ପ୍ରଶଂସା କରିଥିଲେ।

### ହୃଦ୍‌ଘାତରେ ଠିକା ଶ୍ରମିକଙ୍କ ମୃତ୍ୟୁ

**ରେଙ୍ଗାଲି,୨୪।୨(ଦେବବ୍ରତ ପଣ୍ଡା)**

ସମ୍ବଲପୁର ଜିଲା ରେଙ୍ଗାଲି ଥାନା ପଣ୍ଡଲୋଇସ୍ଥିତ ଶ୍ୟାମ ମେଟାଲିକ୍ସରେ ଏକ ଠିକାସଂସ୍ଥା ଅଧୀନରେ କାମ କରୁଥିବା ଜଣେ ଶ୍ରମିକଙ୍କ ମଙ୍ଗଳବାର ହୃତ୍‌ଘାତରେ ମୃତ୍ୟୁ ଘଟିଛି। ମୃତକ କଟକ ଜିଲା ନରସିଂହପୁରର ବିଜୟ ପଣ୍ଡା (୩୭)। ମଙ୍ଗଳବାର ସକାଳେ ବିଜୟ କମ୍ପାନୀକୁ ଡିଉଟି ଯାଇଥିବା ବେଳେ ସେଠାରେ ହଟାତ ଅଚେତ ହୋଇଯାଇଥିଲେ। ଆମ୍ବୁଲାନ୍ସ ଯୋଗେ ତାଙ୍କୁ ରେଙ୍ଗାଲି ଡାକ୍ତରଖାନା ଅଣଯାଇଥିଲା। ଗୁରୁତର ହେବାରୁ ସେଠାରୁ ତାଙ୍କୁ ବୁର୍ଲା ପଠାଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ବୁର୍ଲା ଥାନା ରେ ଏକ ମାମଲା ରୁଜୁ କରାଯାଇଛି। ବୁଧବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ଜଣାପଡିଛି।

# ବନାଗ୍ନି ସଚେତନତା ଶିବିର





ବନାଗ୍ନି ସଚେତନତା ଶିବିରର ମଞ୍ଚାସୀନ ଅତିଥିମାନେ।

**ନାକଟିଦେଉଳ,୨୪।୨(ବୈକୁଣ୍ଠନାଥ ସାହୁ)**

ସମ୍ବଲପୁର ଜିଲା ନାକଟିଦେଉଳ ବନାଞ୍ଚଳ ପକ୍ଷରୁ ମଙ୍ଗଳବାର ରେଞ୍ଜ କାର୍ଯ୍ୟାଳୟ ପରିସରରେ ବନାଞ୍ଚଳସ୍ତରୀୟ ବନାଗ୍ନି ସଚେତନତା ଶିବିର ଏବଂ ନିଆଁଶୂନ୍ୟ ଆମ ବନାଞ୍ଚଳ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଏହି ଶିବିରରେ ନାକଟିଦେଉଳ ବନାଞ୍ଚଳ ସହକାରୀ ବନ ସଂରକ୍ଷକ ଅଶ୍ୱିନୀ କୁମାର ବେହେରା ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ପରିବେଶବିତ୍ ନାରାୟଣ ସାହୁ, ମୁଖ୍ୟବକ୍ତା ବାଟଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରାଜନୀତି ବିଜ୍ଞାନ ଅଧ୍ୟାପକ ପ୍ରଫୁଲ୍ଲ କୁମାର ପ୍ରଧାନ, ସମ୍ମାନୀତ ଅତିଥିଭାବେ ଡଇଁଚା ବାପୁଜୀ ଉଚ୍ଚ ବିଦ୍ୟାଳୟ ସହକାରୀ ଶିକ୍ଷକ ହଳଧର ସାହୁ ଯୋଗଦେଇଥିଲେ। ଏହି ଅବସରରେ ଅତିଥିମାନେ ଜଙ୍ଗଲ ନିଆଁର କାରଣ ଏବଂ ନିରାକରଣ ଉପରେ ଉପସ୍ଥିତ ଲୋକଙ୍କୁ ସଚେତନ କରାଇଥିଲେ। ଏଥିସହ ବନାଗ୍ନି ଦ୍ୱାରା ପରିବେଶ କିପରି ପ୍ରଦୂଷିତ ହେଉଛି ଏବଂ ପୃଥିବୀ ଉପରେ କିପରି ଏହାର କୁପ୍ରଭାବ ପଡୁଛି ସେ ଉପରେ ଆଲୋଚନା କରିଥିଲେ। ଜଙ୍ଗଲ ସଂଲଗ୍ନ ମହୁଲ ଗଛମୂଳେ ନିଆଁ ନ ଲଗାଇବା, କେନ୍ଦୁପତ୍ର ପାଇଁ ଜଙ୍ଗଲରେ ନିଆଁ ନ ଲଗାଇବା, ମହୁଲ ସଂଗ୍ରହ, ଜନ୍ତୁ ଶିକାର ଏବଂ ଜଙ୍ଗଲ ନିକଟରେ ଥିବା ନିଆଁ ନ ଲଗାଇବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଅନ୍ୟପକ୍ଷରେ ଜଙ୍ଗଲରେ ନିଆଁ ଲାଗିଲେ ନିଜେ ନିଆଁ ଲିଭାଇବା ସହିତ ସ୍ଥାନୀୟ ବନ କର୍ମଚାରୀମାନଙ୍କୁ ସୂଚନା ଦେବା, କେନ୍ଦୁପତ୍ର ସଂଗ୍ରହ ପାଇଁ ଗୋଛା କାଟିବା ସହିତ ନିଜେ ଏ ଦିଗରେ ସଚେତନ ହେବା ସହ ଅନ୍ୟମାନଙ୍କୁ ସଚେତନ କରାଇବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଉଭୟ ଜଙ୍ଗଲ ଏବଂ କେନ୍ଦୁପତ୍ର ବିଭାଗ କର୍ମଚାରୀମାନଙ୍କୁ ନେଇ ବନାଗ୍ନି ନିରାକରଣ ପାଇଁ ସଚେତନତା ଶିବିରକୁ ନାକଟିଦେଉଳ ସେକ୍ସନର ଫରେଷ୍ଟର ଅରୁଣ କୁମାର ବେହେରା ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବାଟଗାଁ ଫରେଷ୍ଟର ମନୋରଞ୍ଜନ ପ୍ରଧାନ, ଘୋଷରାମାଳ ଫରେଷ୍ଟର ଶୈଳେନ୍ଦ୍ରୀ ସାହୁ, ରାଇଲ ଫରେଷ୍ଟର ଶଙ୍କର ରାଉଳ, ଫରେଷ୍ଟ ଗାର୍ଡ, ଶିମିଳିପାଳ ଓ ନାକଟିଦେଉଳ କେନ୍ଦୁପତ୍ର ରେଞ୍ଜ ଅନ୍ତର୍ଗତ ସମସ୍ତ, ଚେକର, ମୁନସୀ, ଚପରାଶି, ଫରେଷ୍ଟର ଓ ଫରେଷ୍ଟ ଗାର୍ଡମାନେ ଉପସ୍ଥିତ ଥିଲେ।

# ଓସିଏଫ୍ ଶିକ୍ଷକ ପ୍ରଶିକ୍ଷଣ ପ୍ରବୋଧନ କାର୍ଯ୍ୟକ୍ରମ

**ସମ୍ବଲପୁର,୨୪।୨(ବି.ଶଙ୍କର)**

ଓଡ଼ିଶା କୋରିକୁଲମ ଫ୍ରେମ ୱାର୍କ (ଓସିଏଫ) ୨୦୨୫ ଶିକ୍ଷକ ପ୍ରଶିକ୍ଷଣ ପ୍ରବୋଧନ କାର୍ଯ୍ୟକ୍ରମ ମଙ୍ଗଳବାର ସ୍ଥାନୀୟ ବାଲିବନ୍ଧା ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟଠାରେ ଉଦ୍‌ଯାପିତ ହୋଇଛି। ଓଡ଼ିଶା ପାଠ୍ୟକ୍ରମ ରୂପରେଖ-୨୦୨୫ ଓ ନୂତନ ପାଠ୍ୟ ପୁସ୍ତକ ସଞ୍ଚାଳନ ନିମନ୍ତେ କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ରହିଥିଲା। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଭାରତୀୟ ଜ୍ଞାନ ପରମ୍ପରା, ପଞ୍ଚକୋଷ ଆଧାରରେ ବ୍ୟକ୍ତିତ୍ୱର ବିକାଶ, ପଞ୍ଚପଦୀ ଶିକ୍ଷଣ ପଦ୍ଧତି, କଳା ଶିକ୍ଷା, ଶାରୀରିକ ଶିକ୍ଷା ଏବଂ ଧନ୍ଦାମୂଳକ ଶିକ୍ଷା ଉପରେ ପ୍ରଶିକ୍ଷଣ ପ୍ରଦାନ କରାଯିବା ସହିତ ୫୫ ଖଣ୍ଡ ନୂତନ ପାଠ୍ୟ ପୁସ୍ତକର ପ୍ରୟୋଗ ବିଧି ଉପରେ ଆଲୋକପାତ କରାଯାଇଥିଲା। ଜିଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଡ. ସତ୍ୟବ୍ରତ ସାହୁ, ଧନକଉଡ଼ା ଗୋଷ୍ଠୀ ଶିକ୍ଷା



ଓସିଏଫ ଶିକ୍ଷକ ପ୍ରଶିକ୍ଷଣ ପ୍ରବୋଧନ କାର୍ଯ୍ୟକ୍ରମରେ ବକ୍ତା ଓ ପ୍ରଶିକ୍ଷକମାନେ।

## ୬୬୯ ଶିକ୍ଷୟିତ୍ରୀ ଶିକ୍ଷକ ପ୍ରଶିକ୍ଷଣପ୍ରାପ୍ତ

ଅଧିକାରୀ କରନ ଶର୍ମା ଏବଂ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ରମେଶ ମିଶ୍ର ଯୋଗଦେଇ ଏକବିଂଶ ଶତାବ୍ଦୀରେ ନୂତନ ପାଠ୍ୟପୁସ୍ତକର ଉପଯୋଗିତା ଓ ଛାତ୍ରୀଛାତ୍ରଙ୍କ ଦକ୍ଷତା ବୃଦ୍ଧିରେ ଏହା କିପରି ସହାୟକ ହେବ, ସେ ସମ୍ବନ୍ଧରେ ବିସ୍ତୃତ ଭାବରେ ଆଲୋକପାତ କରିଥିଲେ। ଏହି ପ୍ରଶିକ୍ଷଣର ୫ଟି ପର୍ଯ୍ୟାୟରେ ସମୁଦାୟ ୬୬୯ ଶିକ୍ଷୟିତ୍ରୀଶିକ୍ଷକ ପ୍ରଶିକ୍ଷଣପ୍ରାପ୍ତ ହୋଇଥିଲେ। ସେହିପରି ମୋଟ ୧୪ଜଣ ପ୍ରଶିକ୍ଷକ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ପ୍ରଶିକ୍ଷକ ସୁବାଷ ଚନ୍ଦ୍ର ସାହୁ, ସବୀର ରଞ୍ଜନ ନାଥ, ପ୍ରସନ୍ନ କର, ଦାନିଏଲ ବାରିକ, ବିରେଶ୍ୱର କର, ପ୍ରୀତିନନ୍ଦା ପାଣିଗ୍ରାହୀ, ସୁରଭି ରଣବଂଶୀ, ମନୋରମା ମିଶ୍ର, ସାବିତ୍ରୀ ପୁରୋହିତ, ତୃପ୍ତି ସାହୁ, ମୋହିନୀ ହୋତା, ରୋଜି ତ୍ରିପାଠୀ, ସରିତା ପଣ୍ଡା, ରୀନା ପ୍ରଧାନ ପ୍ରମୁଖ ସମସ୍ତ ପ୍ରଶିକ୍ଷଣ ପର୍ଯ୍ୟାୟରେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟକୁ ସୂଚାରୁଭାବେ ସମ୍ପାଦନ କରିଥିଲେ। ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଶେଷରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ରମେଶ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ପିଏମ୍‌ଶ୍ରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ରେଢ଼ାଖୋଲ,୨୪।୨(ସନ୍ତୋଷ ବଘାର)**

ସମ୍ବଲପୁର ଜିଲା ରେଢାଖୋଲ ବ୍ଲକ ଖନ୍ଦାଢିପସ୍ଥିତ ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସୁଶ୍ରୀ ଅନିତା ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଉପଜିଲାପାଳ ରଶ୍ମିରଞ୍ଜନ ମହନ୍ତ ମୁଖ୍ୟଅତିଥିଭାବେ ଯୋଗଦାନ କରିଥିଲେ। ସମ୍ମାନୀତ ଅତିଥିଭାବେ ବ୍ଲକ ଅଧକ୍ଷ ପ୍ରଦୀପ ପ୍ରଧାନ, ଗୋଷ୍ଠୀ ଶିକ୍ଷାଧିକାରୀ ରଞ୍ଜିତ କୁମାର ଭୋଇ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଯାଜ୍ଞସେନୀ ନାଏକ, ମୋ ସ୍କୁଲ ଅଭିଯାନ ସଭାପତି ଗଣେଶ୍ୱର ପ୍ରଧାନ ତଥା ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମହାବୀର ସିଂଦେଓ ଯୋଗଦେଇଥିଲେ। ଅବସରପ୍ରାପ୍ତ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ନରୋତ୍ତମ ପୁରୋହିତ ମୁଖ୍ୟବକ୍ତାଭାବେ ମଞ୍ଚାସୀନ ଥିଲେ। ମୁଖ୍ୟବକ୍ତା ପୁରୋହିତ ପିଏମଶ୍ରୀ ବିଦ୍ୟାଳୟର ଆଦର୍ଶ, ମହନୀୟତା କିପରି ହେଲେ ଏହା ଅନ୍ୟ ବିଦ୍ୟାଳୟର ଆଦର୍ଶ ହୋଇପାରିବ ତାହା ଉପରେ ଆଲୋକପାତ କରିଥିଲେ। ଏହାପରେ ବିଦ୍ୟାଳୟରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିସହ ବିଦ୍ୟାଳୟ ପରିଚାଳନା କମିଟି ସଭ୍ୟାସଭ୍ୟଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ବିଜ୍ଞାନ ଶିକ୍ଷକ ଖଗେଶ୍ୱର ପ୍ରଧାନ ମଞ୍ଚ ପରିଚାଳନା କରିଥିବବେଳେ ଶିକ୍ଷୟିତ୍ରୀ ପଦ୍ମିନୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

# ସମୟାନୁବର୍ତ୍ତୀ ହୋଇ କାମକଲେ ସୁଫଳ ମିଳିବ

**କୁଚିଣ୍ଡା,୨୪।୨(ବିରଞ୍ଚି ଦର୍ଚ୍ଚା)**

ସମ୍ବଲପୁର ଜିଲା ସମଲେଶ୍ୱରୀ ଦୁଗ୍ଧ ଉତ୍ପାଦନ ସମବାୟ ସମିତି ଆନୁକୂଲ୍ୟରେ କୁଚିଣ୍ଡା ବ୍ଲକର ବକ୍ସମା ଦୁଗ୍ଧ ଶୀତଳୀକରଣ କେନ୍ଦ୍ରଠାରେ ମଙ୍ଗଳବାର ଏକ ଚାଷୀ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ସମଲେଶ୍ୱରୀ ଦୁଗ୍ଧ ଉତ୍ପାଦନ ସମବାୟ ସମିତି ସାଧାରଣ ପରିଚାଳକ ଡା.ସରୋଜ କୁମାର ସାହୁ ଏଥିରେ ଅଧକ୍ଷତା କରି ବିଭିନ୍ନ ଦୁଗ୍ଧ ଉତ୍ପାଦକ ସମବାୟ ସମିତିରେ ଦୁଗ୍ଧ ଉତ୍ପାଦନ ବୃଦ୍ଧି, ସରକାରୀ ଯୋଜନାର ସଠିକ କାର୍ଯ୍ୟକାରିତା ନେଇ ଆଲୋଚନା କରିଥିଲେ। କୁଚିଣ୍ଡା ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଡା.ପ୍ରସନ୍ନ କୁମାର ସାମଲ, ସମଲେଶ୍ୱରୀ ଦୁଗ୍ଧ ଉତ୍ପାଦନ ସମବାୟ ସମିତିର ଅତିରିକ୍ତ ସାଧାରଣ ପରିଚାଳକ ଡା.ସଞ୍ଜିବ କୁମାର ଶତପଥୀ, ପରିଚାଳନା ନିର୍ଦ୍ଦେଶିକା ଉର୍ମିଳା ଠାକୁର, ଭୋଜପୁର ଭିଏଏସ୍ ଡା.ଭୁବନେଶ୍ୱର ସାହୁ, ଫାଶିମାଲ



ଅଧିକାରୀଙ୍କ ସହ ଯୋଗଦେଇଥିବା ସମିତି ସଭାପତି ଓ ସମ୍ପାଦକମାନେ।

## ବକ୍ସମାରେ ଚାଷୀ ସଚେତନତା କର୍ମଶାଳା

ଭିଏଏସ୍ ଡା.ଗଣେଷ ପାଣି ଅତିଥିଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା, ସିଏସ୍‌ଆର ଯୋଜନାରେ ଚାଷୀମାନେ ଦୁଧିଆଳୀ ଗାଈ ଆଣି ଲାଭବାନ ହେବାକୁ ପରାମର୍ଶ ଦେଇଥିଲେ। ଏହାଛଡା ସମୟାନୁର୍ତ୍ତିତା ହୋଇ ଗୋପାଳନ କଲେ ନିଶ୍ଚିତଭାବେ ସୁଫଳ ମିଳିବ ବୋଲି କହିଥିଲେ। ଚାଷୀ ବିରଞ୍ଚି ନାରାୟଣ ଦର୍ଚ୍ଚା ଅତିଥି ପରିଚୟ ପ୍ରଦାନ କରି କର୍ମଶାଳାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ବକ୍ସମା ଦୁଗ୍ଧ ଶୀତଳୀକରଣ କେନ୍ଦ୍ରର ଆଞ୍ଚଳିକ ଭାରପ୍ରାପ୍ତ ଅଧିକାରୀ ଦୁଗ୍ଧ ଉତ୍ପାଦନ ବିବରଣୀ ଉପସ୍ଥାପନ ସହ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଡିପୁପଡା ଓ ବାମରା କ୍ଷେତ୍ରପରିଦର୍ଶକ ସନ୍ତୋଷ କୁମାର ଦେହେରୀ, ଜମନକିରା କ୍ଷେତ୍ର ପରିଦର୍ଶକ ସମୀରରଞ୍ଜନ ଗୌଡ, ବିନୋଦ ଜର୍ଡିଆ ସହଯୋଗ କରିଥିଲେ। କର୍ମଶାଳାରେ କୁଚିଣ୍ଡା ବ୍ଲକ, ଜମନକିରା ବ୍ଲକ ଓ ରେଙ୍ଗାଲି ବ୍ଲକ ଅଧୀନ ବିଭିନ୍ନ ଦୁଗ୍ଧ ସମବାୟ ସମିତିର ବହୁସଂଖ୍ୟକ ସଭାପତି ଓ ସମ୍ପାଦକମାନେ ଯୋଗଦେଇଥିଲେ।

# କେନାଲ କାମ ନିମ୍ନମାନର ଅଭିଯୋଗ

ଦେଓଗାଁ,୨୪।୨(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)



ଦେଓଗାଁ ଯୋଗୀସାଗର ଏମ୍‌ଆଇପି ପ୍ରୋଜେକ୍ଟ ପାର୍ଶ୍ୱ କେନାଲ କାମ ଚାଲିଛି ।

ଦେଓଗାଁ ବ୍ଲକ ଅନ୍ତର୍ଗତ ଦେଓଗାଁ ପଞ୍ଚାୟତ ମୁଖ୍ୟାଳୟସ୍ଥିତ ଯୋଗୀସାଗର ଏମ୍‌ଆଇପି ପ୍ରୋଜେକ୍ଟରୁ ଜଳସେଚନ କରି ୫୦ରୁ ଊର୍ଦ୍ଧ୍ୱ ଚାଷୀ ରବି ଋତୁରେ ଧାନଚାଷ କରୁଛନ୍ତି। ତେବେ ଏହି ପ୍ରକଳ୍ପରୁ ଜଳସେଚନ ପାଇଁ ପୂର୍ବରୁ ରହିଥିବା କେନାଲ ପ୍ରାୟ ନଷ୍ଟ ହେବାକୁ ବସିଛି । ଏହାର ମରାମତି କରିବା ପାଇଁ ଚାଷୀମାନେ ଦାବି କରି ଆସୁଥିଲେ । ଏଣୁ କିଛି ଦିନ ହେଲା ସଂପୃକ୍ତ ବିଭାଗ ତରଫରୁ ଅର୍ଥ ମଞ୍ଜୁର କରାଯାଇ କେନାଲ ନିର୍ମାଣ କାମ ଆରମ୍ଭ ହୋଇଛି । ତେବେ ଏହି କାମ ଆରମ୍ଭ କରିବା ପୂର୍ବରୁ ସରକାରୀ ନିୟମାନୁସାରେ ସୂଚନା ଫଳକ ଲଗାଇବା କଥା । ହେଲେ ଏଠାରେ ନିୟମକୁ ଉଲ୍ଲଙ୍ଘନ କରାଯାଇ ସୂଚନା ଫଳକ ଲଗାଯାଇ ନ ଥିବାରୁ କେଉଁଠାରୁ କେତେ ପର୍ଯ୍ୟନ୍ତ କେନାଲ କାମ କରାଯିବ ଓ କେତେ ଅର୍ଥ ବ୍ୟୟ ହେବ ସେ ନେଇ ଚାଷୀମାନେ ଅନ୍ଧାରରେ ରହଛନ୍ତି । ଚାଷୀଙ୍କ ଅଭିଯୋଗ ଅନୁସାରେ ଠିକ ରୂପେ ସଫେଇ କରାନଯାଇ ସାଇଡ ୱାଲ ନଦେଇ କାମ କରାଯାଉଥିବା ବେଳେ ଠିକ ରୂପେ ଲୁହାରଡ ବ୍ୟବହାର ହେଉ ନାହିଁ । ବିଭାଗୀୟ ଯନ୍ତ୍ରୀଙ୍କ ଅନୁପସ୍ଥିତିରେ କାମ ଚାଲିଛି । ଏଥିରୁ ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ମଧ୍ୟରେ ଅସାଧୁ ମେଣ୍ଟ ରହିଥିବା ସହଜେ ଅନୁମେୟ ବୋଲି ଆଲୋଚନା ହେଉଛି । ଏଷ୍ଟିମେଟ ଅନୁସାରେ କାମ ହେଉ ନଥିବା ସନ୍ଦେହ ହେଉଥିବାରୁ କାମର ମାନକୁ ନେଇ ତଦନ୍ତ କରାଯିବା ସହ ସର୍ବସାଧାରଣରଙ୍କ ଅବଗତି ପାଇଁ ସୂଚନା ଫଳକ ଲଗାଯାଉ ବୋଲି ଚାଷୀ ମହଲରେ ଦାବି ହୋଇଛି ।

# ନବବଧୂଙ୍କ ବୟାନ ରେକର୍ଡ କରାଯିବ: ଏସ୍‌ପି

ବଲାଙ୍ଗୀର,୨୪।୨(ବୀରେନ୍ଦ୍ର କୁମାର ଝାଙ୍କର)

**ବନ୍ଧୁକ ଦେଖାଇ ନବବଧୂ ଅପହରଣ ମାମଲା**

ବରକୁ ବନ୍ଧୁକ ଦେଖାଇ ନବବଧୂ ଅପହରଣ ଘଟଣା ସାରା ରାଜ୍ୟରେ ଆଲୋଡନ ସୃଷ୍ଟି କରିଥିଲା। ଏହି ଘଟଣାରେ ମୁଖ୍ୟ ଅଭିଯୁକ୍ତ ସଞ୍ଜୀବ ସାହୁଙ୍କୁ ତରଭା ଥାନା ପୋଲିସ ସମ୍ବଲପୁରରୁ ଗିରଫ କରିଛି। ସୁବର୍ଣ୍ଣପୁର ଏସ୍‌ପି ନାରାୟଣ ନାୟକ ଖବରଦାତା ସମ୍ମିଳନୀ କରି ଘଟଣାର ସବିଶେଷ ସୂଚନା ଦେବା ପରେ ଗୋଟିଏ ଅଭାବନୀୟ ଘଟଣା କିଭଳି ତିନୋଟି ପରିବାରକୁ ପ୍ରଭାବିତ କରିଛି ତାହା ଉଦ୍‌ବେଗର କାରଣ ହୋଇଛି। ଏସ୍‌ପିଙ୍କୁ ପଚରାଯିବାରେ କହିଥିଲେ, ଉଦ୍ଧାର ହୋଇଥିବା ନବବଧୂ ଜଣକ ସାବାଳିକା। ସେ ନିଜେ ତାଙ୍କର ନିଷ୍ପତ୍ତି ନେଇ ପାରିବେ। ଗୁରୁବାର ତାଙ୍କର ମେଡିକାଲ ଯାଞ୍ଚ କରାଯିବ। ଏହାପରେ କୋର୍ଟରେ ହାଜର କରାଯାଇ ତାଙ୍କ ବୟାନ ରେକର୍ଡ କରାଯିବ। ଏହି ଘଟଣାରେ ପୋଲିସ ଜବତ କରିଥିବା ସୁନା ଅଳଙ୍କାର ନେଇ ଆଇନ ଅନୁଯାୟୀ ପଦକ୍ଷେପ ନିଆଯିବ ବୋଲି ଏସ୍‌ପି ସୂଚନା ଦେଇଥିଲେ। ପ୍ରକାଶ ଯେ, ବଲାଙ୍ଗୀର ସହର କାମାକ୍ଷୀନଗର ନିବାସୀ ହରିବନ୍ଧୁ ପୁଟେଲଙ୍କ ବାପାଙ୍କ ପରଲୋକ ହୋଇଯାଇଛି । ତାଙ୍କ ମା’ ତାଙ୍କୁ ଧାରକରଜ କରି ବାହା କରିଥିଲେ। ୨୧ ତାରିଖ ରାତିରେ ସୁରୁଖୁରୁରେ ତାଙ୍କର ବିବାହ ସରିଥିଲା। ନବବଧୂଙ୍କୁ ଧରି ଘରକୁ ଫେରିବା ବାଟରେ ଘଟିଲା ଅଘଟଣା । ଜଣେ ଯୁବକ ସହଯୋଗୀଙ୍କ ସହାୟତାରେ ବନ୍ଧୁକ ଦେଖାଇ ନବବଧୂଙ୍କୁ ଅପହରଣ କରିନେଲେ। ଏହି ଘଟଣା ପରେ ବର ହରିବନ୍ଧୁ ତରଭା ଥାନାରେ ଏତଲା ଦେଇ ଘରକୁ ଫେରିଥିଲେ। ତେବେ ବୋହୂ ଅପହରଣ ପରେ ବରପକ୍ଷ ଭାଙ୍ଗି ପଡିଛନ୍ତି। କୌଣସି ପରିସ୍ଥିତିରେ ଉଦ୍ଧାର ନବବଧୂଙ୍କୁ ଆଉ ଘରକୁ ନେବେନାହିଁ ବୋଲି ହରିବନ୍ଧୁ କହିଥିଲେ। ନବବଧୂଙ୍କୁ ପିନ୍ଧାଇଥିବା ସୁନା ଅଳଙ୍କାର କିପରି ମିଳିବ ସେନେଇ ଏସ୍‌ପିଙ୍କୁ ଅନୁରୋଧ କରିଥିବା କହିଥିଲେ।

ସେହିପରି ମୁଖ୍ୟ ଅଭିଯୁକ୍ତ ସଞ୍ଜୀବ ପୂର୍ବରୁ ବିବାହିତ । ଅପହରଣ ଘଟଣା ଜାଣିବା ପରେ ତାଙ୍କ ସ୍ତ୍ରୀ କୁନି ଝିଅ ସହ କିଭଳି ଦିନ କାଟିବେ ଚିନ୍ତାରେ ପଡିଛନ୍ତି। ସେ ମଧ ମଙ୍ଗଳବାର ତରଭା ଥାନାକୁ ଆସିଥିଲେ। କୁନି ଝିଅକୁ ଧରି ଥାନା ପରିସରରେ ଠିଆ ହୋଇଥିଲେ। ଗଣମାଧ୍ୟମକୁ ବିଶେଷ କିଛି କହିଲେ ନାହିଁ। ଘଟଣା ଦିନ ସେ ତାଙ୍କ ବାପଘରେ ଥିଲେ ବୋଲି କହିଥିଲେ। ଏସ୍‌ପି ନାୟକ କହିଥିଲେ, ଏହା ଏକ ଯୋଜନାବଦ୍ଧ ଅପହରଣ ଘଟଣା। ଅଭିଯୁକ୍ତଙ୍କ ନାଁରେ ଏକାଧିକ ସଙ୍ଗୀନ ଅଭିଯୋଗ ରହିଛି। ଅପରପକ୍ଷରେ ସମ୍ପୃକ୍ତ ନବବଧୂଙ୍କ ଭବିଷ୍ୟତ କ’ଣ ହେବ ତାହା ଚିନ୍ତାର କାରଣ ହୋଇଛି। ହେଲେ ଏହି ଅପହରଣ ଘଟଣାକୁ ନେଇ ସବୁ କଳ୍ପନା ଜଳ୍ପନାର ଅବସାନ ଘଟାଇ ଅଭିଯୁକ୍ତ ସଞ୍ଜୀବ ଏବେ ଜେଲ ହାଜତକୁ ଯାଇଛନ୍ତି।

# ବାପଘରୁ ନବବିବାହିତ ଝିଅ ନିଖୋଜ, ଅପହରଣ ଅଭିଯୋଗ

ବଲାଙ୍ଗୀର/ମୁରିବାହାଲ, ୨୪।୨
(ବୀରେନ୍ଦ୍ର କୁମାର ଝାଙ୍କର/ଶ୍ରୀବତ୍ସ ବେହେରା)

**ସୁନା ଅଳଙ୍କାର, ନଗଦ ୧ ଲକ୍ଷ ୬୦ ହଜାର ଟଙ୍କା ନେଇ ଯାଇଥିବା ଅଭିଯୋଗ**

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜିରେ ଏକ ଅଭାବନୀୟ ଘଟଣା ଘଟିଛି। ବିବାହ ପରେ ଅଷ୍ଟମଙ୍ଗଳାରେ ଶ୍ୱଶୁର ଘରୁ ବାପ ଘରକୁ ଆସିଥିବା ଜଣେ ବିବାହିତା ଝିଅ ନିଖୋଜ ହୋଇଯାଇଥିବା ଅଭିଯୋଗ ହୋଇଛି। ଝିଅ ଜଣକ ଶ୍ୱଶୁର ଘର ଏବଂ ବାପଘର ଲୋକେ ପିନ୍ଧାଇଥିବା ସୁନା ଅଳଙ୍କାର ଏବଂ ନଗଦ ୧ ଲକ୍ଷ ୬୦ ହଜାର ଟଙ୍କା ଧରି କୁଆଡେ ଚାଲିଯାଇଥିବାରୁ ତାଙ୍କୁ ଅପହରଣ କରାଯାଇଥିବା ସନ୍ଦେହ କରି ଝିଅର ବାପା କଣ୍ଟାବାଞ୍ଜି ଥାନାରେ ଅଭିଯୋଗ କରିବା ଘଟଣା ହଇଚଇ ସୃଷ୍ଟି କରିଛି। ପ୍ରକାଶ ଯେ, କଣ୍ଟାବାଞ୍ଜି ଏନ୍‌ଏସି ୧ ନମ୍ବର ୱାର୍ଡ ଧୋବାପଡା ନିବାସୀ ଜଣେ ବ୍ୟକ୍ତି ତାଙ୍କ ବିବାହିତ ଝିଅ ନିଖୋଜ ହୋଇଯାଇଥିବା ସମ୍ପର୍କରେ ଗତ ୨୨ ତାରିଖ ଦିନ ଅଭିଯୋଗ କରିଥିଲେ। ଚଳିତ ମାସ ୮ ତାରିଖ ଦିନ ସମ୍ପୃକ୍ତ ଯୁବତୀଙ୍କ ବିବାହ ମୁରିବାହାଲ ଥାନା କର୍ଲା ଗାଁର ଜଣେ ଯୁବକଙ୍କ ସହ ସମ୍ପନ୍ନ ହୋଇଥିଲା। ଅଷ୍ଟମଙ୍ଗଳା ପରେ ଗତ ୧୮ ତାରିଖ ଦିନ ଯୁବତୀ ଜଣକ ସ୍ୱାମୀଙ୍କ ସହ ବାପଘର କଣ୍ଟାବାଞ୍ଜି ଫେରିଥିଲେ। ସ୍ତ୍ରୀକୁ ଶ୍ୱଶୁର ଘରେ ଛାଡି ଦେଇ ସ୍ୱାମୀ ନିଜ ଗାଁ କର୍ଲା ସ୍ଥିତ ଘରକୁ ଫେରିଯାଇଥିଲେ। ୨୨ ତାରିଖ ସକାଳ ୫ଟାରୁ ନବବିବାହିତା ଯୁବତୀ କୁଆଡେ ନିଖୋଜ ହୋଇଯାଇଥିବା ଘର ଲୋକେ ଜାଣିବାକୁ ପାଇଥିଲେ। ପାଖପଡୋଶୀ, ବନ୍ଧୁବାନ୍ଧବଙ୍କୁ ପଚରାଉଚରା କରିବା ସହ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର ପତ୍ତା ମିଳିନଥିଲା। ଏହାପରେ ଯୁବତୀଙ୍କ ବାପା କଣ୍ଟାବାଞ୍ଜି ଥାନାରେ ଅଭିଯୋଗ କରିଥିଲେ। ଝିଅ ଗଲାବେଳେ ସୁନାରୂପା ଅଳଙ୍କାର ଓ ନଗଦ ୧ ଲକ୍ଷ ୬୦ ହଜାର ଟଙ୍କା ନେଇ ଯାଇଥିବା ଅଭିଯୋଗ ପତ୍ରରେ ଦର୍ଶାଯାଇଛି। ତାଙ୍କ ପଡାର ଜଣେ ଯୁବକ ଅପହରଣ କରିଥାଇ ପାରେ ବୋଲି ପୋଲିସ ନିକଟରେ କହିବା ସହ ଝିଅକୁ ଉଦ୍ଧାର କରିବାକୁ ଆକୁଳ ନିବେଦନ କରିଛନ୍ତି। ଏହି ଘଟଣା ସମ୍ପୃକ୍ତ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି ।

# ସନ୍ତାନ ସହ ଶିକ୍ଷୟିତ୍ରୀ ନିଖୋଜ

**ପୋଲିସ ଓ ଶିକ୍ଷା ବିଭାଗର ତନାଘନା**

ଲୋଇସିଂହା,୨୪।୨(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ଥାନା କନ୍ଦାଜୁରୀ ପଞ୍ଚାୟତ ଅଧୀନ ତେନ୍ତୁଲିଖୁଣ୍ଟି ଗ୍ରାମର ଏକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ଜଣେ ସହକାରୀ ଶିକ୍ଷୟିତ୍ରୀ ନିଖୋଜ ଅଛନ୍ତି। ସଂପୃକ୍ତ ଶିକ୍ଷୟିତ୍ରୀଙ୍କ ସ୍ୱାମୀ ସୁନ୍ଦରଗଡ଼ରୁ ଆସି ଲୋଇସିଂହା ଥାନାରେ ନିଖୋଜ ନେଇ ଏତଲା ଦେଇଥିବା ଆଇଆଇସି ସିପୋର ସରାୟା ଲୁଗୁନ କହିଛନ୍ତି। ସୂଚନା ଅନୁଯାୟୀ, ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କ ଘର ସୁନ୍ଦରଗଡ଼ ଜିଲା ଧାରୁଆଡିହ ବୋଲି ଜଣାପଡିଛି। ୨୦୨୩ରେ ସେ ତେନ୍ତୁଲିଖୁଣ୍ଟି ବିଦ୍ୟାଳୟରେ ଯୋଗଦାନ କରିଥିଲେ। ବ୍ଲକ ମୁଖ୍ୟାଳୟ ଠାରୁ ୧୦ କିମି ଦୂର ହେଉଥିବାରୁ ଶିକ୍ଷୟିତ୍ରୀ ଜଣକ ସେହି ଗାଁରେ ଘର ଭଡ଼ା ନେଇ ରହୁଥିଲେ। ତାଙ୍କ ସ୍ୱାମୀ ସେନା ବାହିନୀରେ କାର୍ଯ୍ୟରତ ଥିବାରୁ ଛୁଟିରେ ଏଠାକୁ ଆସୁଥିଲେ। ହେଲେ ଶିକ୍ଷୟିତ୍ରୀ ତାଙ୍କ ୩ ବର୍ଷର ପିଲାଙ୍କୁ ଧରି ଗତ ଶନିବାର ଠାରୁ ଘରୁ କୁଆଡ଼େ ଚାଲି ଯାଇଛନ୍ତି। ଅପରପକ୍ଷେ ସେହି ବିଦ୍ୟାଳୟର ଜଣେ ସହକାରୀ ଶିକ୍ଷକ ମଧ୍ୟ ଗତ ଦୁଇଦିନ ହେଲା ବିନା ଛୁଟି ଦରଖାସ୍ତରେ ସ୍କୁଲରେ ଅନୁପସ୍ଥିତ ରହିଥିବା ଖବର ହସ୍ତଗତ ହୋଇଛି। ଏହା ଘଟଣା ବ୍ଲକର ଶିକ୍ଷକ ଓ ସ୍ଥାନୀୟ ଅଞ୍ଚଳରେ ଆଲୋଚନାର ବିଷୟ ହୋଇଛି। ଅପରପକ୍ଷେ ଏହି ଘଟଣାକୁ ନେଇ ପୋଲିସ ଓ ଶିକ୍ଷା ବିଭାଗ ପକ୍ଷରୁ ତନାଘନା ଆରମ୍ଭ ହୋଇଛି।

# କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର ବାର୍ଷିକୋତ୍ସବ



ଦେଓଗାଁ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟରେ ଅନୁଷ୍ଠିତ ବାର୍ଷିକ ଉତ୍ସବରେ ଅତିଥିବୃନ୍ଦ ।

ଦେଓଗାଁ,୨୪।୨(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଦେଓଗାଁ ସାଗରପାଲି ନିକଟ ପୋନ୍ନିସୁଗର କଲୋନୀସ୍ଥିତ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟରେ ମଙ୍ଗଳବାର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପୂର୍ବତନ ସିଆରସିସି ସଞ୍ଜୀବ ଷଡଙ୍ଗୀଙ୍କ ପରିଚାଳନାରେ ତଥା ପ୍ରଧାନ ଶିକ୍ଷୟିତ୍ରୀ ମିତାମୟୀ ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ ଯୋଗ ଦେଇ ଶିକ୍ଷା ଅର୍ଜନ ସହ ସଂସ୍କାରୀ ହେବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଲକ୍ଷ୍ମଣ କୁମାର ମେହେର ଯୋଗଦେଇ ଶିକ୍ଷାର ମାନଦଣ୍ଡ ବୃଦ୍ଧି ପାଇଲେ ସମଗ୍ର ମାନବ ସମାଜର ଉନ୍ନତି ସାଧିତ ହୋଇପାରିବ ବୋଲି ମତ ପ୍ରକାଶ କରିଥିଲେ । ନିମନ୍ତ୍ରିତ ଅତିଥି ଭାବେ ସ୍କୁଲ ପରିଚାଳନା କମିଟି ସଭାପତି ନୀଳମଣି ଦୀପ ଯୋଗ ଦେଇଥିଲେ । ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଙ୍କୁ ଟ୍ରଫି ଓ ମାନପତ୍ର ଦେଇ ପୁରସ୍କୃତ କରାଯାଇଥିଲା। ପରେ ବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ହାତୀସରାର ଅର୍ଜୁନ ନନ୍ଦ ଓ ସାଥୀଙ୍କ ଦ୍ୱାରା ପାରମ୍ପାରିକ ଲୋକକଳା ପରିବେଷିତ ହୋଇଥିଲା। ଶିକ୍ଷୟିତ୍ରୀ, କର୍ମଚାରୀ, ସ୍କୁଲ ପରିଚଳନା କମିଟି ସଦସ୍ୟାସଦସ୍ୟ ସହଯୋଗ କରିଥିଲେ।

# ଆଜି ପ୍ରଥମ ସେମିଫାଇନାଲ ମ୍ୟାଚ୍



ଉଦ୍‌ଘାଟନୀ ମ୍ୟାଚରେ ଅତିଥିଙ୍କ ଗହଣରେ ଖେଳାଳି ।

ଲୋଇସିଂହା,୨୪।୨(ସୁଶାନ୍ତ ବାରିକ)

**କୁମୁଣ୍ଡେ ବାରପାହାଡ଼ କପ୍ ଫୁଟ୍‌ବଲ**

ବଲାଙ୍ଗୀର ଜିଲା ଲୋଇସିଂହା ନିକଟସ୍ଥ କୁମୁଣ୍ଡେ ଭାଲିଆଟିକ୍ରା ଖେଳପଡିଆରେ ବାରପାହାଡ କପ୍ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହେଉଛି। ମଙ୍ଗଳବାର ଦ୍ୱିତୀୟ ଦିବସର ପ୍ରଥମ ମ୍ୟାଚ ଅମାମୁଣ୍ଡା ଓ ତେନ୍ତୁଲିଖୁଣ୍ଟି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚ ଅମୀମାଂସିତ ରହିବାରୁ ଟାଇବ୍ରେକରରେ ୫-୪ ଗୋଲରେ ତେନ୍ତୁଲିଖୁଣ୍ଟି ବିଜୟୀ ହୋଇ ପରବର୍ତ୍ତୀ ରାଉଣ୍ଡକୁ ଉନ୍ନୀତ ହୋଇଛି। ସେହିପରି ଦ୍ୱିତୀୟ ମ୍ୟାଚ୍ ସରଗାଡ ଓ ଉପରଫବସି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମ୍ୟାଚ୍ ଅମୀମାଂସୀତ ରହିବାରୁ ଟାଇବ୍ରେକରରେ ଉପର ଫବସି ବିଜୟୀ ହୋଇଛି। ଗୁରୁବାର ତେନ୍ତୁଲିଖୁଣ୍ଟି ଓ ଉପରଫବସି ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ଖେଳ ଅନୁଷ୍ଠିତ ହେବ। ରେଫରି ସଞ୍ଜୀବ ସାହୁ ସୁଶାନ୍ତ ବାଗ ଓ ଖୁଜାର ମହମ୍ମଦ ଖେଳ ପରିଚାଳନା କରିଥିଲେ। ସୋମବାର ଉଦ୍‌ଘାଟନୀ ଦିବସରେ ୨ଟି ଯାକ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଫୌଜି କ୍ଲବ ଓ ସକମା ମଧ୍ୟରେ ଅନୁଷ୍ଠିତ ଉଦ୍‌ଘାଟନୀ ମ୍ୟାଚରେ ୨-୦ ଗୋଲରେ ସକମା ବିଜୟୀ ହୋଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚ ଅମୀମାଂସିତ ରହିବାରୁ ଟାଇବ୍ରେକରରେ କଂସରାକୁ ହରାଇ ଗୁର୍ଜିଭଟା ବିଜୟୀ ହୋଇ ପରବର୍ତ୍ତୀ ରାଉଣ୍ଡକୁ ଉନ୍ନୀତ ହୋଇଥିଲା। ବୁଧବାର ସକମା ଓ ଗୁର୍ଜିଭଟା ମଧ୍ୟରେ ପ୍ରଥମ ସେମିଫାଇନାଲ ଖେଳାଯିବ। ସେହିପରି ଗୁରବାର ତେନ୍ତୁଲିଖୁଣ୍ଟି ଓ ଉପରଫବସି ମଧ୍ୟରେ ଅନୁଷ୍ଠିତ ହେବ। ଆୟୋଜକ କମିଟି ସଭାପତି ରାଜେନ୍ଦ୍ର ଦୀପଙ୍କ ଅଧ୍ୟକ୍ଷତାରେ ଉଦ୍‌ଘାଟନୀ ସମାରୋହ ହୋଇଥିଲା। ଇଂ ଲୋକନାଥ ମହାନନ୍ଦ ମୁଖ୍ୟଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦଘାଟନ କରିଥିଲେ । ଶିକ୍ଷାବିତ ରାଜେନ୍ଦ୍ର ବିଶ୍ୱାଳ ସମାମ୍ଭିତ ଅତିଥି ଭାବେ ଯୋଗ ଦେଇଥିଲେ।

# ୨୭ ଓ ୨୮ରେ ଉତ୍କଳ ଶ୍ରୀ ପ୍ରତିଯୋଗିତା

ଟିଟିଲାଗଡ଼,୨୪।୨(ସନ୍ତୋଷ ପଟ୍ଟନାୟକ)



ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି ।

ଟିଟିଲାଗଡ ସହରସ୍ଥିତ ଶହୀଦ ଜିମ୍ନାସିୟମ ତରଫରୁ ଉତ୍କଳଶ୍ରୀ ପ୍ରତିଯୋଗିତା ଆସନ୍ତା ୨୭ ଓ ୨୮ତାରିଖରେ ଆରମ୍ଭ ହେବ। ମଙ୍ଗଳବାର ଏଠାରେ ଏକ ଖବରଦାତା ସମ୍ମିଳନୀ କରି ଉକ୍ତ ଅନୁଷ୍ଠାନର ପରାମର୍ଶଦାତା କମ୍ପୁ ପାଣି ପାଢ଼ୀ ଓ ରବି କିରଣ ସ୍ୱାଇଁ ସୂଚନା ଦେଇଛନ୍ତି। ଏହି ପ୍ରତିଯୋଗିତାରେ ୨୭ଟି ଜିଲାର ୧୫୦ରୁ ୨୦୦ ଖେଳାଳି ଭାଗ ନେବେ। ପ୍ରତିଯୋଗିତାରେ ଜଗନ୍ନାଥ ଖୁଣ୍ଟିଆ ଭୁବନେଶ୍ୱର, ରଶ୍ମିରଞ୍ଜନ ସାହୁ ଭୁବନେଶ୍ୱର, ଶୁଭମ ମିଶ୍ର ଓଡ଼ିଶା ମାଇନିଂ କର୍ପୋରେଶନ ଓ ବାଲେଶ୍ୱରରୁ କ୍ରିଷ୍ଣା ରାଓ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ପ୍ରତିଯୋଗିତା ୧୪ଟି ବିଭାଗରେ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରେ ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରାଯିବା ସହିତ ୫ ଜଣଙ୍କୁ ନଗଦ ଅର୍ଥ ଓ ମେଡାଲ ଦିଆଯିବାର ବ୍ୟବସ୍ଥା ରହିଛି। ଏହି ପ୍ରତିଯୋଗିତାକୁ ସ୍ଥାନୀୟ ଓମ୍‌ଭେଲି ସ୍କୁଲ ସହଯୋଗ କରୁଥିବା ନେଇ ପାଢୀ ସୂଚନା ଦେଇଛନ୍ତି।

# ସ୍ୱାଲାଖ ବିନ୍ଧ୍ୟବାସୀ ବିଞ୍ଝାଲ ସମାଜର ପ୍ରସ୍ତୁତି ବୈଠକ



ବୈଠକରେ ଯୋଗ ଦେଇଥିବା ସମାଜର ସଦସ୍ୟ ।

ଖପ୍ରାଖୋଲ,୨୪।୨(ଅଭୟ ତ୍ରିପାଠୀ)

ଖପ୍ରାଖୋଲ ବ୍ଲକର ହରିଶଙ୍କର ବିନ୍ଧ୍ୟବାସିନୀ ମନ୍ଦିର ସମ୍ମୁଖରେ ବଲାଙ୍ଗୀର ଜିଲା ସ୍ୱାଲାଖ ବିନ୍ଧ୍ୟବାସୀ ବିଂଝାଲ ସମାଜ ତରଫରୁ ହେବାକୁ ଥିବା ଜିଲାସ୍ତରୀୟ ସାଧାରଣ ସଭା ଓ ଜିଲା ବୋର୍ଡ ଗଠନ ପାଇଁ ଏକ ପ୍ରସ୍ତୁତି ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। ବୈଠକରେ ପୂର୍ବତନ ଜିଲା ସଭାପତି ପଦ୍ମ କୁମାର ସିଂ ବରିହା ଅଧ୍ୟକ୍ଷତା କରିଥିଲେ । ମୁଖ୍ୟଅତିଥି ଭାବେ ଲାଟ ସଭାପତି ମୋତିଲାଲ ବରିହା ଯୋଗ ଦେଇଥିଲେ। ଆଗାମୀ ୧୯ ଓ ୨୦ ତାରିଖ ଦୁଇଦିନ ଧରି ପାଟଣାଗଡ ବ୍ଲକ ଅନ୍ତର୍ଗତ ବାଲିପଟା ଗାଁଠାରେ ଜିଲାସ୍ତରୀୟ ସାଧାରଣ ସଭା ଅନୁଷ୍ଠିତ ହେବା ସହିତ ନୂତନ ଜିଲା ବୋର୍ଡ ଗଠନ କରିବା ପାଇଁ ଆଲୋଚନା ହୋଇଥିଲା। ଲୋଚନ ସିଂ ବରିହା, ଯଶୋବନ୍ତ ବରିହା, ଗୌରାଙ୍ଗ ବରିହା, ଭିକ ବରିହା, ବିମାନ ବରିହା, ପବିତ୍ର ବରିହା, ଯଦୁମଣି ବରିହା ପ୍ରମୁଖ ବିଂଝାଲ ସମାଜର ସକ୍ରିୟ ସଦସ୍ୟ ଯୋଗ ଦେଇଥିଲେ।

# ସରକାରୀ ଯୋଜନାରୁ ବଞ୍ଚିତ ପ୍ରମିଳା

ଲାଠୋର,୨୪।୨(ଭୁବନେଶ୍ୱର ବାରିକ)

**ବାସଗୃହ ଏବଂ ବିଧବା ଭତ୍ତା ପ୍ରଦାନ ଦାବି**



ନିଜ ଭଙ୍ଗା ଘର ସମ୍ମୁଖରେ ପ୍ରମିଳା ।

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ କରୁଆଁଝର ପଞ୍ଚାୟତ ସଦର ଗ୍ରାମର ପ୍ରମିଳା ସାହୁ(୬୬)ବାସଗୃହ ଏବଂ ବିଧବା ଭତ୍ତା ପାଇବାରୁ ବଞ୍ଚିତ ହୋଇଛନ୍ତି। ଏଥିପାଇଁ ପଞ୍ଚାୟତଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନ ପର୍ଯ୍ୟନ୍ତ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ।

ପ୍ରକାଶ ଯେ, ପ୍ରାୟ ୧୦ ବର୍ଷ ହେବ ସ୍ୱାମୀ ନିମାଇ ସାହୁଙ୍କ ମୃତ୍ୟୁ ପରେ ମହିଳା ଜଣକ ଝିଅ ଏବଂ ପୁଅଙ୍କୁ ନେଇ ଚଳୁଥିଲେ। ହେଲେ ପରବର୍ତ୍ତୀ ସମୟରେ ଝିଅ ଲକ୍ଷ୍ମୀ ବାହା ହୋଇ ଶାଶୁ ଘରକୁ ଚାଲିଗଲା। ପୁଅ ଜଳନ୍ଧର ମଧ୍ୟ ବାହା ହେଲା ପରେ ପରିବାର ନେଇ ଶଶୁର ଘରେ ରହୁଛନ୍ତି। ଫଳରେ ମହିଳା ଜଣକ ଏକାକୀ ଚଳୁଛନ୍ତି । ସରକାରୀ ସହାୟତା କହିଲେ ମାସକୁ ପଞ୍ଚାୟତରୁ ୫ କେଜି ଚାଉଳକୁ ଛାଡ଼ି ଦେଲେ ଅନ୍ୟ ସୁବିଧା ମିଳୁନାହିଁ। ଆର୍ଥିକ ଅନାଟନରେ ଦିନ କାଟୁଥିବା ପ୍ରମିଳା ଘର ଖଣ୍ଡେ କରି ନ ପାରି ସ୍ୱାମୀ କରିଥିବା ଖପର ଘରେ ଦୟନୀୟ ଭାବେ ଆଶ୍ରୟ ନେଇଛନ୍ତି। ବର୍ତ୍ତମାନ ଉକ୍ତ ଘର ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ବାସଗୃହ ଏବଂ ବିଧବା ଭତ୍ତା ପାଇବା ପାଇଁ ସେ ଆବଶ୍ୟକ କାଗଜପତ୍ର ବିଭାଗୀୟ ଅଫିସରେ ଦାଖଲ କରିଥିଲେ ହେଁ ସମୟ ଗଡି ଚାଲିଛି । ନିକଟରେ କରୁଆଁଝର ପଞ୍ଚାୟତରେ ୨୩ ଗୋଟି ଅନ୍ତ୍ୟୋଦୟ ବାସଗୃହ ବଣ୍ଟନ କରାଯାଇଛି। ତେବେ ଏଥିରୁ ପ୍ରମିଳା ବାଦ୍ ପଡିଛନ୍ତି । ଏନେଇ ସରପଞ୍ଚ ଜପସ୍ମିନୀ ସାହୁଙ୍କୁ ପଚାରିବାରେ ଖପ୍ରାଖୋଲ ବିଡ଼ିଓଙ୍କୁ ଅନୁରୋଧ କରିବୁ ବୋଲି କହିଥିଲେ। ଯଥାଶୀଘ୍ର ତାଙ୍କୁ ବାସଗୃହ ଓ ଭତ୍ତା ମିଳିବାର ବ୍ୟବସ୍ଥା ସରକାରୀ ସ୍ତରରେ କରିବା ପାଇଁ ସାଧାରଣରେ ଦାବି ହେଉଛି।

# ରାସ୍ତା ନିର୍ମାଣ ନ ହେଲେ ଆନ୍ଦୋଳନ

## ଜିଲାପାଳଙ୍କୁ ଦାବିପତ୍ର ଦେଲେ ୨ ପଞ୍ଚାୟତର ଲୋକେ

ଲାଞ୍ଜିଗଡ଼,୨୪ା୨ (ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ଦୁର୍ଗମ ଭଟାଙ୍ଗପଦର ପଞ୍ଚାୟତରୁ ଗୁଣ୍ଡୁରୀ ପଞ୍ଚାୟତକୁ ସଂଯୋଗ କରୁଥିବା ରାସ୍ତା ଶୋଚନୀୟ ହୋଇପଡ଼ିଛି। ଏହି ରାସ୍ତା ନିର୍ମାଣ ପାଇଁ ୨ ପଞ୍ଚାୟତର ଲୋକେ ମଙ୍ଗଳବାର ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏହାସହ ଦାବି ପୂରଣ ନ ହେଲେ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି। ଅଭିଯୋଗ ଅନୁସାରେ, ଭଟାଙ୍ଗପଦର ପଞ୍ଚାୟତର କାଣିକୁପା ମଦ ଭାଟିଠାରୁ ନାନ୍ଦକାନା ଓ ସିନାଖୁଟି ଗାଁ ଦେଇ ଗୁଣ୍ଡୁରୀ ପଞ୍ଚାୟତର ଗୁଣ୍ଡୁରୀ ପର୍ଯ୍ୟନ୍ତ ପାଖାପାଖି ୫କି.ମି. ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ତିଆରି ହୋଇଥିବା ରାସ୍ତା ୨ବର୍ଷ ହେଲା ଶୋଚନୀୟ ଅବସ୍ଥାରେ ପଡିରହିଛି। କୁସୁମଘାଟି ଭାବେ ଜଣାଶୁଣା ଏହି ରାସ୍ତା ଉପରେ ଦୁଇଟି ପଞ୍ଚାୟତର ବାସିନ୍ଦା ନିର୍ଭର କରନ୍ତି। ବର୍ତ୍ତମାନ ଏହି ରାସ୍ତାରେ କେବଳ ସାଇକେଲ ଓ ଦୁଇ ଚକିଆ ଯାନ ଯିବାଆସିବା କରୁଥିବା ବେଳେ ଚାରିଚକିଆ ଯିବା ସମ୍ଭବ ହେଉନାହିଁ। ଆମ୍ବୁଲାନ୍ସ ଆସି ନ ପାରିବାରୁ ଗର୍ଭବତୀ ମହିଳା ଓ ରୋଗୀମାନେ ଡାକ୍ତରଖାନା ଯିବା ପାଇଁ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରି କି ଛାତ୍ରୀଛାତ୍ର ସ୍କୁଲ ଯିବା ସମୟରେ ଦୁର୍ଘଟଣାର ଶିକାର ହେଉଥିବା ନଜିର ରହିଛି। ଭଟାଙ୍ଗପଦର ପଞ୍ଚାୟତର ନାଏବ ସରପଞ୍ଚ ଅସେ ଅମର ତାଣ୍ଡିଙ୍କ ନେତୃତ୍ୱରେ ମୁଇଁ କଳାହାଣ୍ଡିଆ ଫର୍ କଳାହାଣ୍ଡି ସଂଗଠନର ସଂଗଠକ ଲକ୍ଷ୍ମୀନାରାୟଣ ପଣ୍ଡା ଓ ନବନିର୍ମାଣ କୃଷକ ସଂଗଠନର ସଂଯୋଜକ ଲିଙ୍ଗରାଜ ପ୍ରଧାନଙ୍କ ସହାୟତାରେ ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟରେ ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ୨ ମାସ ମଧ୍ୟରେ କୌଣସି ପଦକ୍ଷେପ ନିଆ ନ ଗଲେ ପଞ୍ଚାୟତବାସୀ ଆସି ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିବେ ବୋଲି ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ଅତିରିକ୍ତ ଜିଲାପାଳ ଦରୱାନ ବିଭାଗୀୟ ମୁଖ୍ୟମନ୍ତ୍ରୀଙ୍କୁ ଚିଠି କରି ଏହାର ତୁରନ୍ତ ସମାଧାନ କରାଯିବ ବୋଲି ଆଶ୍ୱାସନା ଦେଇଥିବା ସୂଚନା ମିଳିଛି। ଶରତ ନାଗ, ରଘୁନାଥ ମାଝୀ, ପିଙ୍କୁ ନାଗ ଓ ଭାସ୍କର ନାଗ ପ୍ରମୁଖ ଦାବିପତ୍ର ଦେବା ସମୟରେ ଉପସ୍ଥିତ ଥିଲେ। ଫଟୋ: ଜିଲାପାଳଙ୍କ ଉଦ୍ଦେଶ୍ୟରେ ପଞ୍ଚାୟତବାସୀ ଦାବିପତ୍ର ପ୍ରଦାନ କରୁଛନ୍ତି।


ଜିଲାପାଳଙ୍କ ଉଦ୍ଦେଶ୍ୟରେ ପଞ୍ଚାୟତବାସୀ ଦାବିପତ୍ର ପ୍ରଦାନ କରୁଛନ୍ତି।

## ସ୍ନାତକ ମହାବିଦ୍ୟାଳୟରେ ଛାତ୍ରୀ ଆତ୍ମରକ୍ଷା ତାଲିମ

**ଖଡ଼ିଆଲ,୨୪ା୨ (ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡ଼ିଆଲସ୍ଥିତ ଆଦର୍ଶ ସ୍ନାତକ ମହାବିଦ୍ୟାଳୟର ପ୍ରଥମବର୍ଷ ଛାତ୍ରୀଙ୍କ ଆତ୍ମରକ୍ଷା ତାଲିମ ଶିବିର ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଦୀର୍ଘ ୮ଦିନ ବ୍ୟାପୀ ମୌସୁମୀ ଜଗତ ଓ ନୀଳିମା ବାରିକ ମାଷ୍ଟର ଟ୍ରେନର ଭାବେ ଯୋଗଦେଇ ଛାତ୍ରୀଙ୍କୁ ଆତ୍ମରକ୍ଷା କୌଶଳ ତାଲିମ ପ୍ରଦାନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଅକ୍ଷୟ କୁମାର ସାହୁ ସଭାପତିତ୍ୱ କରିଥିଲେ। ଓଡ଼ିଆ ବିଭାଗର ସହକାରୀ ପ୍ରଫେସର ଡ. ଲିଙ୍ଗରାଜ ସାହୁ ଅତିଥି ଭାବରେ ଯୋଗଦେଇ ସୁସ୍ଥ ସାମାଜ ଗଠନରେ ନାରୀର ଭୂମିକା ଉପରେ ଆଲୋକପାତ କାରିଥିଲେ। କାର୍ଯ୍ୟକ୍ରମର ସଂଯୋଜିକା ଡ. ଲିପିକା ପ୍ରିୟଦର୍ଶିନୀ ପାତ୍ର ଶିବିରର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ତାଲିମପ୍ରାପ୍ତ ଛାତ୍ରୀମାନଙ୍କୁ ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା। ଛାତ୍ରୀ ଶିଫା ବେଗମ, ସଞ୍ଜନା ହାତୀ ଓ ଦୀପା ହଂସ ଆତ୍ମରକ୍ଷା ଆଧାରିତ ନୃତ୍ୟ ପରିବେଷଣ କରିଥିଲେ। ଡ. ସୁରେନ୍ଦ୍ର କଲେତ, ଡ. ଶିବ କୁମାର, ଆଦର୍ଶ ପ୍ରଧାନ, ପ୍ରବୀଣ ପଟ୍ଟନାୟକ, ନିବେଦିତା ବାରିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପରିଶେଷରେ ଅଧ୍ୟାପକ ଚନ୍ଦ୍ରକାନ୍ତ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ପଞ୍ଚାୟତସ୍ତରୀୟ କନ୍ଧ ସମାଜର ସମୀକ୍ଷା ବୈଠକ

**କର୍ଲାମୁଣ୍ଡା,୨୪ା୨ (ପ୍ରଦୀପ କୁମାର ସାହୁ):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଞ୍ଜା ପଞ୍ଚାୟତସ୍ତରୀୟ କନ୍ଧ ସମାଜର ଏକ ସମୀକ୍ଷା ବୈଠକ ରିଞ୍ଜା ଉଡେଇ ନଦୀ କୂଳ ଆମ୍ବ ବଗିଚାଠାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ କନ୍ଧ ସମାଜର ସଭାପତି ସମ୍ପତ୍ତି ଭୋଇ ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ସନ୍ତୋଷ କୁମାର ଜାନୀ, ଉପସଭାପତି ବୁଦ୍ଧୁ ଭୋଇ ଓ କୋଷାଧ୍ୟକ୍ଷ ଭୀମସେନ ମାଝୀ ପ୍ରମୁଖ ଯୋଗଦେଇ ସମାଜର ଉନ୍ନତି ନେଇ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗିରିଧାରୀ ମାଝୀ, ଟିକା ଜାନୀ, ଶିବଲାଲ ଭୋଇ, ଭକ୍ତ ମାଝୀ, ପଦ୍ମନାଭ ମାଝୀଙ୍କ ସମେତ ସଦସ୍ୟମାନେ ଉପସ୍ଥିତ ଥିଲେ। ବିଶେଷକରି କନ୍ଧ ସମାଜର ସଂଗଠନକୁ ଆହୁରି ସୁଦୃଢ଼ କରିବା, ସାମାଜିକ ଏକତା ବୃଦ୍ଧି, ସମାଜିକ ସମସ୍ୟା ସମାଧାନ ଓ ଆଗାମୀ କାର୍ଯ୍ୟ ଯୋଜନା ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା।

# ପିଏମ୍‌ଶ୍ରୀ ବିଦ୍ୟାଳୟରେ କୁଇଜ୍ ପ୍ରତିଯୋଗିତା



କୃତୀ ପ୍ରତିଯୋଗୀଙ୍କ ସହ ଶିକ୍ଷୟିତ୍ରୀଶିକ୍ଷକ।

ଖଡ଼ିଆଲ,୨୪ା୨ (ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଲସ୍ଥିତ ପିଏମ୍‌ଶ୍ରୀ ରାଜା ଆର୍ତ୍ତତ୍ରାଣ ଐତିହ୍ୟ ବିଦ୍ୟାଳୟରେ ବିଦ୍ୟାଳୟ ସ୍ତରୀୟ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ବର୍ଗରେ ଛାତ୍ର କାର୍ତ୍ତିକ ତାଣ୍ଡି ଓ ନାନେଶ ଧୀବର ପ୍ରଥମ, ଖେମରାଜ କୈବର୍ତ୍ତ ଓ ତରୁଣ ଅଦା ଦ୍ୱିତୀୟ ଏବଂ ହିତେଶ ସାହୁ ଓ ଆଦିତ୍ୟ ନିଆଲ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି କନିଷ୍ଠ ବର୍ଗରେ ପ୍ରଣବ ତାଣ୍ଡି ଓ ବସୁନ୍ଧରା ବିହାରୀ ପ୍ରଥମ, କ୍ରିଷ୍ଣା ସିଂ ବାରିକ ଓ ଆଶି ବିଭାର ଦ୍ୱିତୀୟ, ଲିଜେଶ ଦୁରିଆ ଓ ମୟଙ୍କ ନିଆଲ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ପୁରସ୍କାର ବିତରଣ ସମାରୋହ ଅନୁଷ୍ଠିତ ହୋଇଥିଲା। ଶିକ୍ଷକ ଅଶୋକ କୁମାର ବେହେରା, ଗୌରାଙ୍ଗ କୁମାର ସାହୁ, ପ୍ରଭୁଦତ୍ତ ପୁରୋହିତ ଓ ପ୍ରତୀକ୍ଷା ରାଣୀ ମେହେର କୁଇଜ୍ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ନିରଞ୍ଜନ ବିଶ୍ୱାଳ, ସାଗର ବାଗ ଓ ଗଜେନ୍ଦ୍ର ହରିଜନ ସ୍କୋରର ତଥା ଟାଇମ ଜଜ୍ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। କୃତୀ ପ୍ରତିଯୋଗୀମାନେ ଜିଲା ସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ।

## ମାଧବ ସୁନାନୀ ଭାରତ ମୁକ୍ତିମୋର୍ଚ୍ଚା ଓଡ଼ିଶା ପ୍ରଦେଶ ଅଧ୍ୟକ୍ଷ ମନୋନୀତ

**କଲମପୁର, ୨୪ା୨ (ଗଣେଶରାମ ବାଗ):** କଳାହାଣ୍ଡି ଜିଲା କଲମପୁର ବ୍ଲକର ସାମାଜିକ କର୍ମୀ ଯୁବନେତା ମାଧବ ସୁନାନୀଙ୍କୁ ଭାରତ ମୁକ୍ତି ମୋର୍ଚ୍ଚାର ଓଡ଼ିଶା ପ୍ରଦେଶ ଅଧ୍ୟକ୍ଷ ଭାବେ ମନୋନୀତ କରାଯାଇଛି। ସଂଗଠନର କେନ୍ଦ୍ରୀୟ ସଚିବାଳୟ, ନୂଆଦିଲ୍ଲୀରୁ ସାଂଗଠନିକ ମୁଖ୍ୟ ସଚିବ ପି.କେ. ମଶ୍ରାମଙ୍କ ଦ୍ୱାରା ଜାରି ହୋଇଥିବା ଆଧିକାରିକ ପତ୍ର ମାଧ୍ୟମରେ ଏହି ଘୋଷଣା କରାଯାଇଛି। ଏହା ପୂର୍ବରୁ ସୁନାନୀ ସଂଗଠନର ଓଡ଼ିଶା ପ୍ରଦେଶ ପ୍ରଭାରୀ ଭାବେ ଦାୟିତ୍ୱ ନିର୍ବାହ କରିଆସୁଥିଲେ। କଳାହାଣ୍ଡିର ଯୁବକ ଓଡ଼ିଶା ରାଜ୍ୟର ଏହି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଗ୍ରହଣ କରିଥିବାରୁ ଜିଲାର ଛାତ୍ର, ଯୁବ ସମାଜ ଓ ବହୁଜନ ସମୁଦାୟରେ ଖୁସିର ଲହରି ଖେଳିଯାଇଛି। ସଂଗଠନର ଦିଶା ଭିତରେ ରହି ଓଡ଼ିଶାର ବହୁଜନ ସମାଜକୁ ସାମ୍ବିଧାନିକ ଅଧିକାର ପ୍ରତି ସଚେତନ କରିବା ଏବଂ ସେହି ଅଧିକାରର ସୁରକ୍ଷା ପାଇଁ କାମ କରିବା ପ୍ରାଥମିକତା ରହିବ ବୋଲି ସୁନାନୀ ପ୍ରତିକ୍ରିୟାରେ କହିଛନ୍ତି।

# ନକଲି ବିଦେଶୀ ମଦ ଜବତ, ୨ ଗିରଫ


ଜବତ ନକଲି ମଦ ସହ ଗିରଫ ୨ ଅଭିଯୁକ୍ତ।

## ଅବକାରୀ ଚଢ଼ାଉ

ଭବାନୀପାଟଣା/ଜୁନାଗଡ଼,୨୪ା୨ (ଉତ୍ତମ କୁମାର ଦାଶ/ସୁନୀଲ କୁମାର ସିଂହ)

କଳାହାଣ୍ଡି ଜିଲା ଜୁନାଗଡ଼ ସହରରେ ନକଲି ବିଦେଶୀ ମଦ ପ୍ରସ୍ତୁତ ହେଉଥିବା ଖବର ପାଇ ମଙ୍ଗଳବାର ସକାଳୁ ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଥିଲା। ଏହି ସମୟରେ ସହରର ମେଡ଼ିକାଲ ଛକ ନିକଟସ୍ଥ ସନ୍ତୋଷ ପଟ୍ଟନାୟକଙ୍କ ଘରୁ ୩୩ ଲିଟର ନକଲି ବିଦେଶୀ ମଦ ସହ ୯୮୮ଟି ମଦବୋତଲ ଠିପି, ୭୩ଟି ଖାଲି ବୋତଲ, ୯୨୪ଟି ସରକାରୀ ଲୋଗୋ ଥିବା ଷ୍ଟିକର ଜବତ କରାଯାଇଥିଲା। ଏହାକୁ ନେଇ ଜୁନାଗଡ଼ ଅବକାରୀ ଥାନାରେ ଏକ ମାମଲା(ନଂ.୨୭୨/୨୬) ରୁଜୁ କରାଯାଇ ସମ୍ପୃକ୍ତ ଅଭିଯୁକ୍ତ ସନ୍ତୋଷ ପଟ୍ଟନାୟକଙ୍କୁ ଗିରଫ କରାଯାଇଛି। ସେହିପରି ସମାନ ଘଟଣାରେ ହଣ୍ଡାଖାଲ ପଡାରୁ ରିଙ୍କୁ ମଙ୍ଗରାଜ (୨୮)ଙ୍କୁ ମଧ୍ୟ ଗିରଫ କରାଯାଇଛି। ଅଭିଯୁକ୍ତ ରିଙ୍କୁଙ୍କ ଭଡାଘରୁ ନକଲି ବିଦେଶୀ ମଦ ଠିପି ୧୩୩୩, ଖାଲି ବୋତଲ ୧୯, ସରକାରୀ ଲୋଗୋ ଥିବା ୧୦୦୦ ଷ୍ଟିକର ଜବତ କରାଯାଇଛି। ଉଭୟ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ଜିଲା ଅବକାରୀ ଅଧୀକ୍ଷକ ରଞ୍ଜନ ନାୟକଙ୍କ ନିର୍ଦ୍ଦେଶକ୍ରମେ ଏହି ଚଢ଼ାଉରେ ଧର୍ମଗଡ଼ ରେଞ୍ଜ ଇନ୍ସପେକ୍ଟର ଅରୁଣ କୁମାର ଯୋଶୀ ଓ ଜୁନାଗଡ଼ ଅବକାରୀ ସହକାରୀ ଇନ୍ସପେକ୍ଟର ଲକ୍ଷ୍ମୀପ୍ରିୟା ମଲ୍ଲିକ ପ୍ରମୁଖ ସାମିଲ ଥିଲେ। ମିଳିଥିବା ସୂଚନା ଅନୁଯାୟୀ, ଉପରୋକ୍ତ ୨ ଅଭିଯୁକ୍ତ ସହରର ଏକ ବିଦେଶୀ ମଦ ଦୋକାନରେ କାମ କରୁଥିବାବେଳେ ଏହି ମଦକୁ ସେମାନେ କୁଆଡେ ନେଇ ବିକ୍ରି କରୁଥିଲେ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେବେ ଏହି ଘଟଣାରେ ଆଉ କିଏ ସମ୍ପୃକ୍ତ ରହିଛନ୍ତି ତାହା ତଦନ୍ତ କରାଗଲେ ଜଣାପଡିବ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

# ଜିଲାସ୍ତରୀୟ ନିଯୁକ୍ତି ମେଳା ଉଦ୍‌ଘାଟିତ


ନାମ ପଞ୍ଜୀକରଣ କରୁଛନ୍ତି ନିଯୁକ୍ତି ଆଶାୟୀ।

## ୧୨୫୪ ଛାତ୍ରୀଛାତ୍ର ପଞ୍ଜୀକରଣ

ଭବାନୀପାଟଣା,୨୪ା୨ (ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ସରକାରୀ ଆଇଟିଆଇଠାରେ ମଙ୍ଗଳବାର ଜିଲାସ୍ତରୀୟ ନିଯୁକ୍ତିମେଳା ଉଦ୍‌ଘାଟିତ ହୋଇଯାଇଛି। ଜିଲା ପ୍ରଶାସନ ପକ୍ଷରୁ ଆୟୋଜିତ ଏହି ମେଳାକୁ କଳାହାଣ୍ଡି ଲୋକ ସଭା ସଦସ୍ୟ ମାଳବିକା ଦେବୀ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଜିଲାର ଯୁବ ସମାଜକୁ ରୋଜଗାର ସୁଯୋଗ ସହିତ ଯୋଡିବାରେ ଏହି ମେଳା ଏକ ମହତ୍ୱପୂର୍ଣ୍ଣ ପଦକ୍ଷେପ। ଏହା ମାଧ୍ୟମରେ ଯୁବଶକ୍ତିଙ୍କ ଦକ୍ଷତାକୁ ଉନ୍ନତ କରି ସ୍ଥାନୀୟ ଓ ଜାତୀୟ ସ୍ତରରେ ରୋଜଗାର ସୃଷ୍ଟି କରିବା ଆମର ପ୍ରତିବଦ୍ଧତା ବୋଲି ସାଂସଦ ମାଳବିକା ଦେବୀ ପ୍ରକାଶ କରିଥିଲେ। ଏହି ମେଳାରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନ, ଆଇଟିଆଇ ଅଧ୍ୟକ୍ଷ ସର୍ଦ୍ଦାର ଆଜାଦ ସିଂହ ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ପ୍ରଦାନ କରିଥିଲେ। ସଭାକୁ ଜିଲା ଦକ୍ଷତା ବିକାଶ ଓ ନିୟୋଜନ ଅଧିକାରୀ ଦୁର୍ଗା ଚରଣ ଦାସ ଓ ଦକ୍ଷତା ବିକାଶ ଓ ନିୟୋଜନ ଅଧିକାରୀ ସୁବିଦିତ ସାମନ୍ତରାୟ ପରିଚାଳନା କରିଥିଲେ। ମେଳାରେ ମୋଟ ୧୮ଟି ନିଯୁକ୍ତି ଦାତା କମ୍ପାନୀ ଓ ୯ ଜଣ ପ୍ରଶିକ୍ଷଣ ପ୍ରଦାନକାରୀ ସଂସ୍ଥା ଯୋଗ ଦେଇଥିଲେ। ସେହିପରି ମେଳାରେ ବିଭିନ୍ନ ବ୍ଲକରୁ ମୋଟ ୧୨୫୪ ଜଣ ଛାତ୍ରୀଛାତ୍ର ଓ ନିଯୁକ୍ତି ଆଶାୟୀ ପ୍ରାର୍ଥୀ ଯୋଗ ଦେଇ ନିଜ ପସନ୍ଦର ନିଯୁକ୍ତିଦାତାଙ୍କ ପାଖରେ ପଞ୍ଜୀକରଣ କରିଥିଲେ। ତନ୍ମଧ୍ୟରୁ ୫୬୨ ଜଣ ନିଯୁକ୍ତି ଓ ୪୧୨ଜଣ ପ୍ରଶିକ୍ଷଣ ପାଇଁ ପଞ୍ଜୀକରଣ କରିଥିଲେ।

## କୋନାବିରା ପଞ୍ଚାୟତକୁ ଏନ୍‌ଏସିରେ ସାମିଲକୁ ବିରୋଧ

ନୂଆପଡ଼ା,୨୪ା୨ (ମକାରୁ ବେମାଲ)

ନୂଆପଡ଼ା ଜିଲା କୋମନା ବ୍ଲକ ଅନ୍ତର୍ଗତ କୋନାବିରା ପଞ୍ଚାୟତକୁ କୋମନା ଏନ୍‌ଏସିରେ ସାମିଲକୁ ବିରୋଧ କରି ମଙ୍ଗଳବାର ପଞ୍ଚାୟତବାସୀ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି । କୋନାବିରା ଗାଁର ଜଗନ୍ନାଥ ମାଝିଙ୍କ ନେତୃତ୍ୱରେ ଅତିରିକ୍ତ ଜିଲାପାଳ ସୁବାସ ଚନ୍ଦ୍ର ରଉତଙ୍କୁ ୩ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ନୂଆପଡା ବିଧାନସଭା ଉପନିର୍ବାଚନ ପୂର୍ବରୁ ମୁଖ୍ୟମନ୍ତ୍ରୀ ନୂଆପଡା ଗସ୍ତରେ ଆସି କୋମନାକୁ ଏନ୍‌ଏସି ଘୋଷଣା କରିଥିଲେ। ଜନସଂଖ୍ୟା ବୃଦ୍ଧି ପାଇଁ କୋନାବିରା ପଞ୍ଚାୟତକୁ କୋମନା ଏନ୍‌ଏସିରେ ସାମିଲ କରାଯାଇଛି। ପଞ୍ଚାୟତକୁ ସାମିଲ କରିବା ପୂର୍ବରୁ ଗ୍ରାମସଭା ମାଧ୍ୟମରେ ସହମତି ଲୋଡିବା କଥା। ହେଲେ ଗ୍ରାମସଭା ନ କରି ସିଧାସଳଖ ସାମିଲ କରାଯାଇଛି। ଏହା ଦ୍ୱାରା ବିକାଶରେ ବାଧା ଉପୁଜିବ ବୋଲି ପଞ୍ଚାୟତବାସୀ ଅଭିଯୋଗ କରିଛନ୍ତି। ଏହି ଆଦେଶକୁ ପ୍ରତ୍ୟାହାର କରିବା ସହ ସାମାଜିକ ସମୀକ୍ଷା, ଗ୍ରାମସଭା ଓ ଜନସାଧାରଣଙ୍କ ମତାମତ ସଂଗ୍ରହ କରି ନିଷ୍ପତ୍ତି ନେବା ପାଇଁ ଦାବି କରିଛନ୍ତି।



# ବିଦ୍ୟାଳୟ ହେଉଛି ମଣିଷ ତିଆରି କାରଖାନା

## ଆଶ୍ରମ ବିଦ୍ୟାଳୟର ବାର୍ଷିକୋତ୍ସବ

ନୂଆପଡ଼ା,୨୪ା୨ (ମକାରୁ ବେମାଲ)

ନୂଆପଡ଼ା ଜିଲା କୋମନା ବ୍ଲକ ଅନ୍ତର୍ଗତ ସୋସେଙ୍ଗ ଆଶ୍ରମ ବିଦ୍ୟାଳୟର ୬୮ତମ ବାର୍ଷିକ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଡୋଲେଶ୍ୱର ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ କଳାହାଣ୍ଡି ଓ ନୂଆପଡ଼ା ଜିଲା ଶିକ୍ଷା ନିରୀକ୍ଷକ ଉଦୟ ସିଂ ମାଝି ମୁଖ୍ୟ ଅତିଥି, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ କୋମନା ରଜତ କୁମାର ସାହୁ ମୁଖ୍ୟବକ୍ତା ଓ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବୀରକିଶୋର ଜଗତ, ସୁନାବେଡା ଆଶ୍ରମ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଦେବଦାସ ଶବର, ମିଛାପାଲି ଆଶ୍ରମ ସ୍କୁଲ ପ୍ରଧାନ ଶିକ୍ଷକ ତେଜୁରାମ ତାଣ୍ଡି, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଗୋବର୍ଦ୍ଧନ ମାଝି ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଅତିଥିମାନେ ବକ୍ତବ୍ୟ ରଖି କହିଥିଲେ, ଛାତ୍ରୀଛାତ୍ର ପାଠ ସହିତ ବିଭିନ୍ନ ଖେଳ, ଯୋଗ, ପ୍ରାଣାୟାମ କଲେ ଶାରୀରିକ ବୃଦ୍ଧି ହେବା ସହ ଜ୍ଞାନ ଆହରଣରେ ସହାୟକ ହୋଇଥାଏ । କୁମ୍ଭକାର ମାଟିରେ ସୁନ୍ଦର ଘରୋଇ ଉପକରଣ ତିଆରି କରିବା ଭଳି ବିଦ୍ୟାଳୟ ହେଉଛି ମଣିଷ ତିଆରି କାରଖାନା। ଏଠାରେ କୋମଳମତି ଶିଶୁ ଛୋଟରୁ ବଡ ହୋଇ ଭଲ ମଣିଷ ହୋଇପାରନ୍ତି। ଏହି ଅବସରରେ ଆୟୋଜିତ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଏହାପରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିକ୍ଷକ ମାଧବ ଧରୁଆ, ମୋତି ଶବର, ସୁକାନ୍ତି ମାଝି, ନନ୍ଦିନୀ ଶବର ପ୍ରମୁଖ ଆୟୋଜନରେ ସହଯୋଗ କରିଥିଲେ। ଶିକ୍ଷକ ଚୂଡ଼ାମଣି ମେହେର ମଞ୍ଚ ପରିଚାଳନାକରି ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।


କୃତୀ ଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

# ଭାଜପାରେ ମିଶିଲେ ଏନ୍‌ଏସି ଅଧ୍ୟକ୍ଷ, କାଉନସିଲର

## ଉତ୍ତରୀୟ ଦେଇ ସ୍ୱାଗତ କଲେ ମନମୋହନ

ନୂଆପଡ଼ା,୨୪ା୨ (ମକାରୁ ବେମାଲ)

ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ମଙ୍ଗଳବାର ଦିନିକିଆ ନୂଆପଡ଼ା ଜିଲା ଗସ୍ତରେ ଆସି ଜିଲା କାର୍ଯ୍ୟାଳୟଠାରେ ପଣ୍ଡିତ ଦୀନ୍‌ଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ଶିବିରରେ ଯୋଗଦେଇଥିଲେ। ଏହି ଅବସରରେ ଏକ ମିଶ୍ରଣ ପର୍ବ ଆୟୋଜନ କରାଯାଇଥିଲା। ଜିଲା ଭାଜପା ସଭାପତି କମଲେଶ ଦୀକ୍ଷିତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ମିଶ୍ରଣ ପର୍ବରେ ରାଜ୍ୟ ସଭାପତି ସାମଲ, କଳାହାଣ୍ଡି ଏମ୍‌ପି ମାଳବିକା ଦେବୀ, ନୂଆପଡ଼ା ବିଧାୟକ ଜୟ ଢୋଲକିଆ, ନୂଆପଡ଼ା ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, ଖରିଆର ରୋଡ୍ ଏନ୍‌ଏସି ଅଧ୍ୟକ୍ଷା ଡ. ସୋନିଆ ଜୈନ, ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରସନ୍ନ ପାଢ଼ୀ, ବରିଷ୍ଠ ନେତା ଲମ୍ବୋଦର ନିଆଲ, ଭାଜପା ଜିଲା ଉପସଭାପତି ଅଭିନନ୍ଦନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ନୂଆପଡ଼ା ଏନ୍‌ଏସି ଅଧ୍ୟକ୍ଷ ମହମ୍ମଦ ଆଦମ, କାଉନସିଲର ଧରମରାଜ ଶବର, ସଂଗୀତା ପାରଖ, ଥାନେଶ୍ୱର ସୁନା, ଶିବନନ୍ଦ ପାତ୍ର, ମଳୟ ମଣ୍ଡଳ, ଧନେଶ୍ୱରୀ ସାହୁ, ରାନୁ ସାହୁ, ଭଗବତୀ ଦଣ୍ଡସେନା ପ୍ରମୁଖ ଭାଜପାରେ ଯୋଗଦାନ କରିଛନ୍ତି। ରାଜ୍ୟ ସଭାପତି ସାମଲ ସମସ୍ତଙ୍କୁ ଉତ୍ତରୀୟ ଦେଇ ଦଳକୁ ସ୍ୱାଗତ କରିଥିଲେ। ପରେ ସେ ନିଜ ପ୍ରତିକ୍ରିୟାରେ ଏମାନଙ୍କ ଯୋଗଦାନ ଦଳକୁ ଆହୁରି ମଜଭୁତ କରିବା ସହ ଆଗାମୀ ପୌର ଓ ପଞ୍ଚାୟତ ନିର୍ବାଚନରେ ଦଳ ଭଲ ପ୍ରଦର୍ଶନ କରିବ ବୋଲି କହିଥିଲେ। ଭାଜପାରେ ଯୋଗଦେଇଥିବା ନୂଆପଡ଼ା ଏନ୍‌ଏସି ଅଧ୍ୟକ୍ଷ ଆଦମ ଆମେ ପୂର୍ବରୁ ରାଜୁ ଭାଇଙ୍କ ସହ ଥିଲୁ, ଏବେ ଜୟ ଭାଇଙ୍କ ସହ ଅଛୁ ଓ ରହିବୁ ବୋଲି କହିଥିଲେ।



ମିଶ୍ରଣ ପର୍ବରେ ଦଳୀୟ ନେତୃବୃନ୍ଦଙ୍କ ସହ ଦଳରେ ସାମିଲ କର୍ମୀ।

# ଜଙ୍ଗଲ ଜମି କମିଟିର ବିକ୍ଷୋଭ

ବୋଡ଼େନ,୨୪ା୨ (ଟିକେଶ୍ୱର ନାଗ)

ନୂଆପଡ଼ା ଜିଲା ବୋଡ଼େନ ବ୍ଲକର ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀଙ୍କ ବିଭିନ୍ନ ସମସ୍ୟା ନେଇ ମଙ୍ଗଳବାର ଜଙ୍ଗଲ ଜମି କମିଟି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ସୂଚନା ଅନୁସାରେ ପୂର୍ବରୁ ଗତ ୨୩ା୯ା୨୦୨୪ ଓ ୨୮ା୧୦ା୨୦୨୪ରେ ସମାନ ଦାବି ନେଇ କମିଟି କର୍ମକର୍ତ୍ତା ଧାରଣା ଦେଇଥିଲେ। ସେତେବେଳେ ଜିଲା ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲେ ମଧ୍ୟ ସମାଧାନ ହୋଇ ନ ଥିବାରୁ ମଙ୍ଗଳବାର ବିଜୁ ଏକ୍ସପ୍ରେସ ୱେ ମଦଭାଟି ଛକଠାରେ କର୍ମକର୍ତ୍ତା ରାସ୍ତାରେ ବସି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପ୍ରଥମେ ଆଦିବାସୀମାନେ ବିଭିନ୍ନ ଅସ୍ତ୍ରଶସ୍ତ୍ର ଧରି ବୋଡ଼େନ ବସ୍ତି ତଥା କୃଷି କାର୍ଯ୍ୟାଳୟ, ତହସିଲ ଅଫିସ, ଫରେଷ୍ଟ ଅଫିସ ବୁଲି ନାରାବାଜି ଦେଇଥିଲେ। ଆନ୍ଦୋଳନରେ ଜଙ୍ଗଲ ଜମି ମୁକ୍ତି ଆନ୍ଦୋଳନର ଆବାହକ ମେଘନାଥ ଖର୍ସେଲ, ଆଇନଜୀବୀ ହୀରାଲାଲ ମାଝୀ, ଯୋଗିନ୍ଦ୍ର ମାଝୀ, ଯୁଧିଷ୍ଠିର ସାହୁ, ସୌଦାଗର ସାହୁ, ହନୁରାମ ମାଝୀ, ମନୋହର ମାଝୀ, ଘାସିରାମ ମାଝୀ, ଉଦ୍ଧବ ମାଝୀ, ସଚିନ୍ଦ୍ର ମାଝୀଙ୍କ ସମେତ ଶତାଧିକ ବନବାସୀ ସାମିଲ ଥିଲେ। ରାସ୍ତା ଅବରୋଧ ଯୋଗୁ ଯାନବାହନ ଚଳାଚଳରେ ବାଧା ଉପୁଜିଥିଲା। ଖବର ପାଇ ଖଡିଆଳ ଏସ୍‌ଡିପିଓ ଉପେନ୍ଦ୍ର ପ୍ରଧାନ, ବୋଡ଼େନ ଥାନାଧିକାରୀ ଧର୍ମେନ୍ଦ୍ର ଭୁଏ, ତହସିଲଦାର ସରିତା ଗୁପ୍ତା, ବିଡ଼ିଓ ସୁଶାନ୍ତ କୁମାର ରଣା, ଡ଼ବ୍ଲ୍ୟୁଇଓ କ୍ଷଣପ୍ରଭା ପାଣିଗ୍ରାହୀ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ଅଧିକାରୀଙ୍କ ପକ୍ଷରୁ ପ୍ରତିଶ୍ରୁତି ମିଳିବା ପରେ କର୍ମକର୍ତ୍ତା ଦାବିପତ୍ର ପ୍ରଦାନ କରି ଆନ୍ଦୋଳନରୁ ଓହରିଥିଲେ। ଏଥିରେ ବ୍ଲକର ୧୫ ଗୋଟି ପଞ୍ଚାୟତର ବନବାସୀ ଓ ଅଣବନବାସୀ ସାମିଲ ଥିଲେ।


ବିଜୁ ଏକ୍ସପ୍ରେସ୍ ୱେ ମଦଭାଟି ଛକଠାରେ ରାସ୍ତାରୋକୋ କରାଯାଇଛି।

## ସଂକ୍ଷେପରେ

### ବଡ଼ଭାଇଙ୍କ ମାଡ଼ରେ ସାନ ମୃତ

**ବରପାଲି, ୨୪।୨(ଚିତ୍ତରଞ୍ଜନ ସାହୁ):** ବରଗଡ଼ ଜିଲା ବରପାଲି ଥାନା କେବାର୍ଡ ଗ୍ରାମରେ ମଙ୍ଗଳବାର ଘଟିଛି ଏକ ଜଘନ୍ୟ ହତ୍ୟାକାଣ୍ଡ। ବଡ଼ ଭାଇଙ୍କ ମାଡ଼ରେ ସାନ ଭାଇଙ୍କ ମୃତ୍ୟୁ ହୋଇଛି। ପ୍ରାପ୍ତ ସୂଚନା ଅନୁଯାୟୀ କେବାର୍ଡ ଗ୍ରାମର ତୀର୍ଥ ବିଶି (୨୬) ପ୍ରତ୍ୟହ ପରିବାର ଲୋକଙ୍କ ସହ ଝଗଡା କରୁଥିଲେ । କିଛିଦିନ ପୂର୍ବରୁ ସେ ତାଙ୍କ ମାଆ ବାପାଙ୍କ ସହ ମଧ ଝଗଡା କରିଥିଲେ। ସୋମବାର ପୁଣି ତାଙ୍କ ସ୍ତ୍ରୀ ଓ ପରିବାର ଲୋକଙ୍କ ସହ ଭୀଷଣ ଝଗଡା କରିଥିଲେ। ମଙ୍ଗଳବାର ସକାଳୁ ତାଙ୍କ ସ୍ତ୍ରୀ ବରପାଲି ଥାନାକୁ ଅଭିଯୋଗ କରିବାକୁ ଯାଇଥିଲେ। ସେହି ସମୟରେ ଉଭୟ ଭାଇଙ୍କ ମଧରେ ଝଗଡା ଆରମ୍ଭ ହୋଇଥିଲା ।ଝଗଡା ସମୟେ ତାଙ୍କ ଭାଇ ଅନିଲ ଏକ ଲୁହା ପାନାରେ ତାଙ୍କ ମୁଣ୍ଡକୁ ପିଟିଥିଲେ ।ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ପରେ ଅନିଲ ବରପାଲି ଥାନାକୁ ଯାଇ ଆତ୍ମସମର୍ପଣ କରିଥିଲେ। ବରପାଲି ଥାନାଧିକାରୀ ପ୍ରମୋଦ ସାହୁ ପୋଲିସ ବାହିନୀ ସହ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବରଗଡ଼ ପଠାଇଥିଲେ।

### ନକଲି ବିଦେଶୀ ମଦ ଜବତ, ୨ ଗିରଫ

ଭବାନୀପାଟଣା/ଜୁନାଗଡ଼,୨୪।୨
(ଉତ୍ତମ କୁମାର ଦାଶ/ସୁନୀଲ କୁମାର ସିଂହ)

କଳାହାଣ୍ଡି ଜିଲା ଜୁନାଗଡ଼ ସହରରେ ନକଲି ବିଦେଶୀ ମଦ ପ୍ରସ୍ତୁତ ହେଉଥିବା ଖବର ପାଇ ମଙ୍ଗଳବାର ସକାଳୁ ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଥିଲା। ଏହି ସମୟରେ ସହରର ମେଡ଼ିକାଲ ଛକ ନିକଟସ୍ଥ ସନ୍ତୋଷ ପଟ୍ଟନାୟକଙ୍କୁ ଘରୁ ୩୩ ଲିଟର ନକଲି ବିଦେଶୀ ମଦ ସହ ୯୮୮ଟି ମଦବୋତଲ ଠିପି, ୭୩ଟି ଖାଲି ବୋତଲ, ୯୨୪ଟି ସରକାରୀ ଲୋଗୋ ଥିବା ଷ୍ଟିକର ଜବତ କରାଯାଇଥିଲା। ଏହାକୁ ନେଇ ଜୁନାଗଡ଼ ଅବକାରୀ ଥାନାରେ ଏକ ମାମଲା(ନଂ.୨୭୨/୨୬) ରୁଜୁ କରାଯାଇ ସମ୍ପୃକ୍ତ ଅଭିଯୁକ୍ତ ସନ୍ତୋଷ ପଟ୍ଟନାୟକଙ୍କୁ ଗିରଫ କରାଯାଇଛି। ସେହିପରି ସମାନ ଘଟଣାରେ ହଣ୍ଡାଖାଲ ପଡାରୁ ରିଙ୍କୁ ମଙ୍ଗରାଜ (୨୮)ଙ୍କୁ ମଧ ଗିରଫ କରାଯାଇଛି। ଅଭିଯୁକ୍ତ ରିଙ୍କୁଙ୍କ ଭଡାଘରୁ ନକଲି ବିଦେଶୀ ମଦ ଠିପି ୧୩୩୩, ଖାଲି ବୋତଲ ୧୯, ସରକାରୀ ଲୋଗୋ ଥିବା ୧୦୦୦ ଷ୍ଟିକର ଜବତ କରାଯାଇଛି। ଉଭୟ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ଜିଲା ଅବକାରୀ ଅଧୀକ୍ଷକ ରଞ୍ଜନ ନାୟକଙ୍କ ନିର୍ଦ୍ଦେଶକ୍ରମେ ଏହି ଚଢ଼ାଉରେ ଧର୍ମଗଡ଼ ରେଞ୍ଜ ଇନ୍ସପେକ୍ଟର ଅରୁଣ କୁମାର ଯୋଶୀ ଓ ଜୁନାଗଡ଼ ଅବକାରୀ ସହକାରୀ ଇନ୍ସପେକ୍ଟର ଲକ୍ଷ୍ମୀପ୍ରିୟା ମଲ୍ଲିକ ପ୍ରମୁଖ ସାମିଲ ଥିଲେ। ମିଳିଥିବା ସୂଚନା ଅନୁଯାୟୀ, ଉପରୋକ୍ତ ୨ ଅଭିଯୁକ୍ତ ସହରର ଏକ ବିଦେଶୀ ମଦ ଦୋକାନରେ କାମ କରୁଥିବାବେଳେ ଏହି ମଦକୁ ସେମାନେ କୁଆଡେ ନେଇ ବିକ୍ରି କରୁଥିଲେ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେବେ ଏହି ଘଟଣାରେ ଆଉ କିଏ ସମ୍ପୃକ୍ତ ରହିଛନ୍ତି ତାହା ତଦନ୍ତ କରାଗଲେ ଜଣାପଡିବ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

# ବିକ୍ରି ହେଉନି ଧାନ, ମଣ୍ଡିରୁ ହେଉଛି ଚୋରି

**ବରଗଡ଼,୨୩।୨(ପ୍ରେମାନନ୍ଦ ଖମାରୀ)**



ମଣ୍ଡିରୁ ଧାନଚୋରି ଅଭିଯୋଗ ନେଇ ଜିଲାପାଳଙ୍କୁ ଫେରାଦ ହୋଇଥିବା ଚାଷୀ।

ବରଗଡ଼ ଜିଲାକୁ ରାଜ୍ୟର ଭାତହାଣ୍ଡି କୁହାଯାଏ। ଏଠାରେ ଅଧିକ ଧାନ ଉତ୍ପାଦନ ଯୋଗୁ ଜିଲାର ଏଭଳି ପରିଚୟ ରହିଛି। ତେବେ ଧାନଚାଷ କରୁଥିବା ଚାଷୀଙ୍କ ଦୁର୍ଦ୍ଦଶା ଏଠାରେ ଥମି ନାହିଁ। ମଣ୍ଡିରେ ଧାନ ଉଠୁ ନ ଥିବା ସାଧାରଣରେ ପରିଣତ ହୋଇଛି। ମାତ୍ର ବିକ୍ରିଅପେକ୍ଷାରେ ମଣ୍ଡିରେ ରହିଥିବା ଧାନ ଚୋରି ହେବା ସମସ୍ତଙ୍କୁ ଚକିତ କରି ପକାଇଛି। ବରଗଡ଼ ଜିଲା ବରପାଲି ବ୍ଲକ ଅନ୍ତର୍ଗତ ତୁଲଣ୍ଡି ଧାନ କ୍ରୟକେନ୍ଦ୍ର(ମଣ୍ଡି)ରେ ଏଭଳି ସ୍ଥିତି ଉପୁଜିଛି। ଉକ୍ତ ମଣ୍ଡିରେ ବିକ୍ରି ଅପେକ୍ଷାରେ ରହିଥିବା ଧାନ ଚୋରି ହୋଇଥିବା ଭଳି ଏକ ଗୁରୁତର ଅଭିଯୋଗ ହୋଇଛି। ଏଭଳି ଅଭିଯୋଗ ନେଇ ମଙ୍ଗଳବାର ସମ୍ପୃକ୍ତ ମଣ୍ଡି ଉପରେ ନିର୍ଭରଶୀଳ ଚାଷୀମାନେ ବରଗଡ଼ ଜିଲାପାଳଙ୍କୁ ଫେରାଦ ହୋଇଥିଲେ। ଜିଲାପାଳ ଆଦିତ୍ୟ ଗୋୟଲଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ମଧୁଛନ୍ଦା ସାହୁଙ୍କୁ ସେମାନେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ସ୍ମାରକପତ୍ରରେ ସେମାନେ ଉଲ୍ଲେଖ କରିଛନ୍ତି, ତୁଲଣ୍ଡି ମଣ୍ଡିରେ ବିକ୍ରିଅପେକ୍ଷାରେ ବର୍ତ୍ତମାନ ସୁଦ୍ଧା ୨ହଜାର ପକେଟ୍ ଧାନ ପଡ଼ି ରହିଛି। ବିଭିନ୍ନ ଆଳ ଦେଖାଇ ଧାନକ୍ରୟ ସଂସ୍ଥା ଏବଂ ମଣ୍ଡି କର୍ତ୍ତୃପକ୍ଷ ଧାନ ଉଠାଉ ନାହାନ୍ତି। ଅନ୍ୟପଟେ ଉକ୍ତ ମଣ୍ଡିରେ ବିକ୍ରି ଅପେକ୍ଷାରେ ରହିଥିବା ଅଞ୍ଚଳର ଚାଷୀ ଅମର ପ୍ରଧାନଙ୍କ ସମୁଦାୟ ଧାନ ମଧ୍ୟରୁ ୯ପକେଟ୍ ଧାନ ଚୋରି ହୋଇଥିବା ସେ ଅଭିଯାଗ କରିଛନ୍ତି। ଉକ୍ତ ମଣ୍ଡିରେ ଧାନ ସୁରକ୍ଷା ନେଇ କୌଣସି ସୁବ୍ୟବସ୍ଥା ନ ଥିବା ଯୋଗୁ ଏଭଳି ଅଘଟଣ ଘଟୁଥିବା ଅଭିଯୋଗ ହୋଇଛି। ଫଳରେ ଏ ଦିଗରେ ତ୍ୱରିତ୍ ବ୍ୟବସ୍ଥା ଗ୍ରହଣ କରିବାକୁ ଦାବି ହୋଇଛି। ବରଗଡ଼ ଜିଲା ସଂଯୁକ୍ତ କୃଷକ ସଙ୍ଗଠନ ଉପଦେଷ୍ଟା ରମେଶ ମହାପାତ୍ରଙ୍କ ସମେତ ବନବସ ସାହୁ, ଗଙ୍ଗାଧର ସାହୁ ପ୍ରମୁଖ ସ୍ମାରକପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ।

# ସୁଶାନ୍ତ ଅଗ୍ରୱାଲ ଥିଲେ ଅଜାତ ଶତ୍ରୁ



ଶ୍ରଦ୍ଧାଞ୍ଜଳି ସଭାରେ ଉପସ୍ଥିତ ଜନସାଧାରଣ।

**ଦୁର୍ଗା ମଣ୍ଡପରେ ଶ୍ରଦ୍ଧାଞ୍ଜଳି ସଭାରେ ମତପ୍ରକାଶ**

**ଅତାବିରା, ୨୪।୨(ଯୁଧିଷ୍ଠିର ମହାପାତ୍ର)**

ସୁଶାନ୍ତ ଅଗ୍ରୱାଲ ଜଣେ ପରୋପକାରୀ, ଦରଦୀ ମଣିଷ ତଥା ଅମାୟିକ ବ୍ୟକ୍ତିତ୍ୱର ଅଧିକାରୀ ହେବା ସହ ଜଣେ ଅଜାତ ଶତ୍ରୁ ଥିଲେ ବୋଲି ମଙ୍ଗଳବାର ବରଗଡ଼ ଜିଲା ଅତାବିରା ଦୁର୍ଗା ମନ୍ଦିର ମଣ୍ଡପରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳୀ ସଭାରେ ବିଭିନ୍ନ ବ୍ୟକ୍ତି ମତ ରଖିଛନ୍ତି। ରବି ପଣ୍ଡାଙ୍କ ପରିଚାଳନାରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ବକ୍ତାମାନେ ସ୍ୱର୍ଗତ ସୁଶାନ୍ତଙ୍କୁ ଜଣେ ଅତ୍ୟନ୍ତ ପରୋପକାରୀ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ ବୋଲି କହିଥିଲେ। ସେ ଦୁର୍ଗା ମନ୍ଦିର କମିଟି ଓ ତିହାର ଲୋକ ମହୋତ୍ସବ ସମିତିର ଜଣେ ସକ୍ରିୟ ସଦସ୍ୟ ଭାବରେ ତାଙ୍କର ଯୋଗଦାନ ପାଇଁ ସର୍ବଦା ସ୍ମରଣୀୟ ହୋଇ ରହିବେ ବୋଲି ପ୍ରକାଶ କରିବା ସହ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ। ଶ୍ରଦ୍ଧାଞ୍ଜଳି ସଭା ପ୍ରାରମ୍ଭରେ ତାଙ୍କ ଫଟୋଚିତ୍ରରେ ପୁଷ୍ପାଞ୍ଜଳୀ ପ୍ରଦାନ ସହ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ସଭାରେ ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦଙ୍କ ଶୋକ ବାର୍ତ୍ତା ମଧ ପାଠ କରାଯାଇଥିଲା। ଏହି ଶୋକ ସଭାରେ ଭାଜପା, ବିଜେଡି, କଂଗ୍ରେସ, ଦୁର୍ଗା ମନ୍ଦିର କମିଟି, ତିହାର ଲୋକମହୋତ୍ସବ ସମିତି, କୋଶଳ ଆନ୍ଧ୍ର କଲଚରାଲ ଆସୋସିଏସନ, ଗଣେଶ ମନ୍ଦିର କମିଟି, ବଣିକ ସଂଘ, ପ୍ରଗତି କ୍ଲବର କର୍ମକର୍ତ୍ତା ଓ ସଦସ୍ୟମାନେ ଉପସ୍ଥିତ ଥିଲେ। ଏଥିରେ ଉନି କ୍ରୀଷ୍ଣନ ନାୟାର, ସୁରେନ୍ଦ୍ର ସ୍ୱାଇଁ, ବୀରେନ୍ଦ୍ର କର, ପାର୍ଥ ସାରଥୀ ପଣ୍ଡା, କେ.ପି.ଶ୍ରୀନିବାସ, ଅରବିନ୍ଦ ପାତ୍ର, ସିଦ୍ଧାର୍ଥ ଶଙ୍କର ପଣ୍ଡା, ଜିତେନ୍ଦ୍ରିୟ ଦାଶ, ଭୂପେନ୍ଦ୍ର ପଟେଲ, ମନୋଜ ଶତପଥୀ, ବିଲୋସ ଯୋନପୁରି, ଅବିନାଶ ପ୍ରଧାନ, ସୁନିତା ବାଗ, ମଣ୍ଡା ବାଲା ସୁବ୍ରମନ୍ୟମ, ରିଙ୍କୁ ପ୍ରଧାନ, ରାଜେଶ ପ୍ରଧାନ, ଜଗୁ କୋଟକ, ଅକ୍ଷୟ ପ୍ରଧାନ, ପ୍ରଭାତ ପ୍ରଧାନ, ସ୍ୱାଧୀନ ପ୍ରଧାନ, ପିଣ୍ଟୁ ସାହୁ, ଶଙ୍କର ବାରିକ ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

# ରୋଗୀ କଲ୍ୟାଣ ସମିତିର କାର୍ଯ୍ୟନିର୍ବାହୀ ସଭା



ବୈଠକରେ ଉପସ୍ଥିତ ଜିଲାପାଳ ଓ ଅନ୍ୟମାନେ।

**ବୌଦ୍ଧ,୨୪।୨(ଅଜିତ କୁମାର ବାରିକ)**

ବୌଦ୍ଧ ଜିଲା ସ୍ୱାସ୍ଥ୍ୟକେନ୍ଦ୍ର ତାଲିମ କେନ୍ଦ୍ରରେ ମଙ୍ଗଳବାର ରୋଗୀ କଲ୍ୟାଣ ସମିତିର ଏକ କାର୍ଯ୍ୟନିର୍ବାହୀ ସଭା ଅନୁଷ୍ଠିତ ହୋଇଛି। ଜିଲାପାଳ ବିଭୂତି ଭୂଷଣ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ମହେନ୍ଦ୍ର କୁମାର ସାହୁ ସ୍ୱାଗତ ଜଣାଇବା ପରେ ଅତିରିକ୍ତ ଜିଲା ଚିକିତ୍ସାଧିକାରୀ ସଂଘମିତ୍ରା ପଣ୍ଡା ବିଭିନ୍ନ ପ୍ରସ୍ତାବ ଉପରେ ଆଲୋଚନା କରିଥିଲେ। ଡାକ୍ତରଖାନା ପରିସରରେ ଜବରଦଖଲ ଉଚ୍ଛେଦ, ଡ୍ରେନେଜ ବ୍ୟବସ୍ଥା, ମରାମତି ଶୀଘ୍ର କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହାସହ ରୋଗୀମାନଙ୍କୁ ଆମ୍ବୁଲାନ୍ସ ସେବା ଯୋଗାଇ ଦେବାକୁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ଜିଲାରେ ୩୦୦ ଶଯ୍ୟା ବିଶିଷ୍ଟ ନୂତନ ସ୍ୱାସ୍ଥ୍ୟକେନ୍ଦ୍ରରେ ରହିଥିବା ସମସ୍ୟା ଓ ସମାଧାନ ଉପରେ ସମୀକ୍ଷା ହୋଇଥିଲା। ଏହି ସ୍ୱାସ୍ଥ୍ୟକେନ୍ଦ୍ର ଆସନ୍ତା ମାର୍ଚ୍ଚ ମାସରେ ଉଦ୍‌ଘାଟନ କରାଯିବ ବୋଲି ଜିଲାପାଳ ପ୍ରକାଶ କରିଥିଲେ। ବୈଠକରେ କାର୍ଯ୍ୟକାରୀ ସଦସ୍ୟ ତାରେଣୀ କୁମାର ମହାପାତ୍ର, ଦେବାଶିଷ ପୁରୋହିତ, ନଟବର ଅଗ୍ରୱାଲା, ଅଶାରାଣୀ ମିଶ୍ର, କନ୍ଧମାଳ ବିଧାୟକ ପ୍ରତିନିଧି ରାକେଶ ତ୍ରିପାଠୀ, ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

### ଟ୍ରେନ୍ ଧକ୍କାରେ ବୃଦ୍ଧା ମୃତ

**ବଘିଆପଡା,୨୪।୨(ଶ୍ରୀକାନ୍ତ ସାହୁ):** ବୌଦ୍ଧ ଥାନା ବଘିଆପଡା ଫାଣ୍ଡି ଅଧୀନ ଖୁଣ୍ଟିଆପଡା ଗ୍ରାମ ନିକଟରେ ମଙ୍ଗଳବାର ଟ୍ରେନ୍ ଧକ୍କାରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ହୋଇଛି। ମୃତା ବୃଦ୍ଧା ହେଲେ ଖୁଣ୍ଟିଆପଡା ଗ୍ରାମର କସ୍ତୁରୀ ଘିବେଲା(୬୦)। ସେ ଗାଆଁ ମୁଣ୍ଡ ଦେଇ ଯାଇଥିବା ରେଲଲାଇନ ପାର ହେଉଥିବା ବେଳେ ସୋନପୁର ପଟୁ ଆସୁଥିବା ଏକ ଟ୍ରେନ୍ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଛି। ରେଲୱେ ପୋଲିସ ସେଠାରେ ପହଞ୍ଚି ମୃତଦେହ ଜବତ କରି ତଦନ୍ତ କରିଛି।

### ସ୍ନାତକ ମହାବିଦ୍ୟାଳୟରେ ଛାତ୍ରୀ ଆତ୍ମରକ୍ଷା ତାଲିମ

**ଖଡ଼ିଆଳ,୨୪।୨ (ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡ଼ିଆଳସ୍ଥିତ ଆଦର୍ଶ ସ୍ନାତକ ମହାବିଦ୍ୟାଳୟର ପ୍ରଥମବର୍ଷ ଛାତ୍ରୀଙ୍କ ଆତ୍ମରକ୍ଷା ତାଲିମ ଶିବିର ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଦୀର୍ଘ ୮ଦିନ ବ୍ୟାପୀ ମୌସୁମୀ ଜଗତ ଓ ନୀଳିମା ବାରିକ ମାଷ୍ଟର ଟ୍ରେନର ଭାବେ ଯୋଗଦେଇ ଛାତ୍ରୀଙ୍କୁ ଆତ୍ମରକ୍ଷା କୌଶଳ ତାଲିମ ପ୍ରଦାନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଅକ୍ଷୟ କୁମାର ସାହୁ ସଭାପତିତ୍ୱ କରିଥିଲେ। ଓଡ଼ିଆ ବିଭାଗର ସହକାରୀ ପ୍ରଫେସର ଡ. ଲିଙ୍ଗରାଜ ସାହୁ ଅତିଥି ଭାବରେ ଯୋଗଦେଇ ସୁସ୍ଥ ସାମାଜ ଗଠନରେ ନାରୀର ଭୂମିକା ଉପରେ ଆଲୋକପାତ କାରିଥିଲେ। କାର୍ଯ୍ୟକ୍ରମର ସଂଯୋଜିକା ଡ. ଲିପିକା ପ୍ରିୟଦର୍ଶିନୀ ପାତ୍ର ଶିବିରର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ତାଲିମପ୍ରାପ୍ତ ଛାତ୍ରୀମାନଙ୍କୁ ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା। ଛାତ୍ରୀ ଶିଫା ବେଗମ, ସଞ୍ଜନା ହାତୀ ଓ ଦୀପା ହଂସ ଆତ୍ମରକ୍ଷା ଆଧାରିତ ନୃତ୍ୟ ପରିବେଷଣ କରିଥିଲେ। ଡ. ସୁରେନ୍ଦ୍ର କଲେତ, ଡ. ଶିବ କୁମାର, ଆଦର୍ଶ ପ୍ରଧାନ, ପ୍ରବୀଣ ପଟ୍ଟନାୟକ, ନିବେଦିତା ବାରିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପରିଶେଷରେ ଅଧ୍ୟାପକ ଚନ୍ଦ୍ରକାନ୍ତ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଭାଜପାରେ ମିଶିଲେ ଏନ୍‌ଏସି ଅଧ୍ୟକ୍ଷ, କାଉନ୍‌ସିଲର



ମିଶ୍ରଣ ପର୍ବରେ ଦଳୀୟ ନେତୃବୃନ୍ଦଙ୍କ ସହ ଦଳରେ ସାମିଲ କର୍ମୀ।

**ନୂଆପଡ଼ା,୨୪।୨(ମକାରୁ ବେମାଲ)**

ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ମଙ୍ଗଳବାର ଦିନିକିଆ ନୂଆପଡ଼ା ଜିଲା ଗସ୍ତରେ ଆସି ଜିଲା କାର୍ଯ୍ୟାଳୟଠାରେ ପଣ୍ଡିତ ଦୀନ୍‌ଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ଶିବିରରେ ଯୋଗଦେଇଥିଲେ। ଏହି ଅବସରରେ ଏକ ମିଶ୍ରଣ ପର୍ବ ଆୟୋଜନ କରାଯାଇଥିଲା। ଜିଲା ଭାଜପା ସଭାପତି କମଲେଶ ଦୀକ୍ଷିତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ମିଶ୍ରଣ ପର୍ବରେ ରାଜ୍ୟ ସଭାପତି ସାମଲ, କଳାହାଣ୍ଡି ଏମ୍‌ପି ମାଳବିକା ଦେବୀ, ନୂଆପଡ଼ା ବିଧାୟକ ଜୟ ଢୋଲକିଆ, ନୂଆପଡ଼ା ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, ଖରିଆର ରୋଡ୍ ଏନ୍‌ଏସି ଅଧ୍ୟକ୍ଷା ଡ. ସୋନିଆ ଜୈନ, ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରସନ୍ନ ପାଢ଼ୀ, ବରିଷ୍ଠ ନେତା ଲମ୍ବୋଦର ନିଆଲ, ଭାଜପା ଜିଲା ଉପସଭାପତି ଅଭିନନ୍ଦନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ନୂଆପଡ଼ା ଏନ୍‌ଏସି ଅଧ୍ୟକ୍ଷ ମହମ୍ମଦ ଆଦମ, କାଉନସିଲର ଧରମରାଜ ଶବର, ସଂଗୀତା ପାରଖ, ଥାନେଶ୍ୱର ସୁନା, ଶିବନନ୍ଦ ପାତ୍ର, ମଳୟ ମଣ୍ଡଳ, ଧନେଶ୍ୱରୀ ସାହୁ, ରାନୁ ସାହୁ, ଭଗବତୀ ଦଣ୍ଡସେନା ପ୍ରମୁଖ ଭାଜପାରେ ଯୋଗଦାନ କରିଛନ୍ତି। ରାଜ୍ୟ ସଭାପତି ସାମଲ ସମସ୍ତଙ୍କୁ ଉତ୍ତରୀୟ ଦେଇ ଦଳକୁ ସ୍ୱାଗତ କରିଥିଲେ। ପରେ ସେ ନିଜ ପ୍ରତିକ୍ରିୟାରେ ଏମାନଙ୍କ ଯୋଗଦାନ ଦଳକୁ ଆହୁରି ମଜଭୁତ କରିବା ସହ ଆଗାମୀ ପୌର ଓ ପଞ୍ଚାୟତ ନିର୍ବାଚନରେ ଦଳ ଭଲ ପ୍ରଦର୍ଶନ କରିବ ବୋଲି କହିଥିଲେ। ଭାଜପାରେ ଯୋଗଦେଇଥିବା ନୂଆପଡ଼ା ଏନ୍‌ଏସି ଅଧ୍ୟକ୍ଷ ଆଦମ ଆମେ ପୂର୍ବରୁ ରାଜୁ ଭାଇଙ୍କ ସହ ଥିଲୁ, ଏବେ ଜୟ ଭାଇଙ୍କ ସହ ଅଛୁ ଓ ରହିବୁ ବୋଲି କହିଥିଲେ।

# ବରପାଲି କଲେଜ ରାସ୍ତାରେ ଜବରଦଖଲ ଉଚ୍ଛେଦ



ଜବର ଦଖଲ ଉଚ୍ଛେଦ କରାଯାଉଛି।

**ବରପାଲି,୨୪।୨(ଚିତ୍ତରଞ୍ଜନ ସାହୁ)**

ବରଗଡ଼ ଜିଲା ବରପାଲିର ଅନ୍ୟତମ ମୁଖ୍ୟ ସଡ଼କ ଗାନ୍ଧୀ ଛକଠାରୁ ରେଲୱେ ବ୍ରିଜ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ଜବରଦଖଲକୁ ସୋମବାର ଉଚ୍ଛେଦ କରାଯାଇଛି। ବରଗଡ଼ର ସହାୟକ ଜିଲାପାଳ ମଦନ ଲାଲ ପଣ୍ଡା ମାଜିଷ୍ଟ୍ରେଟ ଭାବରେ ଉପସ୍ଥିତ ଥିବା ବେଳେ ବରପାଲି ତହସିଲଦାର ରୁକ୍ମଣ ମେହେର, ଅତିରିକ୍ତ ତହସିଲଦାର ହିମାଂଶୁ ଶେଖର ନାଏକ, ବରପାଲି ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଭୁବନ କୁମାର ଶତପଥୀ, ବରପାଲି ଥାନାଧିକାରୀ ପ୍ରମୋଦ କୁମାର ସାହୁ ଉପସ୍ଥିତ ଥିଲେ। ଆଇନ ଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ସହରରେ ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା।

# କବୟିତ୍ରୀ ମୋନାଲିସାଙ୍କ ପ୍ରଥମ ହିନ୍ଦୀ କବିତା ସଂକଳନ ଉନ୍ମୋଚିତ

**ସୁନ୍ଦରଗଡ,୨୪।୨(ଜୟ ନାରାୟଣ ମେଣ୍ଡୁଲି)**



ଅତିଥିମାନେ ହିନ୍ଦୀ କବିତା ସଂକଳନ ଅସୀମ ଏହେସାସୋ କେ ଘେରେ କୁ ଉନ୍ମୋଚନ କରୁଛନ୍ତି।

କବୟିତ୍ରୀ ମୋନାଲିସାଙ୍କ ପ୍ରଥମ ହିନ୍ଦୀ କବିତା ସଂକଳନ " ଅସୀମ ଏହେସାସୋ କେ ଘେରେ " ମଙ୍ଗଳବାର ସନ୍ଧ୍ୟାରେ ଉନ୍ମୋଚିତ ହୋଇଯାଇଛି। ସ୍ଥାନୀୟ ଜେଡିଆର ସଭା କକ୍ଷରେ ଆୟୋଜିତ ଏହି ସମାରୋହରେ ସୁନ୍ଦରଗଡ ପୌରାଧ୍ୟକ୍ଷା ତନୟା ମିଶ୍ର, ଜିଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସୁରଞ୍ଜନ ସାହୁ, ସୁନ୍ଦରଗଡ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ସହକାରୀ ପ୍ରଫେସର ଡ. ନୂତନ ଖମାରୀ ଅତିଥିଭାବେ ଯୋଗଦେଇ ଏହି ଏହି କବିତା ସଂକଳନକୁ ଆନୁଷ୍ଠାନିକଭାବେ ଉନ୍ମୋଚନ କରିଥିଲେ। ପଡୋଶୀ ଛତିଶଗଡ଼ ରାଜ୍ୟରୁ ଆଗତ ପ୍ରଖ୍ୟାତ ହିନ୍ଦୀ କବି ସୁନ୍ଦରଲାଲ ଡନସେନା ଓ କ୍ଷୀରସିନ୍ଧୁ ସାହୁ ପୁସ୍ତକରେ ଥିବା କବିତା ଗୁଡିକୁ ସମୀକ୍ଷା କରିଥିଲେ। କବୟିତ୍ରୀଙ୍କ କବିତା ସମ୍ପର୍କରେ କବି ସମରେନ୍ଦ୍ର ଠାକୁର, ବିବିଧ ବିଶ୍ୱ, ସୁଷମା ପଟେଲ ଆଲୋଚନା କରି ତାଙ୍କର ସାରସ୍ୱତ ଯାତ୍ରା ଆହୁରି ବ୍ୟାପକ ହେଉ ବୋଲି କାମନା କରିଥିଲେ। ଶେଷରେ କବୟିତ୍ରୀ ସୁଷମା ପଟେଲଙ୍କ ସଂଯୋଜନାରେ ଏକ କବିତା ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରଣତୀ ବେହେରା, ପ୍ରତାପ ପଟ୍ଟନାୟକ, ନିତମ୍ବିନୀ କର, ଉଦିତ କୁମାର ନାଏକ, ଜୀବେଶ୍ୱରୀ ପଟେଲ, ସୁରଭି ପଟେଲ, ସଚିନ ବିଶ୍ୱକର୍ମା, ପୁଷ୍ପଲତା ପାଣିଗ୍ରାହୀ, ସମରେନ୍ଦ୍ର ଠାକୁର ପ୍ରମୁଖ କବିତା ପାଠ କରିଥିଲେ। ସୁସ୍ମିତା ପୁରୋହିତ ଧନ୍ୟବାଦ ପ୍ରଦାନ କରିଥିଲେ। ଏହି ସଭାରେ ଅବରପ୍ରାପ୍ତ କଲେଜ ଅଧ୍ୟକ୍ଷା ମିନତୀ ମିଶ୍ର, ଗଣେଶ ତ୍ରିପାଠୀ, ମନୋରଞ୍ଜନ ଦାସ, ସୁସ୍ମିତା ଭୋଇ, ସଞ୍ଜୟ ପଟ୍ଟନାୟକଙ୍କ ସମେତ ବହୁ ପ୍ରତିଷ୍ଠିତ ସାହିତ୍ୟ କବି , କବୟତ୍ରୀ ଓ ମାନ୍ୟଗଣ୍ୟ ବ୍ୟକ୍ତି, ସାହିତ୍ୟ ପ୍ରେମୀ ଯୋଗ ଦେଇଥିଲେ।

# ବ୍ୟାରେଜ୍ ନିର୍ମାଣ ଦାବିକଲେ ଚାଷୀ

**ବରଗଡ଼,୨୪।୨(ପ୍ରେମାନନ୍ଦ ଖମାରୀ)**



ଅତିରିକ୍ତ ଜିଲାପାଳ ସ୍ମାରକପତ୍ର ଗ୍ରହଣ କରୁଛନ୍ତି।

ବରଗଡ଼ ଜିଲା ଦେଇ ପ୍ରବାହିତ ହେଉଥିବା ଜୀରାନଦୀରେ ବ୍ୟାରେଜ ନିର୍ମାଣ ଦାବି ଜୋର୍ ଧରି ବସିଛି। ଏହି ଦାବି ନେଇ ମଙ୍ଗଳବାର ଜିଲାର ବୀର ସୁରେନ୍ଦ୍ର ସାଏ କୃଷକ ସଙ୍ଗଠନ ସମେତ ସୋହେଲା, ଭଟଲି, ବରଗଡ଼ ବ୍ଲକର ଚାଷୀବୃନ୍ଦ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବରଗଡ଼ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଜିଲାପାଳ ଆଦିତ୍ୟ ଗୋୟଲଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ମଧୁଛନ୍ଦା ସାହୁ ସ୍ମାରକପତ୍ର ଗ୍ରହଣ କରିଥିଲେ।

ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି, ବରଗଡ଼ ଜିଲା ଦେଇ ଜୀରାନଦୀ ପ୍ରବାହିତ ହୋଇଛି। ଜୀରାନଦୀରୁ ବାଲି ଚୋରାଚୋଲାଣ ହେଉଛି। ଉଠାଜଳସେଚନ ପାଇଁ ଏ ପର୍ଯ୍ୟନ୍ତ ବ୍ୟବସ୍ଥା ନାହିଁ। ଫଳରେ ଏପର୍ଯ୍ୟନ୍ତ ଉକ୍ତ ନଦୀ ଉପକଣ୍ଠ ଜମି ମରୁଡ଼ିର ସମ୍ମୁଖୀନ ହେଉଛି। ଚାଷଜମି ପଡ଼ିଆ ପଡୁଛି। ତେବେ ଜୀରାନଦୀରେ ଯଦି ଏକ ବ୍ୟାରେଜ ନିର୍ମାଣ କରାଯାଇ ଜଳ ସଂରକ୍ଷଣ କରାଗଲେ ଉଠା ଜଳସେଚନ ପ୍ରକଳ୍ପ ମାଧ୍ୟମରେ ସୋହେଲା ବ୍ଲକର ସରକଣ୍ଡା, ଜମଛାପର, ଶ୍ରୀଗିଡ଼ା, ବାଇପାଲି, ବିଶିପାଲି, ଜଟଲା, ସାମକଟା, ଭଟଲି ବ୍ଲକର ଭଡ଼ିଗାଁ, ଭଜପୁରୀ, ରସାଳୀ ସହିତ ବରଗଡ଼ ବ୍ଲକର ଚକରକେନ୍ଦ ପଞ୍ଚାୟତର ଅନେକ ଗ୍ରାମ ଜଳସେଚିତ ହୋଇପାରିବ। ଏହା ସହିତ ଅଞ୍ଚଳରେ ଭୂତଳ ଜଳସ୍ତର ବୃଦ୍ଧି ପାଇବ ବୋଲି ସ୍ଥାନୀୟ ଲୋକେ ଆଶାବ୍ୟକ୍ତ କରିଛନ୍ତି ଏବଂ ଏ ନେଇ ବିହିତ ପଦକ୍ଷେପ ନେବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି। ଜିଲା ସଂଯୁକ୍ତ କୃଷକ ସଙ୍ଗଠନର ଉପଦେଷ୍ଟା ରମେଶ ମହାପାତ୍ରଙ୍କ ସମେତ ଅନ୍ୟ ଚାଷୀ ପ୍ରତିନିଧିବୃନ୍ଦ ସ୍ମାରକପତ୍ର ପ୍ରଦାନବେଳେ ଉପସ୍ଥିତ ଥିଲେ।

# ନକଲି ବିଦେଶୀ ମଦ ଜବତ, ୨ ଗିରଫ

ଭବାନୀପାଟଣା/ଜୁନାଗଡ଼,୨୪।୨ (ଉତ୍ତମ କୁମାର ଦାଶ/ସୁନୀଲ କୁମାର ସିଂହ)

କଳାହାଣ୍ଡି ଜିଲା ଜୁନାଗଡ଼ ସହରରେ ନକଲି ବିଦେଶୀ ମଦ ପ୍ରସ୍ତୁତ ହେଉଥିବା ଖବର ପାଇ ମଙ୍ଗଳବାର ସକାଳୁ ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଥିଲା। ଏହି ସମୟରେ ସହରର ମେଡ଼ିକାଲ ଛକ ନିକଟସ୍ଥ ସନ୍ତୋଷ ପଟ୍ଟନାୟକଙ୍କୁ ଘରୁ ୩୩ ଲିଟର ନକଲି ବିଦେଶୀ ମଦ ସହ ୯୮୮ଟି ମଦବୋତଲ ଠିପି, ୭୩ଟି ଖାଲି ବୋତଲ, ୯୨୪ଟି ସରକାରୀ ଲୋଗୋ ଥିବା ଷ୍ଟିକର ଜବତ କରାଯାଇଥିଲା। ଏହାକୁ ନେଇ ଜୁନାଗଡ଼ ଅବକାରୀ ଥାନାରେ ଏକ ମାମଲା(ନଂ.୨୭୨/୨୬) ରୁଜୁ କରାଯାଇ ସମ୍ପୃକ୍ତ ଅଭିଯୁକ୍ତ ସନ୍ତୋଷ ପଟ୍ଟନାୟକଙ୍କୁ ଗିରଫ କରାଯାଇଛି। ସେହିପରି ସମାନ ଘଟଣାରେ ହଣ୍ଡାଖାଲ ପଡାରୁ ରିଙ୍କୁ ମଙ୍ଗରାଜ (୨୮)ଙ୍କୁ ମଧ ଗିରଫ କରାଯାଇଛି। ଅଭିଯୁକ୍ତ ରିଙ୍କୁଙ୍କ ଭଡାଘରୁ ନକଲି ବିଦେଶୀ ମଦ ଠିପି ୧୩୩୩, ଖାଲି ବୋତଲ ୧୯, ସରକାରୀ ଲୋଗୋ ଥିବା ୧୦୦୦ ଷ୍ଟିକର ଜବତ କରାଯାଇଛି। ଉଭୟ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ଜିଲା ଅବକାରୀ ଅଧୀକ୍ଷକ ରଞ୍ଜନ ନାୟକଙ୍କ ନିର୍ଦ୍ଦେଶକ୍ରମେ ଏହି ଚଢ଼ାଉରେ ଧର୍ମଗଡ଼ ରେଞ୍ଜ ଇନ୍ସପେକ୍ଟର ଅରୁଣ କୁମାର ଯୋଶୀ ଓ ଜୁନାଗଡ଼ ଅବକାରୀ ସହକାରୀ ଇନ୍ସପେକ୍ଟର ଲକ୍ଷ୍ମୀପ୍ରିୟା ମଲ୍ଲିକ ପ୍ରମୁଖ ସାମିଲ ଥିଲେ। ମିଳିଥିବା ସୂଚନା ଅନୁଯାୟୀ, ଉପରୋକ୍ତ ୨ ଅଭିଯୁକ୍ତ ସହରର ଏକ ବିଦେଶୀ ମଦ ଦୋକାନରେ କାମ କରୁଥିବାବେଳେ ଏହି ମଦକୁ ସେମାନେ କୁଆଡେ ନେଇ ବିକ୍ରି କରୁଥିଲେ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେବେ ଏହି ଘଟଣାରେ ଆଉ କିଏ ସମ୍ପୃକ୍ତ ରହିଛନ୍ତି ତାହା ତଦନ୍ତ କରାଗଲେ ଜଣାପଡିବ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

# ମାଟିତଳୁ ମହିଳାଙ୍କ ଗଳିତ ମୃତଦେହ ଠାବ

ବଣାଇଁ/ଲହୁଣୀପଡା,୨୪।୨ (ପ୍ରଦୀପ ତ୍ରିପାଠୀ /ଦାଶରଥି ପଣ୍ଡା)

- ଗତ ୭ ତାରିଖଠାରୁ ନିଖୋଜ ଥିଲେ
- ହତ୍ୟା ମାମଲା ରୁଜୁ
- ୨ ଜଣଙ୍କୁ ଥାନାକୁ ଆଣି ପୋଲିସର ପଚରାଉଚରା

ସୁନ୍ଦରଗଡ଼ ଜିଲା କେ. ବଲାଙ୍ଗ ଥାନା ଅନ୍ତର୍ଗତ ବଡ଼ ବାଲିଜୋର ଜଙ୍ଗଲରୁ ମଙ୍ଗଳବାର ମାଟିତଳେ ପୋତା ହୋଇଥିବା ଜଣେ ମହିଳାଙ୍କ ଗଳିତ ମୃତଦେହ ପୋଲିସ ଉଦ୍ଧାର କରିଛି। ମୃତା ସୟମ୍ବା ଗ୍ରାମର ଖଇରା ମୁଣ୍ଡା(୩୫)। ଏନେଇ କେ. ବଲାଙ୍ଗ ପୋଲିସ ଏକ ହତ୍ୟା ମାମଲା (ନଂ. ୫୦/୨୬) ରୁଜୁ କରିଛି। ମହିଳା ଜଣକ ଗତ ୭ତାରିଖରୁ ନିଖୋଜ ଥିଲେ। ଏହି ଘଟଣାରେ ଅଧିକ ଖୋଳତାଡ ପାଇଁ ରୁଷ୍ଟୁ ମୁଣ୍ଡା(୩୫) ଓ ନିମିଆ ମୁଣ୍ଡା(୩୦)ଙ୍କୁ ଥାନାକୁ ଆଣି ପୋଲିସ ପଚରାଉଚରା କରୁଛି। ସେମାନଙ୍କୁ କହିବାନୁସାରେ ଫେବୃୟାରୀ ୭ତାରିଖରେ ଖଇରା ମୁଣ୍ଡା ରାଞ୍ଜଡା ସାପ୍ତାହିକ ବଜାରକୁ ଯାଇଥିଲେ। ସେଠାରେ ରୁଷ୍ଟୁ ଓ ନିମିଆଙ୍କ ସହ ତାଙ୍କର ଭୋଟ ହୋଇଥିଲା। କୌଣସି କାରଣକୁ ନେଇ ସେମାନଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତକ୍ଷିପ୍ତ ହୋଇ ରୁଷ୍ଟୁ ଏବଂ ନିମିଆ ତାଙ୍କ ତଣ୍ଟି ଚିପି ହତ୍ୟା କରିଥିଲେ। ପରେ ଘଟଣାକୁ ଲୁଚାଇ ଦେବା ଉଦ୍ଦେଶ୍ୟରେ ବଡ଼ ବାଲିଜୋର ଜଙ୍ଗଲରେ ମୃତଦେହ ପୋତି ଦେଇଥିଲେ। ଅପରପକ୍ଷରେ ବହୁ ସମୟ ପର୍ଯ୍ୟନ୍ତ ଖଇରା ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ହେଲେ ତାଙ୍କ ପତ୍ତା ମିଳି ନ ଥିଲା। ମଙ୍ଗଳବାର ଗ୍ରାମର ୨ଜଣ ଯୁବକଙ୍କଠାରୁ ଏ ସମ୍ପର୍କରେ ସୂଚନା ପାଇ ମୃତାଙ୍କ ସ୍ୱାମୀ ଚରଣ ମୁଣ୍ଡା କେ. ବଲାଙ୍ଗ ଥାନାରେ ଅଭିଯୋଗ କରିଥିଲେ। ସେମାନଙ୍କଠାରୁ ତଥ୍ୟ ହାସଲ କରିବା ପରେ ବଡ଼ ବାଲିଜୋର ଜଙ୍ଗଲର ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଖୋଳିବା ପରେ ଗଳିତ ମୃତଦେହ ମିଳିଥିଲା। ମାଜିଷ୍ଟ୍ରେଟ ଭାବେ କୋଇଡ଼ା ତହସିଲଦାର ନିର୍ମଳ ବିଶାଳଙ୍କ ଉପସ୍ଥିତିରେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବଣାଇ ପଠାଇଥିଲା। ବୁଧବାର ପୋଲିସ କ୍ରାଇମ ରିକ୍ରିଏସନ କରିବ ବୋଲି ଜଣାପଡିଛି।

# ବର୍ଜ୍ୟବସ୍ତୁ ପରିଚାଳନା ସଚେତନତା କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ର।

କୁତ୍ରା,୨୪।୨(ଦେବାଶିଷ ସାହୁ)

କୁତ୍ରା ବ୍ଲକ ଅନ୍ତର୍ଗତ ତୁନମୁରା ସ୍ଥିତ ସର୍ଗୁ କିଶାନ ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠାନର ପ୍ରଧାନ ଶିକ୍ଷକ ଅମରେଶ ସାହୁଙ୍କ ଅଧ୍ୟକ୍ଷତାରେ ବର୍ଜ୍ୟବସ୍ତୁ ପରିଚାଳନା ତଥା ପରିବେଶ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ମଙ୍ଗଳବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କୁ ବର୍ଜ୍ୟ ବସ୍ତୁର ଠିକ ବିନିଯୋଗ ଓ ପୃଥକୀକରଣ ସମ୍ପର୍କରେ ଶିକ୍ଷା ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ଇକୋ କ୍ଲବ ଓ ଏନର୍ଜି କ୍ଲବର ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ କରାଯାଇଥିଲା। ଏହି ଅବସରରେ ଏନର୍ଜି କ୍ଲବ ଦାୟିତ୍ୱରେ ଥିବା ଶିକ୍ଷକ ହରେକୃଷ୍ଣ ସାହୁ ବର୍ଜ୍ୟବସ୍ତୁକୁ କିଭଳି ହ୍ରାସ କରାଯାଇପାରିବ ଓ ପୁନଃ ଚକ୍ରଣ ପ୍ରକ୍ରିୟାରେ ବ୍ୟବହାର କରାଯାଇପାରିବ ସେ ନେଇ ଆଲୋକପାତ କରିଥିଲେ। ଇକୋ କ୍ଲବ ଦାୟିତ୍ୱରେ ଥିବା ଶିକ୍ଷୟିତ୍ରୀ ପ୍ରିୟଦର୍ଶିନୀ ପାଢ଼ୀ ବର୍ଜ୍ୟବସ୍ତୁ ପରିଚାଳନାକୁ ନେଇ ଛାତ୍ରୀଛାତ୍ରଙ୍କୁ ଦିଗ୍‌ଦର୍ଶନ ଦେଇଥିବା ବେଳେ ଛାତ୍ରୀଛାତ୍ରମାନେ ଏକ ପ୍ରଦର୍ଶନୀ ମାଧ୍ୟମରେ ବର୍ଜ୍ୟବସ୍ତୁ ପରିଚାଳନାକୁ ନେଇ ବାର୍ତ୍ତା ଦେଇଥିଲେ। ପରେ ଛାତ୍ରୀଛାତ୍ର ମାନେ ବର୍ଜ୍ୟବସ୍ତୁର ସୁପରିଚାଳନା ସହ ବିଦ୍ୟାଳୟ ତଥା ନିଜେ ବସବାସ କରୁଥିବା ଅଞ୍ଚଳର ପରିବେଶକୁ ସ୍ୱଚ୍ଛ ରଖିବା ପାଇଁ ଶପଥ ପାଠ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ କରିସ୍ମା କେରକେଟା, ସୁମିତ୍ରା ବାର୍ଲା, ମନଭାଙ୍ଗି ନାଏକ, ରୋସନି ମିଞ୍ଜ ପ୍ରମୁଖ ସହଯୋଗ କରିଥିଲେ।

# ବଡ଼ଭାଇଙ୍କ ମାଡ଼ରେ ସାନ ମୃତ

**ବରପାଲି, ୨୪।୨(ଚିତ୍ତରଞ୍ଜନ ସାହୁ):** ବରଗଡ଼ ଜିଲା ବରପାଲି ଥାନା କେବାର୍ତ୍ତ ଗ୍ରାମରେ ମଙ୍ଗଳବାର ଘଟିଛି ଏକ ଜଘନ୍ୟ ହତ୍ୟାକାଣ୍ଡ। ବଡ଼ ଭାଇଙ୍କ ମାଡ଼ରେ ସାନ ଭାଇଙ୍କ ମୃତ୍ୟୁ ହୋଇଛି। ପ୍ରାପ୍ତ ସୂଚନା ଅନୁଯାୟୀ କେବାର୍ତ୍ତ ଗ୍ରାମର ତୀର୍ଥ ବିଶି (୨୬) ପ୍ରତ୍ୟହ ପରିବାର ଲୋକଙ୍କ ସହ ଝଗଡା କରୁଥିଲେ । କିଛିଦିନ ପୂର୍ବରୁ ସେ ତାଙ୍କ ମାଆ ବାପାଙ୍କ ସହ ମଧ ଝଗଡା କରିଥିଲେ। ସୋମବାର ପୁଣି ତାଙ୍କ ସ୍ତ୍ରୀ ଓ ପରିବାର ଲୋକଙ୍କ ସହ ଭୀଷଣ ଝଗଡା କରିଥିଲେ। ମଙ୍ଗଳବାର ସକାଳୁ ତାଙ୍କ ସ୍ତ୍ରୀ ବରପାଲି ଥାନାକୁ ଅଭିଯୋଗ କରିବାକୁ ଯାଇଥିଲେ। ସେହି ସମୟରେ ଉଭୟ ଭାଇଙ୍କ ମଧ୍ୟରେ ଝଗଡା ଆରମ୍ଭ ହୋଇଥିଲା ।ଝଗଡା ସମୟେ ତାଙ୍କ ଭାଇ ଅନିଲ ଏକ ଲୁହା ପାନାରେ ତାଙ୍କ ମୁଣ୍ଡକୁ ପିଟିଥିଲେ ।ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ପରେ ଅନିଲ ବରପାଲି ଥାନାକୁ ଯାଇ ଆତ୍ମସମର୍ପଣ କରିଥିଲେ। ବରପାଲି ଥାନାଧିକାରୀ ପ୍ରମୋଦ ସାହୁ ପୋଲିସ ବାହିନୀ ସହ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବରଗଡ଼ ପଠାଇଥିଲେ।

# ଉପହାର ଦେବାକୁ କହି ଠକି ନେଲେ ୩୨ ହଜାର

ବଡ଼ଗାଁ,୨୪।୨(ଅଶୋକ ଷଡଙ୍ଗୀ)

ଆଜ୍ଞା ଗତ ଏକ ବର୍ଷ ମଧ୍ୟରେ ଆପଣ ଫୋନ ପେ'ରେ ୫ ଲକ୍ଷରୁ ଊର୍ଦ୍ଧ୍ୱ କାରବାର କରିଛନ୍ତି। ଆପଣ ଫୋନ ପେ'ର ଜଣେ ଭଲ ଗ୍ରାହକ, ତେଣୁ ଆପଣଙ୍କୁ ୫ ହଜାର ଟଙ୍କା ଉପହାର ମିଳିବ। ଆପଣଙ୍କ ଫୋନ ପେ'ରେ ୫ ହଜାର ଟଙ୍କା ପଠାଇ ଦେଉଛୁ। ଏମିତି ଏକ କଲ ମଙ୍ଗଳବାର ସକାଳେ ବଡ଼ଗାଁ ଥାନା ଅନ୍ତର୍ଗତ ଫୁଲବାରି ଗ୍ରାମପଞ୍ଚାୟତର ବୁଦନା ଗ୍ରାମର ମଧୁସୂଦନ ଧୂଆଙ୍କ ପାଖକୁ ଆସିଥିଲା। ଲୋଭର ବଶବର୍ତ୍ତୀ ହୋଇ ମଧୁସୂଦନ ଆସିଥିବା ଲିଙ୍କ୍‌କୁ କ୍ଲିକ୍ କରିଥିଲେ। ପରେ ଉକ୍ତ ବ୍ୟକ୍ତି ତାଙ୍କୁ ପାସୱାର୍ଡ ମାଗିଥିଲେ। ପାସୱାର୍ଡ ଦେବା ମାତ୍ରେ ପ୍ରଥମେ ତାଙ୍କ ଆକାଉଣ୍ଟରୁ ୫ ହଜାର କଟିଗଲା। କିଛି ସମୟ ମଧ୍ୟରେ ପର୍ଯ୍ୟାୟକ୍ରମେ ୩୨ ହଜାର ୪ ଶହ ଟଙ୍କା କଟିଯାଇଥିଲା। ମଧୁସୂଦନ ସାଇବର ଠକେଇର ଶିକାର ହୋଇଥିବା ଜାଣିପାରିଥିଲେ। ଏହି ସମୟରେ ଷ୍ଟେଟବ୍ୟାଙ୍କ ସାଇବର ବିଭାଗର ଫୋନ କଲ ତାଙ୍କୁ ଆସିଥିଲା। ଏହି କଲରେ ଆପଣ ଇଚ୍ଛାକୃତ ଭାବେ କି ଅନିଚ୍ଛାକୃତ ଭାବେ ଆପଣଙ୍କ ବ୍ୟାଙ୍କ ଖାତାରୁ ନେଣଦେଣ ହେଉଛି ବୋଲି ପଚରାଯାଇଥିଲା। ମଧୁସୂଦନ ସାଇବର ଠକେଇର ଶିକାର ହୋଇଥିବା କହିଥିଲେ। ଏହାପରେ ବ୍ୟାଙ୍କ ପକ୍ଷରୁ ତାଙ୍କ ଖାତାକୁ ବନ୍ଦ କରିଦିଆଯାଇଥିଲା। ଏକ ବଡ଼ ଧରଣର ଠକେଇରୁ ମଧୁସୂଦନ ବର୍ତ୍ତି ଯାଇଛନ୍ତି। ମଧୁସୂଦନ ଏହି ବିଷୟରେ ସୁନ୍ଦରଗଡ଼ ସାଇବର ସେଲ୍‌ରେ ଅଭିଯୋଗ କରିବାକୁ ଯାଇଥିବା ସୂଚନା ମିଳିଛି।

# ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ସଫଳତା



ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଲହୁଣୀପଡା,୨୪।୨(ଦାଶରଥି ପଣ୍ଡା)

ଜେଇ ମେନ ଫେଜ -୧, ୨୦୨୬ ପରୀକ୍ଷାରେ ସୁନ୍ଦରଗଡ ଜିଲା ଲହୁଣୀପଡା ବ୍ଲକ ଅନ୍ତର୍ଗତ ରାଜାମୁଣ୍ଡା ପଞ୍ଚାୟତ ଶରଧାପୁରସ୍ଥିତ ଲହୁଣୀପଡା ଏକଲବ୍ୟ ଅଦର୍ଶ ଆବାସିକ ବିଦ୍ୟାଳୟର ୫ ଜଣ ଛାତ୍ରୀଛାତ୍ର ସଫଳତା ଲାଭ କରିଛନ୍ତି। ସୂଚନା ଅନୁସାରେ, ଓଡ଼ିଶାର ୪୭ଟି ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଜେଇ ମେନ ପରୀକ୍ଷା ଦେଇଥିବା ବେଳେ ସେମାନଙ୍କ ମଧ୍ୟରୁ ୧୧ ଜଣ ଛାତ୍ରୀଛାତ୍ର ସଫଳତା ହାସଲ କରିଛନ୍ତି। ସେଥିମଧ୍ୟରୁ ଲହୁଣୀପଡା ଆଦର୍ଶ ଆବାସିକ ବିଦ୍ୟାଳୟର ୮ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ୫ ଜଣ ସଫଳତା ହାସଲ କରିଛନ୍ତି। ସେମାନେ ହେଲେ ଏସ୍ତିଫାନ ହେମ୍ବ୍ରମ, ପୂଜାରାଣୀ କିସାନ, ଦୀପା କିସାନ, ରବିନ ଓରାମ, ସାଲଖୁ ହେମ୍ବ୍ରମ। ଏହି ଅବସରରେ ବିଦ୍ୟାଳୟ ପରିସରରେ ମଙ୍ଗଳବାର ଅଧ୍ୟକ୍ଷ ଶୀତଲ ପ୍ରସାଦ ଓ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ୫ ଜଣ ଛାତ୍ରୀଛାତ୍ରଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବା ସହିତ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।

# ବିଦଗ୍ଧ କବିଙ୍କ ରଚନା ଗ୍ରାମୀଣ ଶବ୍ଦରେ ପରିପୁଷ୍ଟ


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

ରାଉରକେଲା,୨୪।୨(ବିପ୍ଳବ ରଞ୍ଜନ ଦାଶ)

**ଅଭିମନ୍ୟୁ ସାମନ୍ତସିଂହାର ଜୟନ୍ତୀ ପାଳିତ**

ବିରଜା କ୍ଷେତ୍ର ସଂଘ ରାଉରକେଲା ପକ୍ଷରୁ ବିଦଗ୍ଧକବିଅଭିମନ୍ୟୁସାମନ୍ତସିଂହାରଙ୍କଜୟନ୍ତୀ ସେକ୍ଟର-୭ସ୍ଥିତ ସିଅର କାର୍ଯ୍ୟାଳୟରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଇଂ. ଅଭୟ କୁମାର ଦାସ ଏଥିରେ ସଭାପତିତ୍ୱ କରିଥିଲେ। ସାଧାରଣ ସମ୍ପାଦକ ପ୍ରଫୁଲ୍ଲ କୁମାର ସାମଲଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଷୟ ବିଶେଷଜ୍ଞ ତଥା ମୁଖ୍ୟବକ୍ତା ଭାବେ ପ୍ରାଧ୍ୟାପକ ଡ. ଅଶ୍ୱିନୀ କୁମାର ରାୟ ଯୋଗଦେଇ ବିଦଗ୍ଧ କବି ଅଭିମନ୍ୟୁ ଓ ସୃଜନ ସ୍ୱାକ୍ଷର ସମ୍ପର୍କରେ ଆଲୋଚନା କରିଥିଲେ। ଡ. ରାୟ ଏହି ଅବସରରେ କହିଥିଲେ ଯେ, ଓଡ଼ିଆ ରୀତିଯୁଗୀୟ ସାହିତ୍ୟର ଶ୍ରେଷ୍ଠ କବି ଅଭିମନ୍ୟୁ ଥିଲେ ପରମ ବୈଷ୍ଣବ। ତାଙ୍କ ବୈଷ୍ଣବୀୟ କାର୍ଯ୍ୟକଳାପ ତାଙ୍କ ଦୁର୍ଲ୍ଲଭ କାବ୍ୟକଳା ଓ ରସ ଚେତନାରେ ପ୍ରତିଭାତ ହୋଇଛି। କବିଙ୍କ ବିଦଗ୍ଧ ଚିନ୍ତାମଣି ଏକ ସରସ, ସୁନ୍ଦର, ସୁମନୋହର କାବ୍ୟ। ସେ ଥିଲେ ରୀତିଯୁଗର ମାର୍ତ୍ତଣ୍ଡ କବି। ଦେଶଜ ଓ ଗ୍ରାମୀଣ ଶବ୍ଦରେ ତାଙ୍କ ରଚନା ସମଗ୍ର ଓଡ଼ିଆ ସାରସ୍ୱତ ଭଣ୍ଡାରର ଅମୂଲ୍ୟ ରତ୍ନହାର ବୋଲି ରାୟ କହିଥିଲେ। ଉର୍ବଶୀ ଦାଶ ପତି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କାର୍ଯ୍ୟକାରୀ ସଭାପତି ସଂଗ୍ରାମ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଆଇନଜୀବୀ ନିହାର ରଞ୍ଜନ ସିଂ, ଅନିଲ ମଲ୍ଲିକ, ଅନିରୁଦ୍ଧ ସାମଲ, ବିରେନ ସେନାପତି, ହରିହର ବେହେରାଙ୍କ ସମେତ ବହୁ ବ୍ୟକ୍ତି ଉପସ୍ଥିତ ଥିଲେ।

# ରାହୁଲ ଗାନ୍ଧୀଙ୍କ ପ୍ରତି ଅଶାଳୀନ ମନ୍ତବ୍ୟକୁ ବିରୋଧ

**ଜିଲା କଂଗ୍ରେସ ପକ୍ଷରୁ ଥାନାରେ ଏତଲା**

ସୁନ୍ଦରଗଡ,୨୪।୨(ଜୟ ନାରାୟଣ ମେଣ୍ଡୁଲି)



ସୁନ୍ଦରଗଡ ଟାଉନଥାନାରେ ଜିଲା କଂଗ୍ରେସ ପକ୍ଷରୁ ଏତଲା ଦିଆଯିବା ସମୟରେ ଉପସ୍ଥିତ କର୍ମକର୍ତ୍ତା।

କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ପ୍ରତି କେନ୍ଦ୍ରର ଶାସକ ଭାଜପା ଦଳ ପକ୍ଷରୁ ଆଶାଳୀନ ମନ୍ତବ୍ୟ ବିରୋଧରେ ସୁନ୍ଦରଗଡ ଜିଲା କଂଗ୍ରେସ ପକ୍ଷରୁ ମଙ୍ଗଳବାର ସ୍ଥାନୀୟ ଟାଉନ ଥାନାରେ ଏତଲା ଦିଆଯାଇଛି। ଓଡିଶା ପ୍ରଦେଶ କମିଟି ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶକ୍ରମେ ସୁନ୍ଦରଗଡ ଜିଲା କଂଗ୍ରେସ ସଭାପତି ନିର୍ମଳ ଚନ୍ଦ୍ର ନାଏକଙ୍କ ନେତୃତ୍ୱରେ କଂଗ୍ରେସର ଏକ ପ୍ରତିନିଧି ମଣ୍ଡଳୀ ଭାରପ୍ରାପ୍ତ ଅତିରିକ୍ତ ଟାଉନଥାନା ଆଇଆଇସି ବିଜୟ ଲକ୍ଷ୍ମୀ ରାଉତରାୟଙ୍କୁ ଏହି ଏତଲା ପ୍ରଦାନ କରିଛନ୍ତି। ଦଳ ପକ୍ଷରୁ କୁହାଯାଇଛି ଯେ, ଲୋକସଭାରେ ବିରୋଧୀ ଦଳ ନେତା ତଥା କଂଗ୍ରେସ ଦଳର ନେତା ରାହୁଲ ଗାନ୍ଧୀ ଦେଶର ଗୌରବ ବୃଦ୍ଧି ପାଇଁ ସଦା ସର୍ବଦା ଚେଷ୍ଟିତ ଥିବା ବେଳେ ଭାଜପା ପକ୍ଷରୁ ବାରମ୍ବାର ତାଙ୍କ ପ୍ରତି ଅପଶବ୍ଦ ପ୍ରୟୋଗ କରାଯାଉଛି। ଖୋଦ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜଜୁ ରାହୁଲ ଗାନ୍ଧୀଙ୍କୁ ଦେଶର ସୁରକ୍ଷା ପ୍ରତି ବିପଦ ବୋଲି ଆଖ୍ୟା ଦେବା ଅତ୍ୟନ୍ତ ନିନ୍ଦନୀୟ। ତେଣୁ ଭାଜପାର ସମ୍ପୃକ୍ତ ନେତୃବୃନ୍ଦଙ୍କ ନାମରେ ଏତଲା ଦାୟର କରାଯିବା ପାଇଁ ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି। ସ୍ଥାନୀୟ ଟାଉନ ଥାନାରେ ଜିଲା ସଭାପତି ନିର୍ମଳ କୁମାର ନାଏକ ବହୁ ସଂଖ୍ୟାରେ ଦଳୀୟ କର୍ମକର୍ତ୍ତାଙ୍କ ଗ୍ରହଣରେ ଆସି ଏହି ଏତଲା ପ୍ରଦାନ କରିଥିଲେ। ନାଏକ କହିଛନ୍ତି, ରାହୁଲ ଗାନ୍ଧୀଙ୍କ ପ୍ରତି ବାରମ୍ବାର ଅପଶବ୍ଦ ପ୍ରୟୋଗ କରାଯିବା ସହିତ ଭାରତୀୟ ସଂସଦୀୟ ଶାସନ ବ୍ୟବସ୍ଥାର ସମସ୍ତ ବିଧି ବ୍ୟବସ୍ଥା ଓ ଶାଳୀନତାର ଉଲ୍ଲଂଘନ ଅତ୍ୟନ୍ତ ନିନ୍ଦନୀୟ। ଖୋଦ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ରାହୁଲ ଗାନ୍ଧୀଙ୍କ ପ୍ରତି ଅଶାଳୀନ ମନ୍ତବ୍ୟ ଦେବା ଅତ୍ୟନ୍ତ ନିନ୍ଦନୀୟ। ଅପଶବ୍ଦ ପ୍ରୟୋଗ ପାଇଁ ମନ୍ତ୍ରୀ ରିଜିଜୁ ଓ ଏମପି ନିଶିକାନ୍ତ ଦୁବେଙ୍କ ବିରୋଧରେ ମଧ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଦାବି କରି ଏତଲା ଦାୟର କରାଯାଇଥିବା ଜିଲା ସଭାପତି ନାଏକ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଜିଲା ସଭାପତି ବେଣୁମାଧବ ତ୍ରିପାଠୀ, ଜିଲା ଉପସଭାପତି ଅଜିତ ପ୍ରସାଦ, କାଳୀପଦ ସାମଲ, ପର୍ଶୁରାମ ସରାଫ, ପ୍ରଦୀପ ସିଂ, ସାଧାରଣ ସମ୍ପାଦକ ରାଜେନ୍ଦ୍ର ପଟେଲ, ଦେବାଶିଷ ଦାସ, ନେପାଳ ସାହୁ, ଜିଲା ସେବାଦଳ ଅଧ୍ୟକ୍ଷ ଭୀଷ୍ମ ଦେବ ସିଂ, ନଗର କଂଗ୍ରେସ ସଭାପତି ସତ୍ୟ ନାରାୟଣ ସାହୁ, ଯୁବ କଂଗ୍ରେସ ସଭାପତି (ସଦର ନିର୍ବାଚନ ମଣ୍ଡଳୀ) ବିଶ୍ୱଜିତ ପଟ୍ଟନାୟକ, ସବଡେଗା ବ୍ଲକ ସଭାପତି ଶୁଭେନ୍ଦୁ ନାଏକ, କୋଇଡା ବ୍ଲକ ସଭାପତି ସନାତନ ଘଣ, ବିଜୟ କୁମାର ମହନ୍ତ, ଜିଲା ସମ୍ପାଦକ କମଲେଶ ବେନିୱାଲ, ରଞ୍ଜନ ସୋରେଙ୍ଗ, ଯଶୋବନ୍ତ ଡୁଙ୍ଗ ଡୁଙ୍ଗ, ଅନିଲ କୁମାର ସିଂ, ତନବୀର ଆଲମ ପ୍ରମୁଖ ଯୋଗ ଦେଇଥିଲେ ।

# ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ ଯୋଜନା ବୈଠକ

ରାଉରକେଲା,୨୪।୨(ବିପ୍ଳବ ରଞ୍ଜନ ଦାଶ)

ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ ପରିପ୍ରେକ୍ଷୀରେ ଜିଲା ଯୋଜନା ବୈଠକ ରାଉରକେଲାର ସେକ୍ଟର-୨ସ୍ଥିତ ଏକ ମଣ୍ଡପରେ ଜିଲା ସଭାନେତ୍ରୀ ପୂର୍ଣ୍ଣିମା କେରକେଟାଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ରାଜ୍ୟ ସାଧାରଣ ସମ୍ପାଦକ ସିମାଞ୍ଚଳ ଖଟେଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲା ଓ ମଣ୍ଡଳ ପ୍ରଶିକ୍ଷଣ ବର୍ଗ ଉପରେ ଆଲୋଚନା କରିଥିଲେ। ଜିଲା ପ୍ରଭାରୀ ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବଟକିଶୋର ମିଶ୍ର କାର୍ଯ୍ୟକର୍ତ୍ତା ଓ କର୍ମୀ ସଙ୍ଗଠିତ ହୋଇ କାର୍ଯ୍ୟ କରିବା ଆଲୋକପାତ କରିଥିଲେ। ରାଜ୍ୟ ମୁଖପାତ୍ର ଧିରେନ ସେନାପତି ରାଜ୍ୟ ବଜେଟ ଓ ଏସ୍‌ଆଇଆର୍ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ପୂର୍ବତନ ବୀରମିତ୍ରପୁର ବିଧାୟକ ଶଙ୍କର ଓରାମ, ଜିଲା ଟୋଲି ସଂଯୋଜକ ଜଗବନ୍ଧୁ ବେହେରା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରମିଳା ଦାସ, ପ୍ରାକ୍ତନ ଜିଲା ସଭାନେତ୍ରୀ ଲତିକା ପଟ୍ଟନାୟକ, ରାଜ୍ୟ ଅଳ୍ପସଂଖ୍ୟକ ସଭାପତି ଗୁରିନ୍ଦର ସିଂ, ପୂର୍ବତନ ବିଧାୟକ ପ୍ରଭାତ ମହାପାତ୍ର, ଜିଲା ଟୋଲି ସହ ସଂଯୋଜକ ନମ୍ରତା ବାଗ, ଜିଲା ସୋସିଆଲ ମିଡ଼ିଆ ଟୋଲି ସଂଯୋଜକ ନବୀନ ଗୁପ୍ତା ଉପସ୍ଥିତ ଥିଲେ। ଜିଲା ଟୋଲି ସହ ସଂଯୋଜକ ନିରଞ୍ଜନ ମହାନ୍ତ ମଞ୍ଚ ପରିଚାଳନା ଏବଂ ସାଧାରଣ ସମ୍ପାଦକ ଅଭିରାମ ମହାକୁଡ ଧନ୍ୟବାଦ ଅର୍ପଣ କରିଥିଲେ।

# ଟ୍ରେନ୍ ଧକ୍କାରେ ବୃଦ୍ଧା ମୃତ

ବଘିଆପଡା,୨୪।୨(ଶ୍ରୀକାନ୍ତ ସାହୁ)

ବୌଦ୍ଧ ଥାନା ବଘିଆପଡା ଫାଣ୍ଡି ଅଧୀନ ଖୁଣ୍ଟିଆପଡା ଗ୍ରାମ ନିକଟରେ ମଙ୍ଗଳବାର ଟ୍ରେନ୍ ଧକ୍କାରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ହୋଇଛି। ମୃତା ବୃଦ୍ଧା ହେଲେ ଖୁଣ୍ଟିଆପଡା ଗ୍ରାମର କସ୍ତୁରୀ ଘିବେଲା(୬୦)। ସେ ଗାଆଁ ମୁଣ୍ଡ ଦେଇ ଯାଇଥିବା ରେଲଲାଇନ ପାର ହେଉଥିବା ବେଳେ ସୋନପୁର ପଟୁ ଆସୁଥିବା ଏକ ଟ୍ରେନ୍ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଛି। ରେଲୱେ ପୋଲିସ ସେଠାରେ ପହଞ୍ଚି ମୃତଦେହ ଜବତ କରି ତଦନ୍ତ କରିଛି।

# କବୟିତ୍ରୀ ମୋନାଲିସାଙ୍କ ପ୍ରଥମ ହିନ୍ଦୀ କବିତା ସଂକଳନ ଉନ୍ମୋଚିତ

ସୁନ୍ଦରଗଡ,୨୪।୨(ଜୟ ନାରାୟଣ ମେଣ୍ଡୁଲି)


ଅତିଥିମାନେ ହିନ୍ଦୀ କବିତା ସଂକଳନ ଅସୀମ ଏହେସାସୋ କେ ଘେରେକୁ ଉନ୍ମୋଚନ କରୁଛନ୍ତି।

କବୟିତ୍ରୀ ମୋନାଲିସାଙ୍କ ପ୍ରଥମ ହିନ୍ଦୀ କବିତା ସଂକଳନ " ଅସୀମ ଏହେସାସୋ କେ ଘେରେ " ମଙ୍ଗଳବାର ସନ୍ଧ୍ୟାରେ ଉନ୍ମୋଚିତ ହୋଇଯାଇଛି। ସ୍ଥାନୀୟ ଜେଡିଆର ସଭା କକ୍ଷରେ ଆୟୋଜିତ ଏହି ସମାରୋହରେ ସୁନ୍ଦରଗଡ ପୌରାଧ୍ୟକ୍ଷା ତନୟା ମିଶ୍ର, ଜିଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସୁରଞ୍ଜନ ସାହୁ, ସୁନ୍ଦରଗଡ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ସହକାରୀ ପ୍ରଫେସର ଡ. ନୂତନ ଖମାରୀ ଅତିଥିଭାବେ ଯୋଗଦେଇ ଏହି କବିତା ସଂକଳନକୁ ଆନୁଷ୍ଠାନିକଭାବେ ଉନ୍ମୋଚନ କରିଥିଲେ। ପଡୋଶୀ ଛତିଶଗଡ଼ ରାଜ୍ୟରୁ ଆଗତ ପ୍ରଖ୍ୟାତ ହିନ୍ଦୀ କବି ସୁନ୍ଦରଲାଲ ଡନସେନା ଓ କ୍ଷୀରସିନ୍ଧୁ ସାହୁ ପୁସ୍ତକରେ ଥିବା କବିତା ଗୁଡିକୁ ସମୀକ୍ଷା କରିଥିଲେ। କବୟିତ୍ରୀଙ୍କ କବିତା ସମ୍ପର୍କରେ କବି ସମରେନ୍ଦ୍ର ଠାକୁର, ବିବିଧ ବିଶ୍ୱ, ସୁଷମା ପଟେଲ ଆଲୋଚନା କରି ତାଙ୍କର ସାରସ୍ୱତ ଯାତ୍ରା ଆହୁରି ବ୍ୟାପକ ହେଉ ବୋଲି କାମନା କରିଥିଲେ। ଶେଷରେ କବୟିତ୍ରୀ ସୁଷମା ପଟେଲଙ୍କ ସଂଯୋଜନାରେ ଏକ କବିତା ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରଣତୀ ବେହେରା, ପ୍ରତାପ ପଟ୍ଟନାୟକ, ନିତମ୍ବିନୀ କର, ଉଦିତ କୁମାର ନାଏକ, ଜୀବେଶ୍ୱରୀ ପଟେଲ, ସୁରଭି ପଟେଲ, ସଚିନ ବିଶ୍ୱକର୍ମା, ପୁଷ୍ପଲତା ପାଣିଗ୍ରାହୀ, ସମରେନ୍ଦ୍ର ଠାକୁର ପ୍ରମୁଖ କବିତା ପାଠ କରିଥିଲେ। ସୁସ୍ମିତା ପୁରୋହିତ ଧନ୍ୟବାଦ ପ୍ରଦାନ କରିଥିଲେ। ଏହି ସଭାରେ ଅବରପ୍ରାପ୍ତ କଲେଜ ଅଧ୍ୟକ୍ଷା ମିନତୀ ମିଶ୍ର, ଗଣେଶ ତ୍ରିପାଠୀ, ମନୋରଞ୍ଜନ ଦାସ, ସୁସ୍ମିତା ଭୋଇ, ସଞ୍ଜୟ ପଟ୍ଟନାୟକଙ୍କ ସମେତ ବହୁ ପ୍ରତିଷ୍ଠିତ ସାହିତ୍ୟ କବି , କବୟତ୍ରୀ ଓ ମାନ୍ୟଗଣ୍ୟ ବ୍ୟକ୍ତି, ସାହିତ୍ୟ ପ୍ରେମୀ ଯୋଗ ଦେଇଥିଲେ।

# ଚୋରା ବାଲି ଗଦା ଜବତ

କୁଆଁରମୁଣ୍ଡା,୨୪।୨ (ମହେନ୍ଦ୍ର କୁମାର ସାହୁ)



ଶଙ୍ଖ ନଦୀରୁ ବିପୁଳ ପରିମାଣର ବାଲି ଚୋରି କରି ଅସାଧୁ ବ୍ୟକ୍ତିମାନେ ବୀରମିତ୍ରପୁର ତହସିଲ ଓ ରାଏବୋଗା ଥାନା ଅନ୍ତର୍ଗତ ସଲଙ୍ଗାବାହାଲ ଗ୍ରାମର ପ୍ଲଟ ନମ୍ବର ୫୧୨ ଓ ୫୬୫ ଏବଂ ଶାହାଜବାହାଲ ଗ୍ରାମର ପ୍ଲଟ ନମ୍ବର ୧୦୩୬, ଦଲକି ଗ୍ରାମର ପ୍ଲଟ ନମ୍ବର ୧୦୫୫ରେ ଗଦା କରି ରଖିଥିଲେ। ମଙ୍ଗଳବାର ପୂର୍ବାହ୍ନରେ ପ୍ରଶାସନ ପକ୍ଷରୁ ମିଳିତ ଚଢାଉ କରାଯାଇ ୪ ଲକ୍ଷ ଘନ ମିଟର ଚୋରା ବାଲି ଗଦା ଜବତ କରାଯାଇଛି। ଏହି ଚଢ଼ାଉ ସୁନ୍ଦରଗଡ ଏସ୍‌ପି ଅମ୍ରିତ ପାଲ କୌରଙ୍କ ନିର୍ଦ୍ଦେଶକ୍ରମେ ହୋଇଥିଲା ବେଳେ ଏଥିରେ ରାଉରକେଲା ଖଣି ବିଭାଗ, ବୀରମିତ୍ରପୁର ତହସିଲଦାରଙ୍କ ସହ ବୀରମିତ୍ରପୁର ଏସ୍‌ଡିପିଓ ସୁଶାନ୍ତ କୁମାର ଦାସ ଓ ପୋଲିସ ଟିମ୍ ଉପସ୍ଥିତ ରହି ଉକ୍ତ ବାଲିଗଦାଗୁଡ଼ିକୁ ଜବତ କରିଛନ୍ତି। ଖୁବ୍‌ଶୀଘ୍ର ଉକ୍ତ ଚୋରା ବାଲି ନିଲାମ କରାଯିବ ବୋଲି ସୂଚନା ମିଳିଛି।

## ଆୟୁଷ୍ମାନ୍ ଆରୋଗ୍ୟ ମନ୍ଦିରରୁ ଚୋରି

ଝାରସୁଗୁଡ଼ା,(ଆଶିଷ ରଞ୍ଜନ ଦାଶ): ଝାରସୁଗୁଡ଼ା ସଦର ଥାନା ଅଧୀନ ସାରସମାଲସ୍ଥିତ ସହରାଞ୍ଚଳ ଆୟୁଷ୍ମାନ୍ ଆରୋଗ୍ୟ ମନ୍ଦିରରୁ ସୋମବାର ବିଳମ୍ବିତ ରାତିରେ ଚୋରି ହୋଇଥିବା ଅଭିଯୋଗ ହୋଇଛି। ମଙ୍ଗଳବାର ସକାଳେ ହସ୍ପିଟାଲ କର୍ମଚାରୀମାନେ କାର୍ଯ୍ୟକୁ ଆସିବାବେଳେ ମନ୍ଦିର ମୁଖ୍ୟ ଦ୍ୱାରର ତାଲା ଭଙ୍ଗାଯାଇଥିବା ଦେଖିଥିଲେ। ମନ୍ଦିର ଭିତରେ ଥିବା ୨ଟି ଇନ୍ଭର୍ଟର ବ୍ୟାଟେରି, ସିସିଟିଭି ରେକର୍ଡର, ଏଲଇଡି ଟିଭି, ହସ୍ପିଟାଲ ଆସବାବପତ୍ର ଓ ଗୁରୁତ୍ୱପୂର୍ଣ୍ଣ ଚିକିତ୍ସା ଉପକରଣ ଚୋରି ହୋଇଥିବା ନେଇ ହସ୍ପିଟାଲର ଫାର୍ମାସିଷ୍ଟ ଶୁଭମ୍ ନାୟକ ଥାନାରେ ଏତଲା ଦେଇଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିବା ଆଇଆଇସି ତୁଷାର ମହାନ୍ତି କହିଛନ୍ତି।

# ଏମ୍‌ପି ବଦଳୁଛନ୍ତି, କାମ ଆଗଉନି

ଝାରସୁଗୁଡା,୨୪।୨(ଆଶିଷ ରଞ୍ଜନ ଦାଶ)

୪୯ ନମ୍ବର ଜାତୀୟ ରାଜପଥରେ ଅଧିକାଂଶ ସମୟରେ ସଡ଼କ ଦୁର୍ଘଟଣା ଘଟୁଛି। ରବିବାର ଏହି ରାସ୍ତାର ଝାରସୁଗୁଡ଼ା ସଦର ଥାନାଠାରୁ ପ୍ରାୟ ୧୦୦ ମିଟର ଦୂର ଏଚ୍. କଣ୍ଡାପାଲିଠାରେ ଦ୍ରୁତଗାମୀ ଟ୍ରେଲର ଓ ବୋଲେରୋ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ବୋଲେରୋରେ ବସିଥିବା ୫ ଜଣ ପୋଲିସ କର୍ମଚାରୀଙ୍କ ମୃତ୍ୟୁ ଘଟିଥିବାବେଳେ ୩ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ଏହାକୁ ନେଇ ଝାରସୁଗୁଡ଼ା ଜିଲାବାସୀଙ୍କ ମନରେ ଭୟ ସୃଷ୍ଟି ହୋଇଛି। ଏହି ରାସ୍ତା ସଙ୍କୁଚିତ ହୋଇଯାଉଥିବାରୁ ଅଧିକାଂଶ ସମୟରେ ଦୁର୍ଘଟଣା ଘଟୁଛି। ଅତୀତରେ ରାସ୍ତା ସମସ୍ୟା ନେଇ ସ୍ଥାନୀୟ ଜନସାଧାରଣର ବିଭିନ୍ନ ଫୋରମରେ ଅଭିଯୋଗ କରିଥିବାବେଳେ ଏପର୍ଯ୍ୟନ୍ତ ଏହାର ସମାଧାନ ହୋଇପାରିନାହିଁ।

ଝାରସୁଗୁଡ଼ା ଜିଲାର ଜନସାଧାରଣ ଗତ ୧୭ ବର୍ଷ ମଧ୍ୟରେ ୧୨ ବର୍ଷ କେନ୍ଦ୍ର ସରକାରରେ ଥିବା ଏମ୍‌ପି ପ୍ରାର୍ଥୀଙ୍କୁ ଲୋକ ସଭାକୁ ପଠାଇଛନ୍ତି। ହେଲେ ଜିଲାବାସୀଙ୍କର ମୁଖ୍ୟ ଦାବି ରହିଥିବା ଏନ୍‌ଏଚ୍-୪୯ର ସମ୍ପ୍ରସାରଣ କାର୍ଯ୍ୟ ଏପର୍ଯ୍ୟନ୍ତ ହୋଇପାରିନାହିଁ। ଏଥିଯୋଗୁ ସଡ଼କ ଦୁର୍ଘଟଣାରେ ଅନେକ ଲୋକଙ୍କ ଜୀବନ ଯାଉଛି। ଗତ ରବିବାର ଘଟିଥିବା ବଡ଼ଧରଣର ଦୁର୍ଘଟଣା ପରେ ଉକ୍ତ ରାସ୍ତାର ସମ୍ପ୍ରସାରଣ ପାଇଁ ଦାବି ଜୋର୍ ଧରିଛି। ଏହା ଆସନ୍ତା ପଞ୍ଚାୟତ ଓ ସାଧାରଣ ନିର୍ବାଚନ ଉପରେ ନିଶ୍ଚିତ ପ୍ରଭାବ ପକାଇବ ବୋଲି ଜିଲାର ବୁଦ୍ଧିଜୀବୀ, ରାଜନୈତିକ ସମୀକ୍ଷକଙ୍କ ମହଲରେ ଚର୍ଚ୍ଚା ହେଉଛି। ୨୦୦୨ ମସିହାରେ କେନ୍ଦ୍ରରେ ଥିବା ଅଟଳ ବିହାରୀ ବାଜପେୟୀଙ୍କ ସରକାର ଏବଂ ତତ୍କାଳୀନ ଦେବଗଡ଼ ଏମ୍‌ପି ଦେବେନ୍ଦ୍ର ପ୍ରଧାନଙ୍କ ସମୟରେ ଏନ୍‌ଏଚ୍-୨୦୦ ଭାବରେ ବ୍ରଜରାଜନଗରରୁ ରାୟପୁର ପର୍ଯ୍ୟନ୍ତ ରାସ୍ତାର ଘୋଷଣା ହୋଇଥିଲା। ୨୦୦୭ରେ କେନ୍ଦ୍ରରେ ୟୁପିଏ ସରକାର ଓ ଧର୍ମେନ୍ଦ୍ର ପ୍ରଧାନ ଦେବଗଡ଼ ଏମ୍‌ପି ଥିବାବେଳେ ଏହି ରାସ୍ତାକୁ ଏନ୍‌ଏଚ୍-୪୯ ନାମରେ ନାମିତ କରି ବ୍ରଜରାଜନଗରରୁ କନକତୋରା ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କରାଯାଇଥିଲା। ୨୦୦୯ରେ ନିର୍ବାଚନମଣ୍ଡଳୀର ପୁନର୍ଗଠନ ପରେ ଝାରସୁଗୁଡ଼ା ଜିଲାର ଲୋକସଭା କ୍ଷେତ୍ର ବରଗଡ଼ ହେଲା। ୨୦୦୯ରେ ବରଗଡ଼ ଏମ୍‌ପି ଭାବରେ କଂଗ୍ରେସର ସଞ୍ଜୟ ଭୋଇ ନିର୍ବାଚିତ ହେଲେ ଏବଂ କେନ୍ଦ୍ରରେ ମଧ୍ୟ କଂଗ୍ରେସ ସମର୍ଥିତ ୟୁପିଏ ସରକାର କ୍ଷମତାକୁ ଆସିଲା। ପରିତାପର ବିଷୟ ସଞ୍ଜୟ ଏମ୍‌ପି ଭାବରେ ଦିଲ୍ଲୀରେ ନିଜ ସରକାର ଥାଇ ମଧ୍ୟ ଏହି ଏନ୍‌ଏଚ୍-୪୯ର ସମ୍ପ୍ରସାରଣ କାର୍ଯ୍ୟ ଆଗେଇ ପାରିଲା ନାହିଁ। ଏହାପରେ ୨୦୧୪ ନିର୍ବାଚନରେ ବିଜେଡି ପ୍ରାର୍ଥୀ ପ୍ରଭାସ ସିଂ ବରଗଡ଼ ଏମ୍‌ପି ହୋଇଥିଲେ। କିନ୍ତୁ ତାଙ୍କ ସମୟରେ ମଧ୍ୟ ଏହି ରାସ୍ତାର ବିକାଶ ହୋଇପାରିଲା ନାହିଁ। ୨୦୧୯ରେ ସୁରେଶ ପୂଜାରୀ ବରଗଡ଼ ଏମ୍‌ପି ଭାବେ ନିର୍ବାଚିତ ହେଲେ। ଏଥିସହ କେନ୍ଦ୍ରରେ ଭାଜପା ନେତୃତ୍ୱାଧୀନ ସରକାର ଗଠନ କଲା। ପୂଜାରୀ ତାଙ୍କର ଏମ୍‌ପି କାର୍ଯ୍ୟକାଳ ମଧ୍ୟରେ ଏନ୍‌ଏଚ୍-୪୯ର ଦୁଇ ପାର୍ଶ୍ୱରେ ୨ ଫୁଟ୍ ଚଉଡ଼ା ଏବଂ ଇବ୍‌ନଦୀରେ ଏକ ବ୍ରିଜ୍ ପାଇଁ ଶିଳାନ୍ୟାସ କାର୍ଯ୍ୟ କରିଥିଲେ। ଇତିମଧ୍ୟରେ ତାଙ୍କର କାର୍ଯ୍ୟକାଳ ସରିଗଲା। ୨୦୨୪ ନିର୍ବାଚନରେ ସେ ବ୍ରଜରାଜନଗର ବିଧାୟକ ଭାବରେ ନିର୍ବାଚିତ ହୋଇ ରାଜସ୍ୱ ମନ୍ତ୍ରୀ ଭାବରେ କାର୍ଯ୍ୟ କରୁଛନ୍ତି। ପୂଜାରୀଙ୍କର କେନ୍ଦ୍ରଠାରୁ ଆରମ୍ଭ କରି ରାଜ୍ୟସ୍ତରୀୟ ନେତାଙ୍କ ସହ ଉତ୍ତମ ସମ୍ପର୍କ ରହିଛି। ଏହାସତ୍ତ୍ୱେ ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ଯେତିକି ଆଗେଇବା କଥା ତାହା ହୋଇପାରି ନ ଥିବାରୁ ଜିଲା ଓ ବ୍ରଜରାଜନଗରବାସୀ ଏହାକୁ ସହଜରେ ଗ୍ରହଣ କରିପାରୁନାହାନ୍ତି। ୨୦୨୪ ସାଧାରଣ ନିର୍ବାଚନରେ ବରଗଡ଼ ଏମ୍‌ପି ଭାବେ ନିର୍ବାଚିତ ହୋଇଥିବା ପ୍ରଦୀପ ପୁରୋହିତ ମଧ୍ୟ କେନ୍ଦ୍ରରେ ଥିବା ନିଜ ଦଳର ମନ୍ତ୍ରୀଙ୍କୁ ଏନ୍‌ଏଚ୍-୪୯ର ସମ୍ପ୍ରସାରଣ ପାଇଁ କେବଳ ଚିଠି ଲେଖୁଛନ୍ତି। ୨୦୨୫ ଏପ୍ରିଲରେ କେନ୍ଦ୍ର ସଡ଼କ ଓ ପରିବହନ ମନ୍ତ୍ରୀ ନୀତିନ୍ ଗଡ଼କରୀ ଭୁବନେଶ୍ୱର ଆସି ଏନ୍‌ଏଚ୍-୪୯ ପାଇଁ ୨ହଜାର କୋଟି ଟଙ୍କାର ଘୋଷଣା କରିଥିଲେ। ଇତିମଧ୍ୟରେ କେନ୍ଦ୍ର ସରକାର ଏବଂ ଏନ୍‌ଏଚ୍ ବିଭାଗ ମଧ୍ୟରେ ଡିପିଆର୍ ଓ ପ୍ଲାନ୍ ଏଷ୍ଟିମେଟ ଦିଆନିଆରେ ୯ ମାସରୁ ଊର୍ଦ୍ଧ୍ୱ ସମୟ ବିତିସାରିଲାଣି। ହେଲେ କାମ ଆରମ୍ଭ ହୋଇନାହିଁ। ଯେପରି ସଞ୍ଜୟ ଓ ସୁରେଶ କେନ୍ଦ୍ରରେ ନିଜ ସରକାର ଥାଇ ଏନ୍‌ଏଚ୍-୪୯ ସମ୍ପ୍ରସାରଣ କାର୍ଯ୍ୟକୁ ଆଗେଇ ନେଇପାରିଲେ ନାହିଁ, ସେହିପରି ପ୍ରଦୀପ ପୁରୋହିତଙ୍କ ସମୟରେ ଏହି କାର୍ଯ୍ୟ କେତେ ଆଗେଇବ ସେ ନେଇ ଆଲୋଚନା ହେଉଛି।

୨୦୧୯ ମାର୍ଚ୍ଚ ୧ରେ ବେଲପାହାଡ଼ ଶନିମନ୍ଦିର ନିକଟରେ ସଡ଼କ ଦୁର୍ଘଟଣାରେ ୨ ଜଣ ପୋଲିସ କର୍ମଚାରୀଙ୍କ ମୃତ୍ୟୁ ଘଟିଥିବାବେଳେ ୧୭ ଜଣ ଆହତ ହୋଇଥିଲେ। ୨୦୨୩ ମସିହାରେ ବରଯାତ୍ରୀଙ୍କୁ ନେଇ ଯାଉଥିବା ବସ୍ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ୨ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନେକ ଆହତ ହୋଇଥିଲେ। ଏହି ଜାତୀୟ ରାଜପଥର ବିଭିନ୍ନ ସ୍ଥାନରେ ପ୍ରତିଦିନ ଦୁର୍ଘଟଣା ଘଟିବା ଜିଲାବାସୀଙ୍କ ପାଇଁ ସବୁଠାରୁ ବଡ଼ ସମସ୍ୟା ପାଲଟିଛି। ଏନ୍‌ଏଚ୍-୪୯ର ସମ୍ପ୍ରସାରଣ କାର୍ଯ୍ୟ ତୁରନ୍ତ ନ ହେଲେ ଆଗାମୀ ଦିନରେ ବଡ଼ଧରଣର ଦୁର୍ଘଟଣାକୁ ଏଡାଇ ଦିଆଯାଇ ନ ପାରେ। ଏହାସହିତ ଆଗାମୀ ପଞ୍ଚାୟତ ଓ ସାଧାରଣ ନିର୍ବାଚନରେ ସରକାର ଉପରେ ଏହାର ନକାରାତ୍ମକ ପ୍ରଭାବ ନିଶ୍ଚିତ ଭାବରେ ପଡ଼ିବ ବୋଲି ରାଜନୈତିକ ସମୀକ୍ଷକମାନେ ମତ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

**ଏନ୍‌ଏଚ୍-୪୯ ସମ୍ପ୍ରସାରଣ କାର୍ଯ୍ୟ**



“ମୁଁ ଏମ୍‌ପି ଥିବା ସମୟରେ କେନ୍ଦ୍ର ସରକାରଙ୍କୁ ଅନେକ ପ୍ରପୋଜାଲ୍ ଦିଆଯାଇଥିଲା। ହେଲେ କେତେକ କାର୍ଯ୍ୟରେ ବିଳମ୍ବ ଘଟିଥିଲା। ଏନ୍‌ଏଚ୍-୪୯ରୁ ୫୨ଟି ରାସ୍ତା ନିର୍ମାଣ କାର୍ଯ୍ୟ ମୋ' ସମୟରେ କରାଯାଇଥିଲା।

**ପ୍ରଭାସ ସିଂ, ପୂର୍ବତନ ଏମ୍‌ପି**



“ମୁଁ ଏମ୍‌ପି ଥିବା ସମୟରେ କେନ୍ଦ୍ରରେ କଂଗ୍ରେସ ସରକାର ଏବଂ ରାଜ୍ୟରେ ବିଜେଡି ସରକାର ଥିଲା। ତେଣୁ ମତଭେଦ ଯୋଗୁ ଏନ୍‌ଏଚ୍-୪୯ର ନିର୍ମାଣ କାର୍ଯ୍ୟ ଆଗକୁ ଯାଇ ପାରି ନ ଥିଲା।

**ସଞ୍ଜୟ ଭୋଇ, ପୂର୍ବତନ ଏମ୍‌ପି**



“ଏନ୍‌ଏଚ୍ -୪୯ର ସମ୍ପ୍ରସାରଣ କାର୍ଯ୍ୟ ନିହାତି ଆବଶ୍ୟକ। ଏଥିପାଇଁ କେନ୍ଦ୍ରମନ୍ତ୍ରୀ ଗଡ଼କରୀ ୨ ହଜାର କୋଟି ଟଙ୍କା ମଞ୍ଜୁର କରିସାରିଛନ୍ତି। ହେଲେ କିଛି ଡକ୍ୟୁମେଣ୍ଟ୍ସ ସମସ୍ୟା ପାଇଁ କାମ ଅଟକି ଯାଇଛି। ଏ ବାବଦରେ ଗଡ଼କରୀଙ୍କୁ ବ୍ୟକ୍ତିଗତ ଭାବେ ସାକ୍ଷାତ କରି ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ତୁରନ୍ତ କରିବା ପାଇଁ ଚେଷ୍ଟା କରିବି।

**ପ୍ରଦୀପ ପୁରୋହିତ, ଏମ୍‌ପି, ବରଗଡ଼**

## ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଘୋଷଣା: ମୁଖ୍ୟମନ୍ତ୍ରୀ, ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କୁ ଶୁଭେଚ୍ଛା



ରାଜ୍ୟ ଅତିଥି ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଶୁଭେଚ୍ଛା ଜଣାଉଛନ୍ତି ବିଧାୟକ ଟଙ୍କଧର ତ୍ରିପାଠୀ।

ଝାରସୁଗୁଡ଼ା,୨୪।୨(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲାରେ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଅର୍ଥମନ୍ତ୍ରୀ ତଥା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଚଳିତ ବଜେଟରେ ଘୋଷଣା କରିଛନ୍ତି। ଏଥିପାଇଁ ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ନେତୃତ୍ୱରେ ଝାରସୁଗୁଡ଼ା ଜିଲାର ବିଭିନ୍ନ ସଙ୍ଗଠନ କର୍ମକର୍ତ୍ତା ମୁଖ୍ୟମନ୍ତ୍ରୀଙ୍କୁ ରାଜ୍ୟ ଅତିଥି ଭବନରେ ଭେଟି ଶୁଭେଚ୍ଛା ଜଣାଇଛନ୍ତି। ଝାରସୁଗୁଡ଼ାରେ ଥିବା ଏଲ୍.ଏନ୍. କଲେଜକୁ ସରକାରୀ ମାନ୍ୟତା ଦେବା ପାଇଁ ବିଧାୟକ ତ୍ରିପାଠୀଙ୍କ ସହ ଜିଲାବାସୀ ଦାବି କରିଆସୁଥିଲେ। ମୁଖ୍ୟମନ୍ତ୍ରୀ ଚଳିତ ବଜେଟ ଅଧିବେଶନରେ ଝାରସୁଗୁଡ଼ାରେ ଏକ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଘୋଷଣା କରିଥିବାରୁ ଜିଲାବାସୀ ଖୁସିବ୍ୟକ୍ତ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଝାରସୁଗୁଡ଼ାକୁ ରାଜ୍ୟର ଏକ ସର୍ବଶ୍ରେଷ୍ଠ ଜିଲାରେ ପରିଣତ କରାଯିବ। ଆଗକୁ ଝାରସୁଗୁଡ଼ାର ଉନ୍ନତି ପାଇଁ ଆହୁରି ବହୁ ପଦକ୍ଷେପ ଗ୍ରହଣ କରାଯିବ। ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି, ଏହା ମୁଖ୍ୟମନ୍ତ୍ରୀଙ୍କ ଐତିହାସିକ ପଦକ୍ଷେପ। ମୁଖ୍ୟମନ୍ତ୍ରୀ ଝାରସୁଗୁଡ଼ାବାସୀଙ୍କ ପାଇଁ ଆଗାମୀ ଦିନରେ ଆହୁରି ଉନ୍ନୟନମୂଳକ କାର୍ଯ୍ୟ କରିବେ ବୋଲି କହିଛନ୍ତି। ସେହିପରି ଜିଲାବାସୀ ଉଚ୍ଚଶିକ୍ଷା ମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀଙ୍କୁ ମଧ୍ୟ ଶୁଭେଚ୍ଛା ଓ ଧନ୍ୟବାଦ ଜଣାଇଛନ୍ତି। ଏହି କାର୍ଯ୍ୟକ୍ରମରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ଝାରସୁଗୁଡ଼ା ବିଧାୟକ ତ୍ରିପାଠୀଙ୍କ ସମେତ ଟହଲୁ ସାହୁ, ବାଳଗୋବିନ୍ଦ ମିଶ୍ର, ନରେନ୍ଦ୍ର ପଣ୍ଡା, ପ୍ରେମସେନ ରାୟ, ସୁଧାଂଶୁ ଦୋରା ପ୍ରମୁଖ ଉପସ୍ଥିତ ଥିଲେ।

## ସାଇବର ଠକେଇ: ୨ ଅଭିଯୁକ୍ତ ଗିରଫ

ବ୍ରଜରାଜନଗର,୨୪।୨(ବିଜୟ ବରାଡ଼)

ସାଇବର ଠକେଇ ଘଟଣାରେ ଓରିଏଣ୍ଟ ପୋଲିସ ୨ ଜଣଙ୍କୁ ଗିରଫ କରିଛି। ମ୍ୟୁଲ୍ ଆକାଉଣ୍ଟ ମାଧ୍ୟମରେ ଠକେଇ କରିଥିବା ଗ୍ୟାଙ୍ଗ୍‌ର ଅନେକ ଅଭିଯୁକ୍ତଙ୍କୁ ପୂର୍ବରୁ ଗିରଫ କରାଯାଇଛି। ସେମାନଙ୍କ ମଧ୍ୟରୁ ଗିରଫ ଅଭିଯୁକ୍ତ ଅମିତ୍ ସିଂହଙ୍କ ସୂଚନା ଆଧାରରେ ମଙ୍ଗଳବାର ଆଉ ୨ ଜଣଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ଓରିଏଣ୍ଟ ଥାନା ଅଧୀନ ଗାୟତ୍ରୀ ନଗରର ଗଣପତ ରାୟ ଓ ଆଦର୍ଶ ନଗରର ରାଜ କୁମ୍ଭାର। ସେମାନଙ୍କ ନିକଟରୁ ଗୋଟିଏ ମୋବାଇଲ ଫୋନ୍, ୨ଟି ଆଧାର କାର୍ଡ, ଡିଜିଟାଲ ଡକ୍ୟୁମେଣ୍ଟ ଆଦି ଜବତ କରାଯାଇଛି। ଅଭିଯୁକ୍ତ ଅମିତ୍ ସିଂହଙ୍କ ନିର୍ଦ୍ଦେଶରେ ଉଭୟ ଏହି ସାଇବର ଠକେଇରେ ଜଡ଼ିତ ହୋଇଥିଲେ ବୋଲି ଓରିଏଣ୍ଟ ପୋଲିସ ସୂଚନା ଦେଇଛି।

## ବହୁମୁଖୀ ପ୍ରେକ୍ଷାଳୟ ପରିଦର୍ଶନ କଲେ ଜିଲାପାଳ

ଝାରସୁଗୁଡ଼ା,୨୪।୨(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲାପାଳ କୁଣାଲ ମୋତିରାମ ଚହ୍ୱାଣ ଝାରସୁଗୁଡ଼ା ପୌରପାଳିକା ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ନିର୍ମିତ ହୋଇଥିବା ବହୁମୁଖୀ ପ୍ରେକ୍ଷାଳୟ ପରିଦର୍ଶନ କରିବା ସହ ନିର୍ମାଣ କାର୍ଯ୍ୟର ସମୀକ୍ଷା କରିଛନ୍ତି। ବିଶେଷକରି ସେ ନବନିର୍ମିତ କୋଠାର ଭିତ୍ତିଭୂମି ଏବଂ ଆନୁଷଙ୍ଗିକ ସୁବିଧାର ଅନୁଧ୍ୟାନ କରିଥିଲେ। ସ୍ଥାନୀୟ ବାସିନ୍ଦାଙ୍କ ବିଭିନ୍ନ ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଏହି ବହୁମୁଖୀ ପ୍ରେକ୍ଷାଳୟଗୁଡ଼ିକ ସହାୟକ ହେବ। ଜିଲାପାଳ ଏହି ପରିଦର୍ଶନବେଳେ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ବାକିଥିବା ସମସ୍ତ ନିର୍ମାଣ କାର୍ଯ୍ୟ ଶୀଘ୍ର ଶେଷ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ସମ୍ପୂର୍ଣ୍ଣ ହୋଇସାରିଥିବା ବହୁମୁଖୀ ପ୍ରେକ୍ଷାଳୟଗୁଡ଼ିକୁ ଜିଲାର ୩ଟି ପୌରପାଳିକା କର୍ତ୍ତୃପକ୍ଷଙ୍କୁ ତୁରନ୍ତ ହସ୍ତାନ୍ତର କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହି ପରିଦର୍ଶନ ସମୟରେ ପୌରପାଳିକାର ବରିଷ୍ଠ ଅଧିକାରୀ ଏବଂ ବିଭାଗୀୟ ଯନ୍ତ୍ରୀମାନେ ଉପସ୍ଥିତ ଥିଲେ। ନିର୍ମାଣ କାର୍ଯ୍ୟରେ ସ୍ୱଚ୍ଛତା ଏବଂ ଗୁଣବତ୍ତା ବଜାୟ ରଖିବା ସହିତ ସାର୍ବଜନୀନ ବ୍ୟବହାର ଉପଯୋଗୀ କରିବା ପାଇଁ ସମସ୍ତ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

## କନ୍ୟାଭ୍ରୂଣ ହତ୍ୟା ରୋକିବା ସମ୍ପର୍କିତ ଜିଲାସ୍ତରୀୟ କର୍ମଶାଳା



କର୍ମଶାଳାରେ ଉପସ୍ଥିତ ଅଧିକାରୀ।

ଝାରସୁଗୁଡ଼ା,୨୪।୨(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲାରେ ପ୍ରାକ୍ ଗର୍ଭଧାରଣ ଏବଂ ପ୍ରସବ ପୂର୍ବ ନିଦାନ କୌଶଳ ବା ଲିଙ୍ଗ ଚୟନ ନିଷେଧ ଆଇନର ସଫଳ ରୂପାୟନ ପାଇଁ ଜିଲାସ୍ତରୀୟ କର୍ମଶାଳା ଜିଲା ମୁଖ୍ୟ ଚିକିତ୍ସାଳୟର ବୈଠକ ଗୃହରେ ଅନୁଷ୍ଠିତ ହୋଇଯାଇଛି। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ମହେଶ ମୋହନ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ଜିଲା ଏବଂ ବ୍ଲକ୍‌ସ୍ତରୀୟ ସମସ୍ତ ସରକାରୀ ଅଧିକାରୀଙ୍କୁ ଆଇନର କଡ଼ାକଡ଼ି ଅନୁପାଳନ ଏବଂ କାର୍ଯ୍ୟକାରିତା ସମ୍ପର୍କରେ ସଚେତନ କରାଯିବା ସହ ପ୍ରଶିକ୍ଷଣ ଦିଆଯାଇଥିଲା। ଏଥିରେ ସରକାରୀ ଓକିଲ ବି. ନାଗେଶ୍ୱରୀ, ସହକାରୀ ସରକାରୀ ଓକିଲ ସମୀର ମିଶ୍ର, ଅଧିବକ୍ତା ଆଶିଷ କୁମାର ପଣ୍ଡା, ଜିଲା ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷା ଆନନ୍ଦିନୀ ପାଢ଼ୀ, ସେହଡ଼ା ସଙ୍ଗଠନର ନିର୍ଦ୍ଦେଶିକା ଏବଂ ଏ. ସ୍କୋୟାର ହସ୍ପିଟାଲର ନିର୍ଦ୍ଦେଶିକା ବବିତା ରମାନୀ ଯୋଗଦେଇଥିଲେ। ବିଶେଷକରି କନ୍ୟାଭ୍ରୂଣ ହତ୍ୟା ରୋକିବା, ସମାଜରେ କନ୍ୟା ସନ୍ତାନର ମୂଲ୍ୟ ବୃଦ୍ଧି କରିବା ସହ ଲିଙ୍ଗ ନିରୂପଣ ଭଳି ଅପରାଧକୁ ରୋକିବା ପାଇଁ ସମସ୍ତ ଅଂଶୀଦାରଙ୍କ ସହଯୋଗ କାମନା କରାଯାଇଥିଲା। ଏଥିରେ ଅନ୍ୟତମ ଅତିଥି ଭାବେ ଡା. ରାଧାରମଣ ବିର୍ତ୍ତିଆ ଯୋଗଦେଇ ପିସି ଏବଂ ପିଏନ୍‌ଡିଟି ଆଇନ ଅନୁଯାୟୀ ଅଲ୍‌ଟ୍ରାସାଉଣ୍ଡ କେନ୍ଦ୍ରଗୁଡ଼ିକର ନିରୀକ୍ଷଣ ଏବଂ ପରିଚାଳନା ସମ୍ପର୍କରେ ଆଲୋକପାତ କରିଥିଲେ। ଡା. ଦୁର୍ଜୟ କୁମାର ଦତ୍ତ ସମାଜରେ କନ୍ୟା ସନ୍ତାନର ସମ୍ମାନ ଏବଂ ସୁରକ୍ଷା ବଜାୟ ରଖିବା ପାଇଁ ବିଭିନ୍ନ ସାମାଜିକ ସଙ୍ଗଠନ ଓ ସରକାରୀ ପକ୍ଷର ଭୂମିକା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଯଦି କୌଣସି ବ୍ୟକ୍ତି ବେଆଇନ ବା ଅଣପଞ୍ଜୀକୃତ ଅଲ୍‌ଟ୍ରାସାଉଣ୍ଡ୍ କେନ୍ଦ୍ର ବିଷୟରେ ଠିକ୍ ସୂଚନା ପ୍ରଦାନ କରନ୍ତି, ତେବେ ସରକାରଙ୍କ 'ସୂଚନାଦାତା ପ୍ରୋତ୍ସାହନ ଯୋଜନା' ଅଧୀନରେ ସେହି ବ୍ୟକ୍ତିଙ୍କୁ ୨୫,୦୦୦ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯିବା ପାଇଁ ଘୋଷଣା ହୋଇଥିଲା।

## 'ଝାରସୁଗୁଡ଼ାରେ ବୈଷୟିକ ଦକ୍ଷତା କେନ୍ଦ୍ର ଖୋଲାଯିବ'

ଝାରସୁଗୁଡ଼ା,୨୪।୨(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ାରେ ବୈଷୟିକ ଦକ୍ଷତା କେନ୍ଦ୍ର ଖୋଲାଯିବ। ଏଥିସହ ଆଡ୍‌ଭାନ୍ସ ସ୍କିଲିଂ ପାଇଁ ସମସ୍ତ ବ୍ୟବସ୍ଥା କରାଯିବ ଏବଂ ଝାରସୁଗୁଡ଼ା ଓଡ଼ିଶାର ହବ୍ ହେବ ବୋଲି ଶିଳ୍ପମନ୍ତ୍ରୀ ସମ୍ପଦ ସ୍ୱାଇଁ କହିଛନ୍ତି। ଝାରସୁଗୁଡ଼ା ଜିଲାର ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତାମାନେ ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ନେତୃତ୍ୱରେ ମଙ୍ଗଳବାର ଶିଳ୍ପମନ୍ତ୍ରୀ ସ୍ୱାଇଁଙ୍କୁ ଭୁବନେଶ୍ୱରସ୍ଥିତ ତାଙ୍କ ବାସଭବନରେ ଭେଟି ବିଭିନ୍ନ ବିଷୟରେ ଆଲୋଚନା କରିଛନ୍ତି। ଏହି ସମୟରେ ଶିଳ୍ପମନ୍ତ୍ରୀ ସ୍ୱାଇଁ କହିଛନ୍ତି, ଶିଳ୍ପବହୁଳ ଜିଲା ଝାରସୁଗୁଡ଼ାରେ ସ୍ଥାନୀୟ ଯୁବକଙ୍କୁ ନିଯୁକ୍ତି ପାଇଁ ପ୍ରଥମେ ଦକ୍ଷତା ପ୍ରଦାନ କରାଯିବ। ସେଥିପାଇଁ ଅତିଶୀଘ୍ର ଏକ ଦକ୍ଷତା କେନ୍ଦ୍ର ଖୋଲାଯିବ। ସେହିପରି ଆଇଟିଆଇକୁ ଅପଗ୍ରେଡ୍ କରିବା ସହିତ ଆଡ୍‌ଭାନ୍ସ ସ୍କିଲିଂ ପାଇଁ ସୁଯୋଗ ସୃଷ୍ଟି କରାଯିବ। ପଲିଟେକ୍‌ନିକ୍ ଦ୍ୱାରା ନୂତନ ଶିକ୍ଷା ବ୍ୟବସ୍ଥା ଏବଂ ଅତିଶୀଘ୍ର ବିଟିଏମ୍‌ଠାରେ ଏକ ଭଲ ଶିଳ୍ପ ପ୍ରତିଷ୍ଠା କରିବା ପାଇଁ ଜିଲାବାସୀଙ୍କୁ ଶିଳ୍ପମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ଏଥିସହ ଝାରସୁଗୁଡ଼ାର ବିଭିନ୍ନ ଶିଳ୍ପାନୁଷ୍ଠାନରେ ସ୍ଥାନୀୟ ନିଯୁକ୍ତି କରାଯିବ ବୋଲି ମନ୍ତ୍ରୀ ସ୍ୱାଇଁ ପ୍ରକାଶ କରିଛନ୍ତି। ଆଲୋଚନା ସମୟରେ ବିଧାୟକ ତ୍ରିପାଠୀଙ୍କ ସମେତ ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

## ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ମୁଫ୍ତ ବିଜୁଳି ଯୋଜନା ସଚେତନତା ରଥ ଶୁଭାରମ୍ଭ

ଦେବଗଡ଼,୨୪।୨(ଶଶାଙ୍କ ଶେଖର ଝାଙ୍କର)

ଟିପିଡବ୍ଲ୍ୟୁ ଓ ଜିଲା ପ୍ରଶାସନ ପକ୍ଷରୁ ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ମୁଫ୍ତ ବିଜୁଳି ଯୋଜନା ସଚେତନତା ରଥ ମଙ୍ଗଳବାର ଶୁଭାରମ୍ଭ ହୋଇଛି। ଟିପିଡବ୍ଲ୍ୟୁ ନିର୍ବାହୀଯନ୍ତ୍ରୀ ରାଜୁ ସାହାଙ୍କ ତତ୍ତ୍ୱାବଧାନରେ ବାହାରିଥିବା ସଚେତନତା ରଥକୁ ଜିଲାପାଳ କବୀନ୍ଦ୍ର କୁମାର ସାହୁ, ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ ଶୁଭାରମ୍ଭ କରିଥିଲେ। ଏହି ରଥ ସହର ସମେତ ସମସ୍ତ ପଞ୍ଚାୟତ ପରିକ୍ରମା କରି ସଚେତନତା ବାର୍ତ୍ତା ପ୍ରେରଣ କରିବ। ସମ୍ବଲପୁରର ଅଦୃଶ୍ୟ ନାଟ୍ୟସଂସ୍ଥା ଦ୍ୱାରା ପଥପ୍ରାନ୍ତ ନାଟକ ମାଧ୍ୟମରେ ଲୋକମାନଙ୍କୁ ସଚେତନ କରାଯିବ। ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ଅତିରିକ୍ତ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ କୁମାର ପ୍ରଧାନ, ଆଞ୍ଚଳିକ ପରିବହନ ଅଧିକାରୀ କେଶବ ଚନ୍ଦ୍ର ନାୟକ, ସହକାରୀ ଜିଲାପାଳ ହେମନ୍ତ ସିଂ, ପ୍ରକଳ୍ପ ପ୍ରଶାସିକା ସନ୍ଧ୍ୟା ମାଝୀ, ପୌରପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ରତିକାନ୍ତ ଶୁକ୍ଳା, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାରଙ୍କ ସମେତ ଟିପିଡବ୍ଲ୍ୟୁଓଡିଏଲ୍‌ର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

## ଜିଲା ଯୋଜନା ବୈଠକ

ଦେବଗଡ଼,୨୪।୨(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା କାର୍ଯ୍ୟାଳୟଠାରେ ଜିଲା ଯୋଜନା ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ଅରୁଣ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ପ୍ରଥମେ ମଣ୍ଡଳ ସ୍ତରରେ ଏବଂ ପରେ ଜିଲା, ପ୍ରଦେଶ ସ୍ତରରେ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହେବା ପାଇଁ ବିଚାରବିମର୍ଶ ହୋଇଥିଲା। ଏହି ଯୋଜନା ବୈଠକରେ ମାର୍ଗଦର୍ଶକ ଭାବେ ପ୍ରଦେଶ ଉପସଭାପତି ଡ. ଯତୀନ କୁମାର ମହାନ୍ତି ପ୍ରଶିକ୍ଷଣର ରୂପରେଖ ବିଷୟରେ ଆଲୋକପାତ କରିଥିଲେ। ଜିଲା ଉପସଭାପତି ରଞ୍ଜିତ୍ ପଟେଲ, ତିଲେଇବଣି ପଞ୍ଚାୟତ ସମିତି ଅଧ୍ୟକ୍ଷା ବୃନ୍ଦାବତୀ ଭୋଇ, ଉପାଧ୍ୟକ୍ଷା ଆରତୀ ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ଜିଲା ଉପସଭାପତି ହରମୋହନ ପାଣି, ବିରଞ୍ଚି ବେହେରା, ସମ୍ବଲପୁର ଏମ୍‌ପିଙ୍କ ପ୍ରତିନିଧି ଯୋଗେଶ ପ୍ରଧାନ, ଜିଲା ସାଧାରଣ ସମ୍ପାଦକ ମୀନକେତନ ପ୍ରଧାନଙ୍କ ସମେତ ସମସ୍ତ ମଣ୍ଡଳ ସଭାପତି ଓ ସାଧାରଣ ସମ୍ପାଦକ ଉପସ୍ଥିତ ଥିଲେ। ଜିଲା ଉପସଭାପତି ନିରଞ୍ଜନ ବେହେରା ଧନ୍ୟବାଦ ଦେଇଥିଲେ।

## ସରକାରୀ ଯୋଜନାର ସଫଳ ରୂପାୟନ ପାଇଁ ଅଧିକାରୀ ଯତ୍ନବାନ୍ ହୁଅନ୍ତୁ

**ଜିଲା କୃଷି କାର୍ଯ୍ୟାଳୟ ଓ ମୃତ୍ତିକା ପରୀକ୍ଷା କେନ୍ଦ୍ର ପରିଦର୍ଶନ କଲେ ଜିଲାପାଳ**

ଝାରସୁଗୁଡ଼ା,୨୪।୨(ଆଶିଷ ରଞ୍ଜନ ଦାଶ)



ଜିଲାପାଳ କୃଷି କାର୍ଯ୍ୟାଳୟ ପରିଦର୍ଶନ କରୁଛନ୍ତି।

ଝାରସୁଗୁଡ଼ା ଜିଲାପାଳ କୁଣାଲ ମୋତିରାମ ଚହ୍ୱାଣ ମଙ୍ଗଳବାର ପୂର୍ବାହ୍ନରେ ଜିଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ଏବଂ ମୃତ୍ତିକା ପରୀକ୍ଷା କେନ୍ଦ୍ର ପରିଦର୍ଶନ କରିଛନ୍ତି। ଏହି ସମୟରେ ସେ କାର୍ଯ୍ୟାଳୟର ବିଭିନ୍ନ ବିଭାଗ ବୁଲି ଦେଖିବା ସହିତ କୃଷି ଅଧିକାରୀଙ୍କ ସହ ଜିଲାର କୃଷି କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଆଲୋଚନା କରିଥିଲେ। ବିଶେଷକରି ଚାଷୀଙ୍କ ଜମିରୁ ସଂଗୃହୀତ ମୃତ୍ତିକାର ନମୁନା ଲାବରେଟୋରିରେ କିଭଳି ପରୀକ୍ଷା କରାଯାଉଛି, ସେ ନେଇ ଜିଲାପାଳ ପଚାରି ବୁଝିଥିଲେ। ମୃତ୍ତିକାର ଗୁଣବତ୍ତା ଅନୁଯାୟୀ ଚାଷୀମାନେ କିଭଳି ଉପଯୁକ୍ତ ସାର ଓ ବିହନ ବ୍ୟବହାର କରିବେ, ସେଥିପାଇଁ ସେମାନଙ୍କୁ ତୁରନ୍ତ ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ ଯୋଗାଇଦେବାକୁ ଜିଲାପାଳ ବିଭାଗୀୟ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପରୀକ୍ଷା କେନ୍ଦ୍ରରେ ଥିବା ବିଭିନ୍ନ ଯନ୍ତ୍ରପାତିର ରକ୍ଷଣାବେକ୍ଷଣ ସହ ଲାବରେଟୋରିର ପରିବେଶକୁ ସ୍ୱଚ୍ଛ ରଖିବାକୁ ସେ ଗୁରୁତ୍ୱାରୋପ କରିଛନ୍ତି। ଚାଷୀମାନେ ଯେପରି କୌଣସି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି ଏବଂ ସରକାରୀ ଯୋଜନାର ସଫଳ ରୂପାୟନ ହୁଏ, ସେଥିପ୍ରତି ଯତ୍ନବାନ ରହିବାକୁ ସେ କୃଷି ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି।

## ଜଙ୍ଗଲ ନିଆଁ ନିରାକରଣ ପାଇଁ ସହଯୋଗ ଦରକାର

ଝାରସୁଗୁଡ଼ା,୨୪।୨(ଆଶିଷ ରଞ୍ଜନ ଦାଶ)

ଗ୍ରୀଷ୍ମଋତୁରେ ବୃଦ୍ଧି ପାଉଥିବା ତାପମାତ୍ରା ଓ ଜଙ୍ଗଲ ନିଆଁର ଭୟାବହତାକୁ ଦୃଷ୍ଟିରେ ରଖି ଝାରସୁଗୁଡ଼ା ବନଖଣ୍ଡ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଏନେଇ ମଙ୍ଗଳବାର ସନ୍ଧ୍ୟାରେ ବନଖଣ୍ଡ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଡିଏଫ୍‌ଓ ମନୁ ଅଶୋକ ଭଟ୍ଟ ଜଙ୍ଗଲ ସୁରକ୍ଷା ଓ ଅଗ୍ନି ନିରାକରଣ ପାଇଁ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ। ଜଙ୍ଗଲ ନିଆଁ କେବଳ ପ୍ରାକୃତିକ ସମ୍ପଦ ନଷ୍ଟ କରେ ନାହିଁ, ବରଂ ବନ୍ୟଜନ୍ତୁଙ୍କ ଜୀବନ ବିପନ୍ନ କରିବା ସହ ବାୟୁ ପ୍ରଦୂଷଣ ଓ ଜନବସତି ପାଇଁ ବିପଦ ସୃଷ୍ଟି କରିଥାଏ। ତେଣୁ ଏହାର ପ୍ରତିକାର ନିମନ୍ତେ ଜନସାଧାରଣଙ୍କ ସହଯୋଗ କାମନା କରାଯାଇଛି। ଜଙ୍ଗଲ ନିଆଁକୁ ପ୍ରତିହତ କରିବା ପାଇଁ ବନଖଣ୍ଡ ଅଧୀନରେ ୪୫୬ ଆର୍‌କେଏମ୍ ଫାୟାର ଲାଇନ୍ ନିର୍ମାଣ କରାଯାଇଛି। ନିଆଁ ଲିଭାଇବା କାର୍ଯ୍ୟରେ ତୁରନ୍ତ ସହାୟତା ପାଇଁ ୬୪ଟି ସ୍ୱତନ୍ତ୍ର ଫାୟାର ସ୍କ୍ୱାଡ୍ ମୁତୟନ କରାଯାଇଛି। ଏହି ଟିମ୍‌କୁ ୯୧ଟି ଅଗ୍ନି ନିର୍ବାପକ ଯନ୍ତ୍ର ଓ ୨୭ଟି ନୂତନ ଲିଫ୍ ବ୍ଲୋୟର୍ ଯୋଗାଇ ଦିଆଯାଇଛି। ଜରୁରିକାଳୀନ ପରିସ୍ଥିତିର ମୁକାବିଲା ପାଇଁ ପ୍ରତ୍ୟେକ ରେଞ୍ଜରେ ଗୋଟିଏ ଲେଖାଏ କରି ମୋଟ୍ ୫ଟି ଗାଡ଼ି ନିୟୋଜିତ ହୋଇଛି। ଏଥିସହ ବନଖଣ୍ଡ ସ୍ତରରେ ୯୮୬୧୭୩୫୯୯୫ ନମ୍ବର ବିଶିଷ୍ଟ ୨୪ ଘଣ୍ଟିଆ କଣ୍ଟ୍ରୋଲ୍ ରୁମ୍ କାର୍ଯ୍ୟ କରୁଛି। ବନ ବିଭାଗର ବିଶ୍ଳେଷଣ ଅନୁଯାୟୀ, ଜଙ୍ଗଲ ତଳ ସଫା କରି ମହୁଲ ଫୁଲ ସଂଗ୍ରହ କରିବା ପାଇଁ ନିଆଁ ଲଗାଇବା, କୃଷି ଜମିର ଅବଶିଷ୍ଟାଂଶ ପୋଡ଼ିବା ଏବଂ କେନ୍ଦୁପତ୍ରର ଭଲ ଅମଳ ପାଇଁ ନିଆଁ ଲଗାଇବା ହେଉଛି ଅଗ୍ନିକାଣ୍ଡର ମୁଖ୍ୟ କାରଣ। ଏହାବ୍ୟତୀତ ରାସ୍ତା ଦେଇ ଯାଉଥିବା ପଥିକଙ୍କ ଦ୍ୱାରା ଜଳୁଥିବା ବିଡ଼ି, ସିଗାରେଟ ବା ଦିଆସିଲି କାଠି ଫିଙ୍ଗିବା ଯୋଗୁ ଅନେକ ସମୟରେ ନିଆଁ ଲାଗିଥାଏ। ଗତ ୩ ବର୍ଷର ପରିସଂଖ୍ୟାନ ଅନୁଯାୟୀ, ୨୦୨୫ ମସିହାରେ ସର୍ବାଧିକ ୧୫୨ଟି ଜଙ୍ଗଲ ଭିତର ଫାୟାର ପଏଣ୍ଟ ଚିହ୍ନଟ ହୋଇଥିଲା। ସଚେତନତା ପାଇଁ 'ମୋବାଇଲ ରଥ' ଓ ପ୍ରୋତ୍ସାହନ ବ୍ୟବସ୍ଥା ଜନସଚେତନତା ସୃଷ୍ଟି କରିବା ନିମନ୍ତେ ବନଖଣ୍ଡ ପକ୍ଷରୁ ଏଲ୍‌ଇଡି ସ୍କ୍ରିନ ସଜ୍ଜିତ ଏକ ସଚେତନତା ଗାଡ଼ି ସମ୍ବେଦନଶୀଳ ଗ୍ରାମଗୁଡ଼ିକରେ ପରିଭ୍ରମଣ କରୁଛି। ଗ୍ରାମସ୍ତରରେ ନାଟକ ଓ ପ୍ରଚାରପତ୍ର ମାଧ୍ୟମରେ ଲୋକଙ୍କୁ ଶିକ୍ଷା ଦିଆଯାଉଛି। ବିଶେଷକରି ଯେଉଁ ବନ ସୁରକ୍ଷା ସମିତି ବା ଗ୍ରାମରେ ଜଙ୍ଗଲ ନିଆଁ ଘଟଣା ଘଟିବ ନାହିଁ, ସେମାନଙ୍କ ପାଇଁ ସ୍ୱତନ୍ତ୍ର ପ୍ରୋତ୍ସାହନ ବ୍ୟବସ୍ଥା ରଖାଯାଇଛି। ଜଙ୍ଗଲର ସୁରକ୍ଷା ପାଇଁ କୌଣସି ସ୍ଥାନରେ ନିଆଁ ଦେଖିଲେ ତୁରନ୍ତ ବିଭାଗକୁ ଜଣାଇବାକୁ ବନ ଅଧିକାରୀମାନେ ନିବେଦନ କରିଛନ୍ତି।





ଖବରଦାତା ସମ୍ମିଳନୀରେ ଡିଏଫ୍‌ଓ ସୂଚନା ଦେଉଛନ୍ତି।

**ଜଙ୍ଗଲ ନିଆଁ ନିୟନ୍ତ୍ରଣ ପାଇଁ ପ୍ରସ୍ତୁତି**

- ୬୪ ସ୍ୱତନ୍ତ୍ର ଫାୟାର ସ୍କ୍ୱାଡ୍ ମୁତୟନ
- କାର୍ଯ୍ୟ କରୁଛି ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍

